୬ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲେ ମୀରାବାଈ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୬୫ ● ୨ ଅପ୍ରେଲ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-65 ● 2nd April 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳିତ

# ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଓଡ଼ିଶା ଦିବସ ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ୧୯୩୬ ମସିହାରେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା। ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଇତିହାସ ସୃଷ୍ଟି କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହକୁ ଉଦ୍‌ଘାଟନ କରି ଏହା କହିଛନ୍ତି ।




ଭର୍ଚୁଆଲ ପ୍ଲାଟଫର୍ମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଓଡ଼ିଶା ମାଟିର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ଫକୀର ମୋହନ ସେନାପତି, ପଣ୍ଡିତ ଗୋଦାବରୀଶ ମିଶ୍ର, ମହାରାଜା ହରିହର ମର୍ଦ୍ଦରାଜଙ୍କ ଅସୀମ ତ୍ୟାଗ ଓ ନିରନ୍ତର ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ରଖିଥିବା ମହାମନୀଷୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ, କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ସାହିତ୍ୟ ମହାରଥୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଉଲ୍ଲେଖ କରି ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପରି ସଂଗ୍ରାମୀମାନଙ୍କ ପ୍ରତି ମଧ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଶାର କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି। ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଇ ଓ ଭଉଣୀମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଏ ପବିତ୍ର ଭୂମି ଯୁଗେ ଯୁଗେ ସାରା ବିଶ୍ୱକୁ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାର ବାର୍ତ୍ତା ଦେଇଆସିଛି। ଏ ମାଟି ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିବା ସହ ଆମ ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିଚାଲିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ଏହି ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସଭାପତିତ୍ୱ କରି କହିଲେ ଯେ ଗୌରବମୟ (ପୃଷ୍ଠା ୭ରେ)

# ଏପ୍ରିଲ ୧୫ ଯାଏଁ ତିହାର ଜେଲ୍‌ରେ ରହିବେ କେଜ୍ରିୱାଲ



**ନୂଆଦିଲ୍ଲୀ, ୧।୪**

ଇଡି ରିମାଣ୍ଡ ଅବଧି ଶେଷ ହେବାପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲ ଯାଇଛନ୍ତି। ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଇଡି ହେପାଜତରେ ଥିବା ବେଳେ ସୋମବାର ତାଙ୍କୁ ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ଏହାପରେ କୋର୍ଟ ତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଯାହାପରେ ରାଉଜ ଆଭେନ୍ୟୁ କୋର୍ଟରୁ କେଜ୍ରିୱାଲଙ୍କୁ ତିହାର ଜେଲ ନିଆଯାଇଛି।

ସେପଟେ ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତିହାର ଜେଲ୍‌କୁ ନେବା ପୂର୍ବରୁ ପତ୍ନୀ ସୁନୀତା କେଜ୍ରିୱାଲ ଓ ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ଅତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ସହିତ ଭେଟ କରାଇ ଦେବାକୁ କୋର୍ଟ ଅନୁମତି ଦେଇଥିଲେ।

ରିମାଣ୍ଡ ଅବଧି ଶେଷ ହେବା ପରେ ଇଡି ସୋମବାର କେଜ୍ରିୱାଲଙ୍କୁ ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରିଥିଲା। ଇଡି ତାଙ୍କର ରିମାଣ୍ଡ ପରିବର୍ତ୍ତେ ବିଚାର ବିଭାଗୀୟ ହାଜତ ପାଇଁ ଆବେଦନ କରିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଦନ୍ତରେ ସହଯୋଗ କରୁନାହାଁନ୍ତି ବୋଲି ଅଭିଯୋଗ କରିଥିଲା ଇଡି। (ପୃଷ୍ଠା ୭ରେ)

## ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ଅବକାରୀ କମିଶନରଙ୍କ ଆନ୍ତଃରାଜ୍ୟ ସୀମା ସହଯୋଗ ବୈଠକ

**ଭୁବନେଶ୍ୱର, ୧।୪ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ ସୋମବାର ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ଆନ୍ତଃରାଜ୍ୟ ସୀମା ସହଯୋଗ ବୈଠକ କରିଛନ୍ତି। ଏହି ବୈଠକରେ ପଶ୍ଚିମବଙ୍ଗର ଅବକାରୀ କମିଶନର କୌଶିକ ଭଟ୍ଟାଚାର୍ଯ୍ୟ, ଛତିଶଗଡ଼ର ଅବକାରୀ ସଚିବ ତଥା କମିଶନର ଆର ସଙ୍ଗୀତା ଯୋଗ ଦେଇଥିଲେ। ପଶ୍ଚିମବଙ୍ଗର ସ୍ୱତନ୍ତ୍ର ଅବକାରୀ କମିଶନର, ଯୁଗ୍ମ କମିଶନର, ନୀତି, ଏନଫୋର୍ସମେଣ୍ଟ, ସମ୍ବଲପୁର ଓ ବ୍ରହ୍ମପୁରର ଉପ ଅବକାରୀ କମିଶନର, ବସ୍ତର ଓ ମହାସମୁଦର ଉପ ଅବକାରୀ କମିଶନର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିର ଅବକାରୀ ଅଧୀକ୍ଷକଙ୍କ ସମେତ ଛତିଶଗଡ଼ ଓ ପଶ୍ଚିମବଙ୍ଗ ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

ଆଗାମୀ ଲୋକସଭା ଓ ବିଧାନସଭାର ସାଧାରଣ ନିର୍ବାଚନକୁ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ଗୋପବନ୍ଧୁଙ୍କ ଜନ୍ମପୀଠରେ କାର୍ତ୍ତିକ ପାଣ୍ଡିଆନ

**ଭୁବନେଶ୍ୱର, ୧।୪ : ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଉତ୍କଳ ଦିବସ ଅବସରରେ ଓଡ଼ିଆ ଜାତିର ପୂଣ୍ୟ ଓ ସମର୍ପଣର ପୀଠ ସତ୍ୟବାଦୀ ବ୍ଲକ ଗୋପବନ୍ଧୁଙ୍କ ଏନ୍ତୁଡ଼ିଶାଳ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରିଛନ୍ତି ଆମ ଓଡ଼ିଶା ଓ ନବୀନ ଓଡ଼ିଶା ତଥା ୫-ଟି ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ୍। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋରେ ପହଞ୍ଚିଲା ପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଯେଉଁ ମହାନ ଯୁଗ ପୁରୁଷମାନଙ୍କ ତ୍ୟାଗ ଓ ତୀତିକ୍ଷା ଫଳରେ ଆଜି ଦିନରେ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସେହି ମହା ମନିଷୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସେହି ମହାନ ଯୁଗ ପୁରୁଷମାନେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଜାତିକୁ ପ୍ରେରଣା ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ମତ ପ୍ରକାଶ କରିଥଲେ । ସୁଆଣ୍ଡୋରୁ ଫେରିବା ବାଟରେ ଶ୍ରୀ ପାଣ୍ଡିଆନ୍ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ କରିବା ସହିତ ଗୋପବନ୍ଧୁଙ୍କ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅଭିଳଷିତ ଓଡ଼ିଶା ଗଠନର (ପୃଷ୍ଠା ୭ରେ)

# ଅସହ୍ୟ ତାତିରେ ସିଝୁଛି ଓଡ଼ିଶା : ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର, ୧।୪ : ନ୍ୟୁଜ୍ ବ୍ୟୁରୋ**

ମୁଣ୍ଡଫଟା ଖରା ସାଙ୍ଗକୁ ପ୍ରବଳ ତାତିରେ ଫୁଟୁଛି ସାରା ଓଡ଼ିଶା। ସୋମବାର ରାଜ୍ୟର ୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ତେବେ ୪୦.୪ ଡିଗ୍ରୀ ସହ ବାରିପଦା ଓ ଝାରସୁଗୁଡ଼ା ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି । ସେହିପରି ବଲାଙ୍ଗୀରରେ ୪୦.୩ ଡ଼ିଗ୍ରୀ ସହ ବୌଦ୍ଧ, ନୟାଗଡ, ଭବାନୀପାଟଣା, ତାଳଚେର ଏବଂ ଟିଟିଲାଗଡରେ ତାତି ୪୦ଡିଗ୍ରୀ ଛୁଇଁଛି। ଟ୍ୱିନସିଟି ଭୁବନେଶ୍ୱର ଏବଂ କଟକରେ ୩୯.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଅନ୍ୟପଟେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବ ନାହିଁ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ବର୍ତ୍ତମାନ ରାଜ୍ୟ ଉପରେ କୌଣସି ପାଣିପାଗ ସ୍ଥିତି ନାହିଁ । ମେଘମୁକ୍ତ ଆକାଶ ସମେତ ଶୁଖିଲା ପାଗ ପାଇଁ ତାତି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ୨ ଏବଂ ୩ ତାରିଖ ରାଜ୍ୟରେ ଉଷ୍ମ ରାତି ପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଏବଂ ମାଲକାନଗିରିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



## ହିଟ୍‌ୱେଭ ନେଇ ମୁଖ୍ୟଶାସନ ସଚିବଙ୍କ ଚିଠି

**ଭୁବନେଶ୍ୱର, ୧।୪ : ନ୍ୟୁଜ୍ ବ୍ୟୁରୋ**

ହିଟ୍‌ୱେଭ ନେଇ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ବିଭାଗକୁ ଚିଠି ଲେଖିଛନ୍ତି । ସମ୍ଭାବ୍ୟ ଅଂଶୁଘାତ ଓ ଡାଇରିଆର ପ୍ରତିଷେଧକ ବ୍ୟବସ୍ଥା ପାଇଁ ସବୁ ହସ୍ପିଟାଲ ଓ ବିଭିନ୍ନ ବିଭାଗକୁ ମୁଖ୍ୟ ଶାସନ ସଚିବ ଚିଠି ଲେଖିଛନ୍ତି । ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ମେଡିକାଲଗୁଡିକୁ ଆଗୁଆ ପ୍ରସ୍ତୁତ ରଖିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅଗ୍ନିଶମ ବିଭାଗକୁ ମଧ୍ୟ ପ୍ରସ୍ତୁତ ରହିବାକୁ ଚିଠିରେ ଉଲ୍ଲେଖ କରାଯାଇଛି ।

## ଚୀନକୁ ଜୟଶଙ୍କରଙ୍କ କଟାକ୍ଷ
# ଆପଣଙ୍କ ଘର ନାଁ ବଦଳେଇଦେଲେ ତାହା ମୋର ହୋଇଯିବ କି ?

**ନୂଆଦିଲ୍ଲୀ, ୧।୪**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ସୋମବାର କହିଛନ୍ତି ଯେ ଯଦି ମୁଁ ଆଜି ଆପଣଙ୍କ ଘରର ନାମ ପରିବର୍ତ୍ତନ କରେ, ତେବେ ଏହା ମୋର ହୋଇଯିବ କି ? ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ଥିଲା, ଅଛି ଏବଂ ରହିବ। ନାମ ପରିବର୍ତ୍ତନ କଲେ କିଛି ହୋଇନଥାଏ କି ଏହାର କୌଣସି ପ୍ରଭାବ ପଡିନଥାଏ । ସେଠାରେ (ଏଲ୍‌ଏସିରେ) ଆମ ସେନା ମୁତୟନ ରହିଛନ୍ତି। ବେଜିଂ ଭାରତର ବିଭିନ୍ନ ସ୍ଥାନ ପାଇଁ ୩୦ ଟି ନୂଆ ନାମର ଚତୁର୍ଥ ତାଲିକା ପ୍ରକାଶ କରିବାର ଗୋଟିଏ ଦିନ ପରେ ଜୟଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି । ଅରୁଣାଚଳପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ କାଳ୍ପନିକ ନାମ (ପୃଷ୍ଠା ୭ରେ)



# ଦେଶରେ ବଢ଼ିବନି ଟୋଲ୍ ଦର, ସ୍ପଷ୍ଟ କଲା ସଡ଼କ ପରିବହନ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୧।୪**

ଦେଶର ଡ୍ରାଇଭରଙ୍କ ପାଇଁ ବଡ ଖବର। ସଡକ ପରିବହନ ମନ୍ତ୍ରଣାଳୟ କହିଛି ଯେ ବର୍ତ୍ତମାନ ଦେଶରେ ଟୋଲ୍ ଦରରେ କୌଣସି ପରିବର୍ତ୍ତନ ହେବ ନାହିଁ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଆଚରଣ ବିଧି ଲାଗୁ ହୋଇଥିବାରୁ ଟୋଲ୍ ଦରରେ ଏପର୍ଯ୍ୟନ୍ତ ସଂଶୋଧନ କରାଯିବ ନାହିଁ।

ପୂର୍ବରୁ ଖବର ଆସୁଥିଲା ଯେ ଏପ୍ରିଲ ପହିଲାରୁ ଦେଶର ଅନେକ ସ୍ଥାନରେ ନୂଆ ଟୋଲ ଦର ଲାଗୁ ହେବ। ଲକ୍ଷ୍ନୌ ଏବଂ ଏହାର ଆଖପାଖ ଅଞ୍ଚଳରେ ମଧ ଟୋଲ ଦରରେ ୫ ପ୍ରତିଶତ ବୃଦ୍ଧି ଘୋଷଣା କରାଯାଇଥିଲା। କିନ୍ତୁ ଏବେ ମିଳିଥିବା ସୂଚନା ଅନୁସାରେ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ । ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ଟୋଲ୍ ଦର ସଂଶୋଧନ କରାଯିବ ନାହିଁ ଏବଂ ପୁରୁଣା ଦର ଲାଗୁ ରହିବ । ଟୋଲ ଦେୟ ବଢ଼ିଥିଲେ ତାହା ଆଇଆରବି (ପୃଷ୍ଠା ୭ରେ)




# ଦୁର୍ଗମ ଅଞ୍ଚଳରେ ଖୁସି ଆଣିଛି ଲକ୍ଷ୍ମୀ ବସ୍

**ରାୟଗଡା, ୧।୪ : ନ୍ୟୁଜ୍ ବ୍ୟୁରୋ**

ଦୁର୍ଗମ ଅଞ୍ଚଳରେ ଖୁସି ଆଣିଛି ଲକ୍ଷ୍ମୀ ବସ୍। କମ ଦାମରେ ଆରାମଦାୟକ ଭାବେ ଯାତାୟାତ କରୁଛନ୍ତି ଲୋକ। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ହେଉଛି ଯୋଗାଯୋଗ ସୁଗମ। ରାୟଗଡା ଜିଲ୍ଲାର ୧୮୨ଟି ପଞ୍ଚାୟତରେ ଗଡୁଛି ୩୯ଟି ଲକ୍ଷ୍ମୀ ବସ୍। ଉପକୃତ ହେଉଛନ୍ତି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଆବାଳ ବୃଦ୍ଧବନିତା । ଗ୍ରାମାଞ୍ଚଳର ଚାଷୀ ସହରକୁ ସୁବିଧାରେ ପନିପରିବା ନେଇ କରିପାରୁଛନ୍ତି ବିକ୍ରି । (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖରା ବଢ଼ିଲାଣି ଦିନକୁ ଦିନ
ପଦାକୁ ପାଦ ନକାଢ
ଫୁଟାଣି ମାରିକି ନ ମାନିଲେ କଥା
ସୂରୁଜ ଭାଙ୍ଗିବେ ତୋଡ
ଅମାନିଆ ଢଙ୍ଗଛାଡ
କାମ ଥିଲେ ଜୋତାଛତା ପାଣିନେଇ
ଜିତିବାକୁ ଯାଅ ଗଡ।

# ନିର୍ବାଚନ ଲଢ଼ିବାକୁ ବିରୋଧୀଙ୍କୁ ପ୍ରାର୍ଥୀ ମିଳୁନାହାନ୍ତି !




**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ଲଢ଼ିବା ପାଇଁ ବିରୋଧୀ ଦଳକୁ ପ୍ରାର୍ଥୀ ମିଳୁନାହାନ୍ତି। ଜାତୀୟ ଦଳ ଉଭୟ ବିଜେପି ଏବଂ କଂଗ୍ରେସରେ ଏବେ ଏହି ଅବସ୍ଥା ଦେଖାଦେଇଛି। ଉଭୟ ଦଳରେ ପ୍ରାର୍ଥୀ ମିଳୁନଥିବାରୁ ବାହାରୁ କିମ୍ବା ଅନ୍ୟ ଦଳରୁ ଆସୁଥିବା ନେତାମାନଙ୍କୁ ପ୍ରାର୍ଥୀ କରାଯାଉଛି, ଯାହାକୁ ନେଇ ଦଳର ବରିଷ୍ଠ ନେତା ଓ କର୍ମୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ହେଲେ ଓଡ଼ିଶାରେ ଶାସକ ଦଳ (ବିଜେଡ଼ି) ତରଫରୁ ପ୍ରଥମ ପର୍ଯ୍ୟାୟରେ ୧୫ ଲୋକସଭା ଓ ୭୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇସାରିଛି। ଏହାର ଦିନକ ପରେ ବିଜେପି କେବଳ ତା'ର ୧୮ ଲୋକସଭା ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ବାକିଥିବା ୩ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କଲା। ହେଲେ ଏପର୍ଯ୍ୟନ୍ତ ୧୪୭ ବିଧାନସଭା ଆସନ ପାଇଁ ବିଜେପି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ସକ୍ଷମ ହୋଇପାରିନାହିଁ। ସେହିପରି ଅନ୍ୟତମ ଜାତୀୟ ଦଳ ଭାରତୀୟ ଜାତୀୟ କଂଗ୍ରେସ ମଧ ଏପର୍ଯ୍ୟନ୍ତ ଲୋକସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିପାରି ନାହିଁ। (ପୃଷ୍ଠା ୭ରେ)

# ଓଡ଼ିଶା ଦିବସ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଦିବସ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ଓଡ଼ିଶା ଦିବସ ଅବସରରେ ଓଡ଼ିଶାବାସୀ ତଥା ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶା ତା'ର ବିପୁଳ ପ୍ରାକୃତିକ ସମ୍ପଦ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ସୁପରିଚିତ । ଯେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାର ସାମର୍ଥ୍ୟ ବହନ କରୁଥିବା ଓଡ଼ିଶାର ଜନସାଧାରଣଙ୍କର ରାଜ୍ୟ ତଥା ଦେଶର ବିକାଶରେ ବଡ଼ ଅବଦାନ ରହିଛି । ଶତାବ୍ଦୀ ଶତାବ୍ଦୀ ଧରି ଆଧୁନିକ ଭାରତର ନିର୍ମାତାମାନଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇଛି ଓଡ଼ିଶା । ଅଧିକରୁ ଅଧିକ ସଫଳତା (ପୃଷ୍ଠା ୭ରେ)







# ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ୮୨ତମ ଶହୀଦ ଦିବସ ପାଳିତ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**



ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୨ ତମ ଶହୀଦ ଦିବସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି । ମଣ୍ଡଳ କାରାଗାର ସୁପରିନଟେଣ୍ଡେଣ୍ଟ ଧୀରେନ୍ଦ୍ର ନାଥ ବାରିକ, ଜେଲର ସତ୍ୟ ନାରାଣ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଥମେ କାରାଗାର ମଧ୍ୟରେ ଥିବା ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଥିବା ତୈଳ ଫଟୋଚିତ୍ରରେ ପରେ କାରାଗାର ସମ୍ମୁଖରେ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହିତ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଲକ୍ଷ୍ମଣ ନାୟକଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ବୀର ସାହସୀ ଲକ୍ଷ୍ମଣ ନାୟକ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ଦିନ ଅବିଭକ୍ତ କୋରାପୁଟ ଜିଲ୍ଲା ତେନ୍ତୁଳି ଗୁମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଓ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଦେଶ ସ୍ୱାଧୀନତା ସଂଗ୍ରାମ ଡାକରାରେ ସେ ନିଜକୁ ସାମିଲ କରି ଦେଶ ସ୍ୱାଧୀନତା ନିମନ୍ତେ ନିଜ ଜୀବନକୁ ବାଜି ଲଗାଇ ଥିଲେ ଓ ଇଂରେଜ ସରକାରଙ୍କ ଦ୍ୱାରା ମିଥ୍ୟା ଆରୋପରେ ୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖରେ ମାତ୍ର ୪୩ ବର୍ଷ ବୟସରେ ବ୍ରହ୍ମପୁର ଜେଲରେ ଫାଶୀ ପାଇଥିଲେ ଓ ତାଙ୍କର ସେହି ଦେଶ ମାତୃତ୍ୱ ଏବଂ ସ୍ୱାଧୀନତା ମନୋଭାବ ଆଜି ମଧ୍ୟ ଅମର ହୋଇ ରହିଛି । ଏହି ଅବସରରେ ବହୁ ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏଠାରେ ପ୍ରକାଶ ଥାଉକି ନିର୍ବାଚନ ଆଚରଣ ବିଧିଅନୁପାଳନ ପୂର୍ବକ ଏହାକୁ ପାଳନ କରାଯାଇଥିଲା ।

# କିଛି ବର୍ଷ ମଧ୍ୟରେ ମହାନଦୀ ପାଲଟିଯିବ ମରୁଭୂମି !

**କଣ୍ଟିଲୋ, ନ୍ୟୁଜ୍‌ବ୍ୟୁରୋ**



କୁହାଯାଏ ନଦୀର ମଧ୍ୟ ଜୀବନ ଥାଏ । କିନ୍ତୁ ମହାନଦୀର ସାମ୍ପ୍ରତିକ ସ୍ଥିତି ଦେଖିଲେ ଲାଗେ ଯେ କିଛି ବର୍ଷ ମଧ୍ୟରେ ହୁଏତ ମରୁଭୂମି ପାଲଟିଯିବ । ଓଡ଼ିଶାର ଜୀବନରେଖା ପାଲଟିଥିବା ଚିରସ୍ରୋତା ମହାନଦୀ ବିଗତ ୧୫ରୁ ୨୦ ବର୍ଷ ମଧ୍ୟରେ କ୍ରମାଗତ ଭାବେ ମହାନଦୀ ଗର୍ଭରେ ଜଳପ୍ରବାହ ହ୍ରାସ ପାଇଚାଲିଛି, ଯାହାକି ମହାନଦୀ ଅବବହିକା ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଯେଉଁ ସ୍ଥାନରେ ଗଭୀର ନୀଳଜଳ ଲହଡ଼ି ଭାଙ୍ଗୁଥିଲା ଓ ଡଙ୍ଗାରେ କାତ ପାଉନଥିଲା । ସେହି ସ୍ଥାନ ବର୍ତ୍ତମାନ ବାଲିଗଦାରେ ପରିଣତ ହେଇଗଲାଣି । ନୟାଗଡ଼ ଜିଲ୍ଲାର ଗଣିଆଠାରେ ଭାପୁର ବ୍ଲକ ପର୍ଯ୍ୟନ୍ତ ପ୍ରାୟ ୩୦ କିମିରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ମହାନଦୀ ସ୍ପର୍ଶ କରିଛି । ପୂର୍ବରୁ ମହାନଦୀର ଜଳକୁ ଆଧାର କରି ନଇକୂଳିଆ ଗ୍ରାମ କିଶୋରପ୍ରସାଦ, ସିଧାମୂଳା, ବଡ଼ବାଣପୁର, କଣ୍ଟିଲୋ, ପଥରଚକଡ଼ା, ପଦ୍ମାବତୀ ଗ୍ରାମଗୁଡ଼ିକରେ ଗଢ଼ିଉଠିଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼କ ଅନେକ ଦିନରୁ ଜଳାଭାବ କାରଣରୁ ବନ୍ଦ ହୋଇସାରିଲାଣି । ଏଥି ସହ ବଡ଼ବାଣପୁର ନିକଟରେ ୨୦୦୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବା ୩୦ ଲକ୍ଷର କେ.ଏଫ୍.ଡବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପ ମଧ୍ୟ ବନ୍ଦହେବା ସହ ଖତ ହେଉଛି । ଏହା ଛଡ଼ା ନଇକୂଳିଆ ଗ୍ରାମରେ ବସତି ସ୍ଥାପନ କରି ମହାନଦୀରୁ ମାଛମାରି ଜୀବିକା ନିର୍ବାହ କରୁଥିବା କୈବର୍ତ୍ତ ସମୁଦାୟମାନଙ୍କ ଜୀବନ ଜୀବିକା ମଧ୍ୟ ମହାନଦୀ ଶୁଖିଯିବା କାରଣରୁ ଗଭୀର ଭାବେ ପ୍ରଭାବିତ ହୋଇଛି ।

ନୟାଗଡ଼ ଜିଲ୍ଲାକୁ ମହାନଦୀରୁ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜଳଯୋଗାଣ ଜାରି ରହିଛି, ଯାହାର ଜଳସଂଗ୍ରହ ଉତ୍ସ ଖଣ୍ଡପଡ଼ା ବ୍ଲକ୍ ବଡ଼ବାଣପୁର ଗ୍ରାମ ମହାନଦୀ କୂଳ ନିକଟରେ ରହିଛି । ପୂର୍ବରୁ ସେଠାରେ ଗଭୀର ଜଳରାଶି ରହିଥିବା ବେଳେ ବର୍ତ୍ତମାନ ଇନ୍‌ଟେକ ୱେଲର ଚତୁର୍ପାର୍ଶ୍ୱ ବାଲିଗଦା ପାଲଟିଲାଣି । ଫଳରେ ଆଗାମୀ କିଛି ବର୍ଷ ମଧ୍ୟରେ ଜଳସଂଗ୍ରହରେ ବାଧା ଉପୁଜିବାର ଆଶଙ୍କା ପ୍ରକାଶ ପାଇଛି । ଏହାର ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାନଦୀ ମୁଖ୍ୟ ଜଳ-ଧାରଠାରୁ ଜଳସଂଗ୍ରହ ଉତ୍ସ ନିକଟକୁ ଅସ୍ଥାୟୀ ନାଳ ଖୋଳା କାର୍ଯ୍ୟ ଜାରି ରହିଛି । ମହାନଦୀର ସମ୍ପ୍ରତିକ ସ୍ଥିତିକୁ ଲକ୍ଷ୍ୟ କରି ସ୍ଥାନୀୟ ବୟସ୍କ ବ୍ୟକ୍ତି ପୂର୍ବରୁ କେବେବି ମହାନଦୀର ଅବସ୍ଥା ଏଭଳି ହୋଇନଥିବା ମତ ଦେଉଛନ୍ତି ।

ଉପର ମୁଣ୍ଡରେ ଛତିଶଗଡ଼ ମହାନଦୀରେ ପ୍ରକଳ୍ପ ନିର୍ମାଣ କରି ସ୍ୱାଭାବିକ ଜଳପ୍ରବାହ ରୋକିବା ତଥା ମହାନଦୀ ଅବବାହିକା ଅଞ୍ଚଳରୁ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ମହାନଦୀ ଏବେ ବାଲିଗଦା ପାଲଟିଛି । କେବଳ ବର୍ଷା ୪ ମାସରୁ ୨ମାସ ପାଖାପାଖି ନଦୀଗର୍ଭ ପୂର୍ଣ୍ଣ ରହୁଥିବାବେଳେ ଗ୍ରୀଷ୍ମ ଋତୁରେ ଏହା ଶୁଷ୍କ ହେବାରେ ଲାଗିଛି । ଦୀର୍ଘଦିନ ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ମଧ୍ୟରେ ଛନ୍ଦିହୋଇ ରହିଛି, ଯାହାର ସମାଧାନ ବିଳମ୍ବିତ ପ୍ରକ୍ରିୟା ଟ୍ରିବ୍ୟୁନାଲକୁ ୭ ବର୍ଷ ପୂରିଥିବାବେଳେ ଜଳ ବିବାଦର ସମାଧାନ ରାସ୍ତା ଲମ୍ବିବାରେ ଲାଗିଛି । ଉନ୍ନତ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରାଯାଇ ମହାନଦୀରେ ଭୂତଳ ଜଳସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ନଦୀ ଗର୍ଭରେ ସୃଷ୍ଟି ହୋଇଥିବା ବାଲିଗଦା ଜାଗାରେ ଜଳ ସଂରକ୍ଷଣ କରାଯାଇ ଜଳାଭାବକୁ ଅନେକାଂଶରେ ରୋକାଯାଇପାରନ୍ତା । ସରକାର ମହାନଦୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବେଳ ଥାଉ ଥାଉ ପଦକ୍ଷେପ ନ ନେଲେ ଭବିଷ୍ୟତରେ ସାଙ୍ଘାତିକ ଜଳ ସଂକଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

# ଶବର କନ୍ୟା ଲଳିତା ଓ ବିଦ୍ୟାପତିଙ୍କ ମିଳନ ସ୍ଥଳୀ ଦୋମୁହିଁକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ କାଳିଆ ପଲ୍ଲୀ ଗ୍ରାମ ପରିଦର୍ଶନ କରିବା ସହ ଏଠାରେ ଥିବା ଦୁଇ ନଦୀର ମିଳନ ସ୍ଥଳୀ ଦୋମୁହିଁକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ଦାବି କରିଛନ୍ତି । କାଳିଆ ପଲ୍ଲୀ ଗ୍ରାମ ନିକଟରେ ପ୍ରବାହିତ କୁଆଁରିଆ ଓ କୁସୁମି ନଦୀର ମିଳନ ସ୍ଥଳୀ ଦୋମୁହିଁ ଠାରେ ପୁରାଣ ବର୍ଣ୍ଣିତ ଶବର ରାଜା ବିଶ୍ୱାବସୁଙ୍କ କନ୍ୟା ଲଳିତା ଓ ବିଦ୍ୟାପତିଙ୍କ ଅନାବିଳ ପ୍ରେମ ଫଳରେ ପ୍ରଭୁ ନୀଳ ମାଧବଙ୍କୁ ଦର୍ଶନ କରିବା ସହ ତାଙ୍କୁ ଉଦ୍ଧାର କରିଥିଲେ । କାଳିଆ ପଲ୍ଲୀ ଗ୍ରାମରେ ବାସ କରୁଥିବା ବ୍ୟକ୍ତିମାନେ ଶବର ସଂପ୍ରଦାୟ ଓ ବିଶ୍ୱାବସୁଙ୍କ ବଂଶଧର ବୋଲି ଦାବିକରି ଆସୁଛନ୍ତି । ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ସହ ଜଡିତ ଥିବା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାପାଇଁ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଗଛ ସାର ଅନ୍ତର୍ଯ୍ୟାମୀ ସାହୁ, ଲତା ବେହେରା, କାଳନ୍ଦୀ ମଲିକ, ନଟିଆ ରାଉତ, ଦିଲିପ ବେହେରା, ପୁନ ବେହେରା, ବିଦ୍ୟାଧର ବେହେରା ଓ ସାଗର ଜେନା ପ୍ରମୁଖ ରାଜ୍ୟ ସରକାରଙ୍କ ଠାରେ ଦାବି କରିଛନ୍ତି ।

# ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ୧୮ତମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁରର ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ଜଣାଶୁଣା ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସର ପ୍ରାପ୍ତ ଇଞ୍ଜିନିଅର ଗୁଣନିଧି ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସ୍ଥିତ ମହିମା ମହା ବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପକ ଡ. ତନ୍ମୟ କବି ଓ ହାଇଦ୍ରାବାଦ୍‌ର ଭେଙ୍କଟେଶ୍ୱର ରାଓ ଯୋଗଦେଇ ଓସ୍ତପୁର ଭଳି ଏକ ନିପଟ ମଫସଲ ଅଞ୍ଚଳରେ ୧୭ବର୍ଷ ପୂର୍ବେ ଏକ ମହତ ଉଦ୍ଦେଶ୍ୟରେ ମା’ ବସନ୍ତ କୁମାରୀଙ୍କ ନାମରେ ପ୍ରତିଷ୍ଠା କରାଯାଇ ଥିବା ଏଭଳି ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟରେ ୧୫ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଛି । ଉତ୍ସବ ପରିଚାଳନାରେ ଚକ୍ଷୁ ଚିତ୍ସାଳୟର କର୍ମଚାରୀ ଇତିଶ୍ରୀ ନାୟକ, ସତ୍ୟବ୍ରତ ସିଂ, ଏ.ଏନ.ଏମ. ବନିତା ଧନି, ବିଶ୍ୱରଞ୍ଜନ ନାୟକ, ରଞ୍ଜନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଚିକିତ୍ସାଳୟର ଡା. ସରୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ନିରଞ୍ଜନ ପରିଡା, ଫକୀର ଚରଣ ଖଟୁଆ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ଓକିଲ ମନୋଜ କୁମାର ସାହୁ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଧବଳେଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ପଞ୍ଚାୟତର ପାଣି–କୋଇଲି ଧବଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୨୯ତମ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନାମଯଜ୍ଞରେ ଟିକର, କୁଆଖିଆ, କେଉଟନଗ୍ରୁହଆଁ, ହଳଦୀଗଡ଼ିଆ, ନୁରୁଗାଁ ଆଦି କୀର୍ତ୍ତନ ଦଳ ଭାଗ ନେଇ ନାମ ସଂକୀର୍ତ୍ତନ କରିଥିଲେ । ମୁଖ୍ୟ ପୁରୋଧା ଭାବେ ଅନନ୍ତ ରଣା ଯଜ୍ଞ କଳସ ବୁଡ଼ାଇଥିବା ବେଳେ ବଟକୃଷ୍ଣ ସ୍ୱାଇଁ, ଅଭିନ ସେଠୀ, ଅକ୍ଷୟ ବେହେରା, ସୁରେଶ ରଣା, ରମେଶ ରଣା, ଅନିରୁଦ୍ଧ ରଣା, କପିଳେଶ୍ୱର ରଣା, ଭୀମସେନ ବେହେରା ପ୍ରମୁଖ ଗୌରଭକ୍ତ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀଜଗନ୍ନାଥ ଲୀଳା ତତ୍ତ୍ୱକଥା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ୍ ସରପଡ଼ା ଗ୍ରାମପଞ୍ଚାୟତ ଖଣ୍ଡସାହି ଗ୍ରାମର ଗ୍ରାମଦେବତୀ ମା’ଖଣ୍ଡାଖାଇଙ୍କ ବିଜେସ୍ଥଳୀରେ ୫ଦିନ ବ୍ୟାପୀ ସ୍କନ୍ଧ ପୁରାଣ ଆଧାରିତ ଶ୍ରୀଜଗନ୍ନାଥ ଲୀଳା ତତ୍ତ୍ୱକଥା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖ ଠାରୁ ଆରମ୍ଭ ହୋଇ ୮ ତାରିଖ ରାତ୍ରରେ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହେବ । ଏହି କାର୍ଯ୍ୟକ୍ରମରେ ଭାରତ ବର୍ଷର ବହୁ ଖ୍ୟାତନାମା ସାଧୁସନ୍ଥ, ଚିନ୍ମୟ ମିଶନ ପାତିଆଲା ପଞ୍ଜାବ ଶାଖାର କାର୍ଯ୍ୟରତ ପ୍ରଧାନ ଆଚାର୍ଯ୍ୟ ସ୍ୱାମୀ ଶ୍ରୀ ମାଧବାନନ୍ଦ ସରସ୍ୱତୀ ଯୋଗଦାନ କରି ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟ ରହିଛି । ଏହି ଅବସରରେ ପ୍ରତ୍ୟହ ରାତ୍ରରେ ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥଙ୍କ ଲୀଳା ତତ୍ତ୍ୱକଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଡାକ୍ତର ଗଗନ ବିହାରୀ ଦାଶ, ସୁଧାଂଶୁ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ସ୍ୱାଇଁ, ଗୁଣନିଧି ମହାନ୍ତି, ବିଷ୍ଣୁରାଜ ବେହେରା, ସରୋଜ ସାମଲ, ରବିନ୍ଦ୍ର ସାମଲ, ଧିରେନ୍ଦ୍ର ମହାନ୍ତି, କୈଳାସ ମହାନ୍ତି, ସଚ୍ଚିଦାନନ୍ଦ ସ୍ୱାଇଁ, ଶିବପ୍ରସାଦ ସାମଲ, ହରେକୃଷ୍ଣ ଦାସ, ଚଣ୍ଡି ପ୍ରସାଦ ମିଶ୍ର, ମଳୟ କୁମାର ଦାଶ, ପ୍ରଦିପ୍ତ କୁମାର ମିଶ୍ର, ହରିପ୍ରସାଦ ଦିକ୍ଷିତ, ଘନଶ୍ୟାମ ବାରିକ, ନିରଞ୍ଜନ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ନିମନ୍ତେ ଆଲୋକପାତ କରିଥିଲେ ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀରରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ପ୍ରଥମ ବର୍ଷ କଳା ଓ ବିଜ୍ଞାନର ପ୍ରାୟ ୭୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଗତ ମାର୍ଚ୍ଚ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବରେ ରେଖା ମନହୀରା ଓ ଭଗବତୀ ଭୋଇ ଯୋଗ ଦେଇ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଆତ୍ମସୁରକ୍ଷା କ୍ଲବର ଅଧିକାରିଣୀ ଅଧ୍ୟାପିକା ସୁଶ୍ରୀ ସଂଗୀତ ଦାସ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମର ସୁପରିଚାଳନାର ଦାୟିତ୍ୱ ଅଧ୍ୟାପକ ଡଃ ସଦାଶିବ ମଲ୍ଲିକ ବହନ କରିଥିଲେ ଓ ଅଧ୍ୟାପକ ଅଜିତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବେଆଇନ ରତ୍ନ ପଥର ଖନନ ହେଲା କାଳ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସହରର ମହାନଦୀ ଗର୍ଭରେ ଥିବା ଦ୍ୱୀପ ଗ୍ରାମ କୁଲାରିକୁଦ ଠାରେ କିଛି ଲୋକ ମିଶି ବେଆଇନ ଭାବେ ରତ୍ନପଥର ଖନନ କରୁଥିଲେ । ଜଣେ ଯୁବକ ନଦୀ ପାଣି ଭିତରୁ ଏକ ବଡ଼ ପଥର ତଳୁ ରତ୍ନପଥର ସଂଗ୍ରହ କରୁଥିବା ବେଳେ ପଥରଟି ଖସିଯିବାରୁ ତା’ ତଳେ ଚାପି ହୋଇ ଯାଇଥିଲେ । ଫଳରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା । ଭୟରେ ସାଥୀ ସଂଗ୍ରହକାରୀମାନେ ଏନେଇ କାହାକୁ କିଛି ଜଣାଇନଥିଲେ । ବିଳମ୍ବିତ ରାତିରେ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳକୁ ଯାଇଥିଲେ ବି ଉଦ୍ଧାର କରି ପାରିନଥିଲେ । ମୃତ ଯୁବକ ଜଣକ ହେଲେ ଅନୁଗୁଳ ଜିଲା ଆଠମଲ୍ଲିକ ବ୍ଲକ ବରଡ଼ାକଟା ଗ୍ରାମର ସୁଶାନ୍ତ ଝାଙ୍କର । ଶ୍ରମିକଙ୍କୁ ଲଗାଇ ବୌଦ୍ଧ ମହାନଦୀ ଭିତରୁ ବେଆଇନ ଭାବେ ଚୋରାରେ ଚାଲିଥିଲା ରତ୍ନ ପଥର ଖନନ । ହେଲେ ଦୁର୍ଯୋଗକୁ ଏକ ପଥର ସନ୍ଧିରେ ଗଭୀର ଗର୍ତ୍ତକରି ପଥର ଖନନ ପ୍ରକ୍ରିୟା ଚାଲିଥିବା ବେଳେ ଘଟିଯାଇଛି ଏକ ବଡ଼ ଧରଣର ଅଘଟଣ । ଖନନ କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକଙ୍କ ଉପରେ ମାଡ଼ି ବସିଲା ଏକ ବିଶାଳକାୟ ପଥର । ତେବେ ସୌଭାଗ୍ୟକୁ ସେହି ସମୟରେ କାମ ବନ୍ଦକରି ଅଳ୍ପ ଦୂରରେ ଖିଆପିଆ କରିବାକୁ ଆସିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ୧୦ରୁ ୧୨ ଜଣ ଶ୍ରମିକ । ମାତ୍ର ଏକଥା ଲୋକଲୋଚନକୁ ନଆସିବା ପାଇଁ ଅତି ଗୋପନୀୟତାର ସହିତ ଉଦ୍ଧାର କାର୍ଯ୍ୟ ସଫଳ ନହେବାରୁ ଶେଷରେ ବୌଦ୍ଧ ଅଗ୍ନିଶମ ବିଭାଗର ସହାୟତା ଲୋଡ଼ାଗଲା । ଘଟଣାସ୍ଥଳକୁ ରାତି ୧୦ଟାରେ ରେସକ୍ୟୁ ଅପରେସନ ଆରମ୍ଭ କରିଥିଲା ଅଗ୍ନିଶମ ବାହିନୀ । ତେବେ ଏତେ ବଡ଼ ବିଶାଳକାୟ ପଥରକୁ ହଟାଇବାକୁ ଅସଫଳ ହେବାରୁ ବାଧହୋଇ ଶେଷରେ ରେସ କ୍ୟୁ ଅପରେସନକୁ ବନ୍ଦକରି ଫେରିଥିଲା ଅଗ୍ନିଶମ ବାହିନୀ ।

# ପ୍ରଥମ ଥର ବାରୁଣୀ ବୁଡ଼ରେ ପାଣି ସଂକଟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ଗ୍ରୀଷ୍ମ ଆରମ୍ଭରୁ ଗଞ୍ଜାମ ଜିଲ୍ଲାରେ ଜଳ ସଂକଟ ଉଗ୍ର ରୂପ ନେଲାଣି । ଅଧିକାଂଶ ନଇ, ପୋଖରୀ ଶୁଖି ଗଲାଣି । ସେହିପରି ଗଞ୍ଜାମ ଜିଲ୍ଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ନଦୀ ମଧ୍ୟ ଶୁଖିଲା ଗାଁ ଗାଁରେ ଜଳ ସଂକଟ ଉତ୍କଟ ହୋଇଛି । ପ୍ରତିଦିନ କେଉଁଠି ନା କେଉଁଠି ପାଣି ପାଇଁ ହାଣ୍ଡିମାଠିଆ ଧରି ବିକ୍ଷୋଭ, ରାସ୍ତାରୋକ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଋଷିମାଳ ପର୍ବତମାଳାରୁ ବାହାରିଥିବା ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲ୍ଲାରେ ୧୬୫ କିଲୋମିଟର ଅତିକ୍ରମ କରି ସମୁଦ୍ରରେ ମିଶିଛି । ଋଷିକୁଲ୍ୟା ଉପରେ ଗଞ୍ଜାମ ଜିଲ୍ଲାବାସୀ ଜଳସେଚନ ଓ ପାନୀୟ ଜଳ ପାଇଁ ନିର୍ଭରଶୀଳ ଏବେ ଋଷିକୁଲ୍ୟା ଶଯ୍ୟା ଅଧିକାଂଶ ସ୍ଥାନରେ ଶୁଖିଲା ପଡ଼ିଛି । ପାର୍ଶ୍ୱବର୍ତ୍ତୀ ନଦୀତଟ ଅଞ୍ଚଳରେ ଭୂତଳ ଜଳସ୍ତର କମିବା ସହିତ ପାନୀୟଜଳ ସମସ୍ୟା ମଧ୍ୟ ଦେଖା ଦେଲାଣି । ଆଉଦୁଇ ମାସ ପ୍ରଚଣ୍ଡ ଖରା ହେବ । ଏଣୁ ତାତି ବଢ଼ିବା ସହ ଜିଲ୍ଲାରେ ଜଳ ସମସ୍ୟା ଉତ୍କଟ ହେବା ନେଇ ଆଶଙ୍କା କରାଯାଉଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦିନକୁଦିନ ଅଧିକ ଖରା ଓ ଗରମ ଅନୁଭବ ହେଉଛି । ସେହିପରି ଜଙ୍ଗଲ ନଷ୍ଟ ଯୋଗୁ ବର୍ଷାର ପରିମାଣ ମଧ୍ୟ କମୁଛି, ଏଥିପାଇଁ ନଈନାଳ ଶୁଖି ଯାଉଛି ।

ଋଷିକୁଲ୍ୟା ନଦୀର ପାଣି ଯେ କେବଳ ଜଳସେଚନ ଓ ପାନୀୟ ଜଳ ପାଇଁ ବ୍ୟବହାର ହୋଇଥାଏ ତାହା ନୁହେଁ, ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟ ଏହାର ପାଣି ଉପରେ ନିର୍ଭର କରିଥାନ୍ତି । ଋଷିକୁଲ୍ୟାରେ ପ୍ରତିବର୍ଷ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥାନ୍ତି । ଚଳିତ ବର୍ଷ ଆସନ୍ତା ୬ତାରିଖରେ ବାରୁଣୀ ସ୍ନାନ ପଡୁଥିବା ବେଳେ ଋଷିକୁଲ୍ୟାରେ ପାଣି ନାହିଁ । ବିଶେଷ କରି ଆସିକାସ୍ଥିତ ଋଷିକୁଲ୍ୟା ଘାଟ, ପୁରୁଷୋତ୍ତମପୁର ଓ ପ୍ରତାପୁର ଘାଟରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥାନ୍ତି । ହେଲେ ଋଷିକୁଲ୍ୟାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଣି ନଥିବାରୁ ବାରୁଣୀ ସ୍ନାନ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା କରାଯାଉଛି । ଚଳିତ ବର୍ଷ କେତେକ ସ୍ଥାନରେ ନଦୀ ପୂରା ଶୁଖିଯାଇ ଗୋଟିଏ ପଳତା ଧାର ଦେଇ ପାଣି ଯାଉଛି । ଋଷିକୁଲ୍ୟାରେ ୬ଟି ନଦୀର ପାଣି ପଡୁଛି । ତଥାପି ସେହି ପାଣିର ସଦ୍‌ବିନିଯୋଗ କରାଯାଇ ପାରୁ ନାହିଁ । ଫଳରେ ଖରାଦିନରେ ଋଷିକୁଲ୍ୟା ନଦୀ ସମ୍ପୂର୍ଣ୍ଣ ଶୁଖିଯାଉଛି । ବର୍ତ୍ତମାନ ରାଜ୍ୟ ସରକାର ସୋରଡ଼ା ବ୍ଲକ୍‌ରେ ପ୍ରସ୍ତାବିତ ପିପଳପଙ୍କା ଡ୍ୟାମ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି । ଏଥିପାଇଁ ପ୍ରାୟ ୧ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି । ସେହିପରି ଅନ୍ତଃନଦୀ ଜଳାଶୟ ଯୋଜନାରେ ଋଷିକୁଲ୍ୟାର ସୋରଡ଼ା ନିକଟସ୍ଥ ସିଙ୍ଗିପୁରଠାରେ ବ୍ୟାରେଜ୍ ତିଆରି କରାଯିବ । ଏହା ସହିତ ଛତ୍ରପୁର ବ୍ଲକ୍‌ର କଂସାରୀଗଣ୍ଡରେ ଋଷିକୁଲ୍ୟାରେ ମଧ୍ୟ ଏକ ବ୍ୟାରେଜ୍ ନିର୍ମାଣ ହେବ । ଏହା କାର୍ଯ୍ୟକାରୀ ହେବା ପରେ ଋଷିକୁଲ୍ୟାର ପାଣି ସଂରକ୍ଷିତ ରଖାଯାଇ ପାରିବ ବୋଲି ଆଶା କରାଯାଉଛି ।

# ଆନନ୍ଦପୁର ଓକିଲ ସଂଘ ନିର୍ବାଚନ : ସଭାପତି ଚିତ୍ତରଞ୍ଜନ, ସଂପାଦକ ଭଗବାନ

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେଇଯାଇଛି । ୧୮୪ ସଦସ୍ୟ ବିଶିଷ୍ଟ ଆନନ୍ଦପୁର ଓକିଲ ସଂଘର ସଦସ୍ୟଙ୍କ ମଧ୍ୟରୁ ୧୬୭ଜଣ ୩୦ ତାରିଖ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ । ମୋଟ ୧୨ ଜଣଙ୍କ ପ୍ରାର୍ଥୀ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ସଭାପତି ପଦ ପାଇଁ ଦୟାନିଧି ୪ର୍ଥ ଥର ପାଇଁ ନିର୍ବାଚନ ମଇଦାନରେ ଥିବା ବେଳେ ୮୧ ଖଣ୍ଡ ଭୋଟ୍ ପାଇଛନ୍ତି । ବରିଷ୍ଠ ଓକିଲ ଚିତ୍ତରଞ୍ଜନ ଦାଶ ୮୨ଖଣ୍ଡ ଭୋଟ୍ ପାଇ ସଭାପତି ପଦ ହାତେଇଥିବା ବେଳେ ଅନ୍ୟତମ ସଭାପତି ପ୍ରାର୍ଥୀ ଭାବେ କୁଳମଣି ସେଠୀ ଖଣ୍ଡେ ଭୋଟ ପାଇଛନ୍ତି । ସଭାପତି ପଦରେ ଅନେକ ଦିନ ପୂର୍ବେ ଚିତ୍ତରଞ୍ଜନ ଦାଶ ପ୍ରାର୍ଥୀଭାବେ ନିର୍ବାଚନ ଜିତିଥିବା ବେଳେ ଚଳିତ ବର୍ଷ ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ଖଣ୍ଡେ ଭୋଟ୍‌ରେ ସମସ୍ତଙ୍କ ପ୍ରିୟପାତ୍ର ହୋଇ ଜିତିଛନ୍ତି । ସେହିପରି ସମ୍ପାଦକ ପଦ ପାଇଁ ଭୁବନେଶ୍ୱର ଜେନା ୫୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଭଗବାନ ମଲିକ ୧୦୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । କୋଷାଧ୍ୟକ୍ଷ ଭାବେ ଅଶୋକ ରାଉଳ ୬୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ଅମୀୟ ଜେନା ୯୧ ଖଣ୍ଡ ଭୋଟ୍ ପାଇ ନିଜ ପ୍ରତିଦ୍ୱନ୍ଦିତା ଠାରୁ ବିଜୟଲାଭ କରୁଛନ୍ତି । ସେହିପରି ସଦସ୍ୟ-ଭାବେ ଶୈଳେଶ ପଟ୍ଟନାୟକ, ଜୁମର ସିଂ ମହାନ୍ତି, କହ୍ନେଇ ଚରଣ ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବେ, ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି । ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ୩୦ ତାରିଖରେ ସକାଳ ୮ ଘଟିକାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା । ଉକ୍ତ ଦିନ ଅପରାହ୍ଣ ୪ ଘଟିକାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇ ଥିବା ଜଣାପଡ଼ିଛି ।

# ଓଏଫଡିସି ପକ୍ଷରୁ ଜିଲ୍ଲା ଚିକିତ୍ସାଳୟରେ ଉପକରଣ ପ୍ରଦାନ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ ଜୟପୁର ତରଫରୁ ଆଜି ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପକରଣ ପ୍ରଦାନ କରାଯାଇଛି । ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ ତରଫରୁ ଚିକିତ୍ସା ଉପକରଣ ପ୍ରଦାନ କରା ଯାଇଛି । ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡର ଖଣ୍ଡିଅ ପରିଚାଳକ ସୌଭାଗ୍ୟ ଆନନ୍ଦ ଉପସ୍ଥିତ ରହି ପ୍ରଦାନ କରିଥିଲେ । ୧୦ଟି ହୁଇଲ ଚାୟାର, ୬ଟି ଷ୍ଟେଚର ବେଡ ପ୍ରଦାନ କରା ଯାଇଛି । ଡିଏମଓ ଦାୟିତ୍ୱରେ ଥିବା ଡାକ୍ତର ଦିଲ୍ଲିପ କୁମାର ବିଶ୍ୱାଳଓ ହସପିଟାଲ ମ୍ୟାନେଜର ତଥାଗତ ଦାସ ଉପକରଣ ଗ୍ରହଣ କରିଥିଲେ । ଏହି ଉପକରଣ ଜିଲା ଚିକିତ୍ସାଳୟରେ ରୋଗିଙ୍କ ପାଇଁ ବ୍ୟବହାର କରାଯିବ । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡୀୟ ପରିଚାଳକ ରାଜେନ୍ଦ୍ର ନାରାୟଣ ଷଡଙ୍ଗିଙ୍କ ସହ ଜିଲା ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କନିମୁଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ପ୍ରଣବ କୁମାର ସାହୁଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶିଶୁ ଆଶ୍ରମର ଗୀତା ମିଶନର ଅଧକ୍ଷ ଡଃ. ଚିଦାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ମା’ ଭାରତୀ, ମା’ ସରସ୍ୱତୀଙ୍କ ଫଟୋରେ ଧୂପ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବ୍ଲକ୍ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆଦିକବି ସାରଳାଦାସ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପ୍‌ଟେନ ଜ୍ଞାନଜ ସାମନ୍ତରାୟ, ବିଶିଷ୍ଟ ବକ୍ତା ଭାବେ ବାୟା ଅବଧୂତ ମହାବିଦ୍ୟାଳୟ ଉପରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅଧ୍ୟାପକ ଡଃ. ବିବେକାନନ୍ଦ ସିଂହ, ରାହାମା ସଂକୁଳ ପ୍ରମୁଖ ଅମରଜ୍ୟୋତି ସାହୁ, ଅନୁଷ୍ଠାନର ସମ୍ପାଦକ ସୁଧୀର ପଟ୍ଟନାୟକ, ଉପସଭାପତି ଅଭୟ ଦାଶ, ପ୍ରଧାନ ଆଚାର୍ଯ୍ୟା ସୁରଭି ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାମାରୀ କରୋନା ସମୟରେ ବିଦ୍ୟାମନ୍ଦିରରେ ପିଲାମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ାରେ ଓ କାର୍ଯ୍ୟରେ ସହଯୋଗ କରିଥିବା କରୋନା ଯୋଦ୍ଧାମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ସୁରଭି ପୃଷ୍ଟି, ମିନାକ୍ଷୀ ସାହୁ, ସଲିଳ କୁମାର ମହାପାତ୍ର, ନୃସିଂହ ଚରଣ ପତି, ପ୍ରୀତିଲତା ମଲ୍ଲ, ରଶ୍ମିତା ସାହୁ, ପ୍ରଜ୍ଞା ପରମିତା ସାହୁ, ସସ୍ମିତା ଜେନା, ସୁଶ୍ରୀ ଜୁଲିପ୍ରିୟା ଖୁଣ୍ଟିଆ, ପୁଷ୍ପଲତା ରାଉତ, କର୍ମଚାରୀ କାଞ୍ଚନବାଳା ଦଳାଇ ଓ କୃତି ପ୍ରତିଭାଧାରୀ କୁନି କୁନି ପିଲାମାନଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରା ଯାଇଥିଲା । ଉଦ୍‌ଘାଟକ, ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ବିଶିଷ୍ଟ ଅତିଥିମାନେ ଉପସ୍ଥିତ କୁନି କୁନି ପିଲାମାନଙ୍କୁ ଓ ସେମାନଙ୍କ ପିତାମାତାଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ପିଲାମାନେ ଆଗକୁ କେମିତି ବଢିବେ, ଭଲ ମଣିଷ ହେବେ ସେ ବିଷୟରେ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ । ପିତାମାତା, ଗୁରୁଜନମାନଙ୍କୁ ସମ୍ମାନ ଦେବା, ଗୁରୁମାନଙ୍କୁ ପୂଜା କରିବା ଆଦି ମହତ୍ ଉପଦେଶ ଦେଇଥିଲେ । ନିୟମିତ ଯୋଗ, ବ୍ୟାୟାମ, ପ୍ରାଣାୟାମ ଦ୍ୱାରା ଶାରୀରିକ, ମାନସିକ ଓ ଭୌତିକର ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଇଁ ପରାମର୍ଶ କରିଥିଲେ । ଅତିଥିମାନଙ୍କ ଦ୍ୱାରା ସିରସ୍ତା ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଣ୍ଠ ଓ ଛତ୍ରମଠ ଶିଶୁ ବିଦ୍ୟାମନ୍ଦିର ରମେଶ ଜେନାଙ୍କ ସମେତ ଅନ୍ୟ ମାନ୍ୟଗନ୍ୟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୁରୁମା ପୂର୍ଣ୍ଣିମା ମହାନ୍ତି, ସସ୍ମିତା ସିଂହ, ପ୍ରଣତି ସେଠି, ସୁଶ୍ରୀ ଶଶୀରେଖାଙ୍କ ସମେତ ଗୁରୁମା ଗୁରିଜି ମାନେ ପରିଚାଳନା କରିଥିଲେ । ପରେ ବିଦ୍ୟାମନ୍ଦିରର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନଆଚାର୍ଯ୍ୟ ଶ୍ରୀମତୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧ୍ୟାତ୍ମିକ ପରିବେଶରେ ଆରମ୍ଭ ହେଲା ମା’ ଭୈରବୀ ଗୁହାରିଆ ଦଣ୍ଡ ଯାତ୍ରା

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ ଗୁମାଗଡ଼ର ପ୍ରସିଦ୍ଧ ଦଣ୍ଡ ନୃତ୍ୟ ଓଁ ଶ୍ରୀ ବାବା ମହାକାଳ ମା’ ଭୈରବୀ (ଅଗ୍ନି) ଗୁହାରିଆ ଦଣ୍ଡ ଫୁଲବାଣୀ ସ୍ଥିତ ପିଅନପଡ଼ା ଅଞ୍ଚଳର ଭଞ୍ଜସାହିରେ ଆଧ୍ୟାତ୍ମିକ ପରିବେଶରେ ଆରମ୍ଭ ହୋଇଛି । ଏହି ଦଣ୍ଡ ର ମୁଖ୍ୟ ବିଶେଷତ୍ୱ ହେଲା ଏଥିରେ ଅଂଶଗ୍ରହଣ କରିଥିବା ସେବାୟତ ଦଣ୍ଡୁଆମାନେ ଅଗ୍ନିରେ ଚାଲନ୍ତି । ଏହି ପାରମ୍ପରିକ ଦଣ୍ଡ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ୧୩ ଦିନ ମା’ ଭୈରବୀ ଓ ଦେବଦେବ ମହାକାଳ ୧୩ ଭୁକୁତା ଓ ମାନସିକ ପୂରଣ ନିମନ୍ତେ ପଇତା ଧାରି ସେବାୟତଙ୍କ ସହ ଭକ୍ତମାନଙ୍କ ଘରକୁ ଯାତ୍ରା କରିଥାନ୍ତି । ସମସ୍ତ ଦଣ୍ଡୁଆ ପ୍ରତ୍ୟେକ ଦିନ ଏକ ଓଳା ଭୋଜନ ଗ୍ରହଣ କରିଥାନ୍ତି । ଦିନ ୧୨ଟା ପରେ ଭକ୍ତଙ୍କ ଘର ସମ୍ମୁଖରେ ଧୂଳି ଦଣ୍ଡ ଅନୁଷ୍ଠିତ ହୁଏ । ସେହି ସମୟରେ ପଇତା ଧାରିକୁ ମାନସିକ ଭକ୍ତମାନେ ବିଭିନ୍ନ ଦଣ୍ଡ ଗ୍ରହଣ କରି ସେବା କରିବା ସହ କଳାକାର ବହୁତ ସୁନ୍ଦର ଅଭିନୟ ସହ ନୃତ୍ୟ କରିଥାନ୍ତି । ମା’ଙ୍କୁ ବରଣ କରିଥିବା ଭକ୍ତ ଦାଣ୍ଡରେ ମା’ଙ୍କ ଦଣ୍ଡ ନାଚ ଅନୁଷ୍ଠିତ ହୋଇଥାଏ । ପୁରାଣ ଶାସ୍ତ୍ର ଅନୁସାରେ ପୁରାତନ ଲୋକ ପରମ୍ପରାକୁ ନାଚ ଗୀତ ମାଧ୍ୟମରେ ପରିବେଷଣ କରାଯାଇଥାଏ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଅପ୍ରେଲ ୨୦୨୪ ମଙ୍ଗଳବାର





# ସୁକାନ୍ତଙ୍କ ଘର ବାହୁଡ଼ା: ଦୁଲୁକୁଛି ନୀଳଗିରି ରାଜନୀତି

**ବାଲେଶ୍ୱର, ନ୍ୟୁଜ୍**

ଦୀର୍ଘ ପାଞ୍ଚ ବର୍ଷର ବ୍ୟବଧାନ ପରେ ପୁଣି ନିଜର ପୁରୁଣା ଦଳ ବିଜେଡିକୁ ଫେରି ଆସିଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ । ଗତ ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେବର ନୀଳଗିରିର ବିଜେଡି ବିଧାୟକ ସୁକାନ୍ତ ହଠାତ୍ ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ । ବିଜେପିରୁ ଟିକେଟ ପାଇ ସେ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ । ବିଜୁ ବାବୁଙ୍କର ଅନୁରକ୍ତ ସୁକାନ୍ତ ବିଜେପିରେ ଥାଇ ମଧ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟରେ ଊଣା କରିନାହାନ୍ତି । ସେ ବିଜେପିରେ ଅଣନିଃଶ୍ୱାସୀ ହୋଇଗଲେଣି ବୋଲି ବେଳେ ବେଳେ କଥା ପ୍ରସଂଗରେ କହୁଥିଲେ ମଧ ନର୍ବାଚନର ଠିକ୍ ପୂର୍ବରୁ ରବିବାର ଶଙ୍ଖ ଭବନରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ଶିକ୍ଷ, ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ସୁକାନ୍ତଙ୍କର ଘରବାହୁଡା ପର୍ବ ସମାପନ ହୋଇଛି । ଦଳକୁ ବାହୁଡିବା ପରେ କ୍ଷମତାସୀନ ବିଧାୟକ ବା ସିଟିଂ ଏମଏଲଏ ଭାବରେ ଟିକେଟ ଦୌଡରେ ସେ ବହୁଦୂର ଆଗକୁ ଚାଲି ଯାଇଛନ୍ତି । ଅନ୍ୟପକ୍ଷରେ ଗତଥରର ବିଜେଡି ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ବିଜେଡିର ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ ତାଙ୍କର ନୀଳଗିରି ଫାର୍ମହାଉସ୍‌ରେ କର୍ମୀ ସମ୍ମିଳନୀ ଆକାରେ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି । ଦୁଇ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସହିତ ନୀଳଗିରିର ଅଧିକାଂଶ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହି ସନ୍ତୋଷ ଦଳୀୟ ଟିକେଟର ଏକମାତ୍ର ଦାବିଦାର ବୋଲି ଦମ୍ଭୋକ୍ତି କରିଛନ୍ତି । ସନ୍ତୋଷ କିନ୍ତୁ ତାଙ୍କର ଭାବବିହ୍ୱଳ ବକ୍ତବ୍ୟରେ ଦଳୀୟ ନିଷ୍ପତ୍ତିକୁ ମାନିନେବେ, ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ଅତୁଟ ଆସ୍ଥା ଅଛି ବୋଲି ପ୍ରକାଶ କରିଛନ୍ତି । ଏସବୁ ସତ୍ୱେ ନୀଳଗିରିରେ ଏବେ ସନ୍ତୋଷ ବନାମ ସୁକାନ୍ତଙ୍କ ମଧ୍ୟରୁ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ- ଯା'କୁ ନେଇ ଅସରନ୍ତି ପ୍ରଶ୍ନ, ଆଶା, ଆଶଙ୍କା, ସମ୍ଭାବନା ଓ ଦୁର୍ଭାବନାର ବାତାବରଣରେ ଆକ୍ରାମାକ୍ରା ହୋଇଯାଉଛନ୍ତି । ତୃଣମୂଳ ସ୍ତରର ଦଳୀୟ କର୍ମୀ ଓ ସଂଗଠକ ଚା ଖଟି, ଭାଟି ପାନ ଦୋକାନ, କଚେରୀ ହତା, ବସ୍‌ଷ୍ଟାଣ୍ଡ, ଗାଁ ଛକ, ପଞ୍ଚାୟତ, ବ୍ଲକ, ଏନ୍‌ଏସି ଅଫିସ ବାରନ୍ଦାରେ ଦଳ ଦଳ ହୋଇ ମାତି ଯାଉଛନ୍ତି ଚର୍ଚ୍ଚାରେ ଆଉ ଅଛିଣ୍ଡା ତର୍କରେ ।



# ବିଜେଡ଼ିରେ ମିଶିଲେ ଶତାଧିକ ବିଜେପି କର୍ମୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା, ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର କମାଗଡ ଓ ଅରାବଳ ପଞ୍ଚାୟତର ଶତାଧିକ ବିଜେପି କର୍ମୀ ଜାରକା ସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ଠାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତରେ ବିଜେଡ଼ି ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । କର୍ମୀମାନଙ୍କୁ ବିଧାୟକ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ ବିଜେଡ଼ି ସଭାପତି ଶ୍ରୀ ନାୟକ, ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ ଉପସ୍ଥିତ ଥିଲେ ।

# ଭୁଲ୍ ଇଞ୍ଜେକ୍ସନ୍‌ରେ ଆଦିବାସୀ ମହିଳାଙ୍କ ମୃତ୍ୟୁ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଖାଲିଆକାନି ଔଷଧ ଦୋକାନ ମାଲିକଙ୍କ ଭୁଲ୍ ଇଞ୍ଜେକ୍ସନରେ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ଜଣକ ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଧିର୍ଙ୍ଗିଆମୁଣ୍ଡା ଗ୍ରାମର ବୁଡୁ ମାଝୀଙ୍କ ସ୍ତ୍ରୀ ବୀଣା ମାଝୀ (୪୦) ଉକ୍ତ ମହିଳା ଜଣକ ତାଙ୍କର ସ୍ୱାମୀ ବୁଡୁ ମାଝୀଙ୍କ ସହ ଗୋଲାମୁଣ୍ଡା ବ୍ଲକ ଗୋଇନ୍ଦିମୁଣ୍ଡା ଗ୍ରାମକୁ ବାହା ଭୋଜି ଖାଇବାକୁ ଆସୁଥିଲେ । ତାଙ୍କର ଅଣ୍ଟାବିନ୍ଧା ଅଧିକ ହେବାରୁ ସମ୍ପୃକ୍ତ ଔଷଧ ଦୋକାନ ମାଲିକଙ୍କ ପୁଅଙ୍କୁ ଦେଖାଇଥିଲେ । ସେ ତିନୋଟି ଭୁଲ୍ ଇଞ୍ଜେକ୍ସନ ଦେଇଥିଲେ । କିଛି ସମୟ ବିତିଗଲା ପରେ ଅଧିକ ବାନ୍ତି ହୋଇ




ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମୃତକ ଭାଇ ଯୁଗଳ ମାଝୀ ପ୍ରକାଶ କରିଛନ୍ତି । ମୃତ୍ୟୁ ପରେ ଗୋଲାମୁଣ୍ଡା ଥାନାରେ ବୁଡୁ ମାଝୀ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଗୋଲାମୁଣ୍ଡା ଥାନା ୫୮/୨୪ରେ ଏକ କେଶ ରୁଜୁ କରି ଶବଟିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଔଷଧ ଦୋକାନ ମାଲିକଙ୍କ ପୁଅଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ଗୋଲାମୁଣ୍ଡା ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁ ତଥ୍ୟ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ବିଜୟ ଦାଶ ହାଇକୋର୍ଟ ଓକିଲ ସଂଘ ସଭାପତି

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟ ବାର୍‌ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଆଇନଜୀବୀ ବିଜୟ କୁମାର ଦାଶ । ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ ଆଇନଜୀବୀ ସୌର୍ଯ୍ୟକାନ୍ତ ପାଢ଼ୀଙ୍କୁ ୨୪୯ ଭୋଟ୍ ବ୍ୟବଧାନରେ ହରାଇଛନ୍ତି । ବିଜୟଙ୍କୁ ସର୍ବାଧିକ ୧୪୬୨ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସୌର୍ଯ୍ୟଙ୍କୁ ୧୨୧୩ ଖଣ୍ଡ ମିଳିଥିଲା । ସେହିପରି ସମ୍ପାଦକ ଭାବରେ ରଞ୍ଜନ ନାୟକ ବିଜୟୀ ହୋଇଛନ୍ତି । ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଭିଜିତ ପଟ୍ଟନାୟକଙ୍କୁ ୫୫ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି । ତେବେ ସମ୍ପାଦକ ପଦବୀ ପାଇଁ କଡ଼ା ଟକ୍କର ଦେବାକୁ ମିଳିଥିଲା । ସେହିପରି ଉପସଭାପତି ଭାବରେ କରୁଣାକର ରଥ, ଯୁଗ୍ମ ସମ୍ପାଦକ ଭାବରେ ଅଶୋକ କୁମାର ଆପଟ, ସହ ସମ୍ପାଦକ ଭାବରେ ସାରଦା ପ୍ରସାଦ ତ୍ରିପାଠୀ, ପାଠାଗାର ସହ ସମ୍ପାଦକ ଭାବରେ ଭବାନୀ ଶଙ୍କର ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି । ଅନ୍ୟପଟେ ଶନିବାର ୯ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ନିର୍ବାଚନ ଭୋଟ୍ ଗଣତି ଅନୁଷ୍ଠିତ ହେବ । ତେବେ ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନରେ ମୋଟ ୪ ହଜାର ୪୪୧ ଭୋଟରଙ୍କ ମଧ୍ୟରୁ ୩ ହଜାର ୧୨୮ ଜଣ ମତ ଅଧିକାର ସାବ୍ୟସ୍ତ କରିଥିଲେ । 'ୱାନ୍ ବାର୍ ୱାନ୍ ଭୋଟ୍' ନିୟମ ଲାଗୁ ହେବା ପରଠାରୁ ଆଇନ୍‌ଜୀବୀମାନେ ରାଜ୍ୟର ଯେକୌଣସି ଗୋଟିଏ ବାର୍‌ରେ ମତଦାନ କରିବାର ସୁଯୋଗ ରହିଛି । ଏହି କ୍ରମରେ ରାଜ୍ୟର ୧୫୩ଟି ବାର୍ ଆସୋସିଏସନ୍‌ରେ ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ କରାଯାଇଥିଲା । ଅନେକ ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବା ଜଣାପଡ଼ିଛି । ତେବେ ହାଇକୋର୍ଟ ବାର୍ ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଥିଲା । ତେବେ ନିର୍ବାଚନ ଜିତିବା ପରେ ପ୍ରତିକ୍ରିୟା ରଖିଛନ୍ତି ସଭାପତି ବିଜୟ କୁମାର ଦାଶ । ଧର୍ମର ବିଜୟ ହୋଇଥିବା ସେ କହିଛନ୍ତି । ଏହି ବିଜୟ ସମସ୍ତ ଆଇନଜୀବୀ ମାନଙ୍କର ଏବଂ ସେମାନଙ୍କ ସମସ୍ୟା ସମାଧାନ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଆସନ୍ତାକାଲି ଶପଥ ଗ୍ରହଣ କରିବେ ବିଜୟ କୁମାର ଦାଶ । ହାଇକୋର୍ଟ ବାର୍ ଆସୋସିଏସନ୍ ହଲ୍‌ରେ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି ।

# ଗଣେଶ୍ୱରଙ୍କ ବିରୋଧରେ ବିଜେଡ଼ି ନେତାକର୍ମୀଙ୍କ ଶପଥ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ମୋଟ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ନିମନ୍ତେ ସଂରକ୍ଷିତ ରଖାଯାଇଛି । ବଡ଼ସାହି ବ୍ଲକର ୨୧ ପଞ୍ଚାୟତ ଓ ବେତନଟୀ ବ୍ଲକର ସମସ୍ତ ୨୪ ପଞ୍ଚାୟତକୁ ନେଇ ଗଠିତ ବଡ଼ସାହି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ ନିର୍ବାଚନରେ ବିଜେଡିରୁ ଗଣେଶ୍ୱର ପାତ୍ର ବିଧାୟକ ହୋଇଥିଲେ । ତେବେ ୨୦୧୯ ନିର୍ବାଚନ ବେଳକୁ ବିଜେଡି ଗଣେଶ୍ୱର ପାତ୍ରଙ୍କୁ ଆଉ ଟିକଟ ଦେଇନଥିଲା । ସେଠାରେ ବିଜେପିର ପ୍ରାର୍ଥୀ ସନାତନ ବିଜୁଳି ବିଜୟ ଲାଭ କରିଥିଲେ । ତେବେ ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇସାରିଥିବା ବେଳେ, ବିଜେଡିରୁ ଲମ୍ବା ଆଶାୟୀ ତାଲିକା ରହିଥିବା ବେଳେ ବିଜେଡି ପୁଣିଥରେ ଗଣେଶ୍ୱର ପାତ୍ରଙ୍କୁ ବା ତାଙ୍କ ସ୍ତ୍ରୀଙ୍କୁ ଟିକଟ ଦେବ ବୋଲି ଶୁଣାଯାଉଥିବା ବେଳେ, ବିଜେଡିର ସ୍ଥାନୀୟ ନେତା କର୍ମୀମାନେ ଗଣେଶ୍ୱରଙ୍କୁ ବା ତାଙ୍କ ପରିବାରରୁ କାହାକୁ ଟିକଟ ନଦେବାକୁ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ନିକଟରେ ଅପିଲ୍ କରିଆସୁଛନ୍ତି । ତେବେ ଦିନେ ଦୁଇଦିନ ଭିତରେ ବିଜେଡି ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ଶୁଣିବାକୁ ମିଳୁଥିବା ବେଳେ, ରବିବାର ବେତନଟି ଧର୍ମଶାଳା ଠାରେ ବିଜେଡିର ସ୍ଥାନୀୟ ନେତା କର୍ମୀମାନେ ଏକଜୁଟ୍ ହୋଇ ଏବାବଦରେ ଆଲୋଚନା କରିବା ସହିତ ଗଣେଶ୍ୱର ପାତ୍ରଙ୍କୁ ଦଳ ଟିକଟ ଦେଲେ ତାଙ୍କୁ ଅସହଯୋଗ କରିବେ ବୋଲି ଶପଥ ଗ୍ରହଣ କରିଛନ୍ତି । ଆଲୋଚନା ସଭାରେ ବିଜେଡିର ପୂର୍ବତନ ବେତନଟି ବ୍ଲକ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ଅନ୍ୟତମ ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ପୂର୍ବତନ କୋଡିନେଟର ତଥା ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ବଳା, ପୂର୍ବତନ ସମିତି ସଭ୍ୟ ବିସିକେଶନ ଧଳ, ରାଜେଶ କୁମାର ନାଏକ, ପ୍ରମୋଦ କୁମାର ପତି, ଜୟନ୍ତ କୁମାର ଗିରି, ଜୀବନ କୁମାର ଦାଶ, ଜନମନ ବେହେରା, ମନୋଜ ସାହୁ ପ୍ରମୁଖ ବିଜେଡି ନେତାକର୍ମୀଙ୍କ ସହ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହ ଶହ ପୁରୁଷ ମହିଳା କର୍ମୀ ଶପଥ ଗ୍ରହଣ କରିଥିଲେ । ସେମାନଙ୍କର ଅଭିଯୋଗ ଅନୁଯାୟୀ ଗଣେଶ୍ୱର ପାତ୍ର ପୂର୍ବରୁ ୨୦୧୪ରେ ବିଧାୟକ ଭାବେ ନିର୍ବାଚିତ ହେବାପରେ କର୍ମୀ ମାନଙ୍କର କୌଣସି କଥା ନଶୁଣି ବା ଦଳର ସ୍ୱାର୍ଥ ରକ୍ଷା ନକରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଲୋକଙ୍କୁ ହଇରାଣ କରିବା ସହ ସ୍ଥାନୀୟ ବାଲିମାଫିଆଙ୍କ ସହ ସାମିଲ ହୋଇଥିଲେ । ଗତ ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକଟ ନଦେବାରୁ ଦଳ ବିରୋଧୀ କାମ କରି ବଡ଼ସାହିରେ ବିଜେଡିର ପ୍ରାର୍ଥୀଙ୍କୁ ଚକ୍ରାନ୍ତ କରି ହରାଇବା ଦିଗରେ କାମ କରିଥିଲେ । ଏଣୁ ଏଥର ତାଙ୍କୁ ଦଳ ପକ୍ଷରୁ ଟିକଟ ନଦେଇ ଅନ୍ୟ ଯାହାକୁ ଦଳ ଯୋଗ୍ୟ ପ୍ରାର୍ଥୀ ଭାବି ଟିକଟ ଦେବ ସମସ୍ତେ ଲାଗିପଡି ବିଜେଡିକୁ ୨୦୧୪ ଭଳି ଜିତଇବେ ଏବଂ ଗଣେଶ୍ୱରଙ୍କୁ ବା ତାଙ୍କ ପରିବାରରୁ କାହାକୁ ଟିକଟ ଦେଲେ ବିଜେଡି ବଡ଼ସାହିରେ ପୁଣି ପରାଜୟର ସମ୍ମୁଖୀନ ହେବ ବୋଲି କହିଛନ୍ତି । ତେବେ ବିଜେଡି ଏଥର କୌଣସି ପ୍ରକାର ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ଦେବାକୁ ଚାହୁଁନଥିବା ବେଳେ ବଡ଼ସାହିରେ ବିଜେଡି କାହାକୁ ଟିକଟ ଦେଉଛି ଏବଂ ଉପୁଜିଥିବା ନେତା କର୍ମୀଙ୍କ ଅସନ୍ତୋଷକୁ କିଭଳି ମ୍ୟାନେଜ କରୁଛି ତାହା ଦେଖିବାକୁ ବାକି ରହିଲା ।

# ଏମ୍‌କେସିଜି ମେଡ଼ିକାଲ୍‌ରେ ରୋଗୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରୋଗୀ ମାଗଣାରେ ଉତ୍ତମ ଚିକିତ୍ସାସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏମ୍‌କେସିଜି ମେଡ଼ିକାଲ୍‌ରେ କିଛି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ନିମନ୍ତେ ବିଭିନ୍ନ ସମୟରେ ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ମେଡ଼ିକାଲ୍‌ରେ ରୋଗୀଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେଉନଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ମେଡ଼ିକାଲ୍‌ରେ ରହୁଥିବା ରୋଗୀ ଓ କର୍ମଚାରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଭିନ୍ନ ବିଭାଗରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପ୍ରତିଷ୍ଠା ହୋଇଥିବା ୱାଟର ପ୍ୟୁରିଫାଇ ଓ କୁଲିଂ ରେଫ୍ରିଜରେଟର ଦୀର୍ଘ ଦିନ ଧରି ଅଚଳ ପଡ଼ିଥିବା ଦେଖିବାକୁ ମିଳିଛି । ଫଳରେ ରୋଗୀଙ୍କ ସମେତ ନର୍ସିଂ ଅଫିସର, ଡ଼ାକ୍ତର ଓ ଅନ୍ୟ କର୍ମଚାରୀମାନେ ମଧ ହସ୍‌ପିଟାଲ୍‌ରେ ପାଣି ଟୋପାଏ ପାଇଁ ନାହିଁ ନଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି । ମେଡ଼ିକାଲ୍ ପକ୍ଷରୁ ଏହାକୁ ମରାମତି କରାଯାଉନଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ରୋଗୀ ଓ କର୍ମଚାରୀ ହନ୍ତସନ୍ତ ହେଉଛନ୍ତି । ଏହି ଘଟଣାକୁ ନେଇ ରୋଗୀ ଓ କର୍ମଚାରୀ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉନଥିବାରୁ ଅସନ୍ତୋଷ ଦେଖାଦେଇଛି । ପ୍ରତ୍ୟେକ ଦିନ ମେଡ଼ିକାଲ୍‌ର ଆଶୁ ଚିକିତ୍ସା ବିଭାଗକୁ ହଜାର ହଜାର



ଗୁରୁତର ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସିଥାନ୍ତି । ରୋଗୀଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ବିଭାଗକୁ ସ୍ଥାନାନ୍ତରିତ କରାଯାଇଥାଏ । କିନ୍ତୁ ଏଠାରେ ଚିକିତ୍ସା ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ନିମନ୍ତେ ମେଡ଼ିକାଲ୍ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରାଯାଇନାହିଁ । ସେଠାରେ ସ୍ଥାପନ ହୋଇଥିବା ମେସିନ୍ ଦୀର୍ଘ ଦିନ ହେବ ଖରାପ ହୋଇ ପଡ଼ିରହିଛି । ୱାଟ୍‌କୋ ପକ୍ଷରୁ ପାଣିଟାଙ୍କିକୁ ଯେଉଁ ଜଳଯୋଗାଣ ହୋଇଛି ତାହା ସିଧାସଳଖ କାଜୁଆଲିଟିରେ ଅଚଳ ପଡ଼ିଥିବା ମେସିନ୍ ସହ ସଂଯୋଗ କରାଯାଇଛି । ଯାହାଫଳରେ ରୋଗୀମାନେ ବିଶୁଦ୍ଧ ପାନୀୟ ଜଳ ଭାବି ଉକ୍ତ ଟାଙ୍କି ପାଣିକୁ ପିଉଥିବା ଦେଖିବାକୁ ମିଳିଛି । ସେହିପରି ଡ଼ାକ୍ତରଖାନାର ମେଡ଼ିସିନ୍ ବିଭାଗ ଅସ୍ଥିଶଲ୍ୟ ବିଭାଗ, ପିଏମ୍‌ଆର୍ କୋଠା, ସୁପର ସ୍ପେସିଆଲିଟି କୋଠା ଓ ପ୍ରସୂତୀ ଓ ସ୍ତ୍ରୀରୋଗ ବିଭାଗ ସମେତ ବହୁ ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ । କିଛି ରୋଗୀ ବାହାରୁ ପାଣି କିଣି ଆଣୁଥିବା ବେଳେ ବହୁରୋଗୀ ଅପମିଶ୍ରଣ ପାଣି ପିଉଥିବା ଦେଖିବାକୁ ମିଳିଛି । ସେହିପରି ମେଡ଼ିକାଲ୍‌ରେ ପ୍ରାୟ ୧୨ ରୁ ଉର୍ଦ୍ଧ୍ୱର ପାଣି ଟାଙ୍କି ରହିଥିବା ବେଳେ ସେଗୁଡ଼ିକୁ ନିୟମିତ ସଫା କରାଯାଉନାହିଁ । ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ସମସ୍ୟା ବୁଝିବା ସହ ସେଗୁଡ଼ିକୁ ସମାଧାନ କରିବା ନିମନ୍ତେ ମେଡ଼ିକାଲ୍‌ରେ ୪ ଜଣ ହସ୍‌ପିଟାଲ୍ ମ୍ୟାନେଜର ନିୟୋଜିତ ରହିଛନ୍ତି । କିନ୍ତୁ ଅନେକ ବିଭାଗରେ ୱାଟର ପ୍ୟୁରିଫାଇ ଓ କୁଲିଂ ରେଫ୍ରିଜରେଟର ମେସିନ୍ ଦୀର୍ଘଦିନ ଧରି ଅଚଳ ପଡ଼ିଥିଲେ ହେଁ ସେଗୁଡ଼ିକର ମରାମତି ନେଇ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ବିଭିନ୍ନ ବିଭାଗରେ ଅଚଳ ହୋଇଥିବା ୱାଟର ପ୍ୟୁରିଫାଇ ଓ କୁଲିଂ ରିଫ୍ରିଜେଟରକୁ ମରାମତି ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ଅଧିକ ଟଙ୍କା ଖର୍ଚ୍ଚ ହେବାରୁ ସେଗୁଡ଼ିର ମରାମତି କରାଯାଇନାହିଁ । ଏନେଇ ସ୍ୱାସ୍ଥ୍ୟବିଭାଗକୁ ଅବଗତ କରାଯାଇଛି ଏବଂ ଅର୍ଥ ବ୍ୟୟବରାଦ କରାଯାଇଛି । ଅର୍ଥ ମଞ୍ଜୁର ହେଲେ ନୂତନ ୱାଟର ପ୍ୟୁରିଫାଇ ଓ କୁଲିଂ ରେଫ୍ରିଜରେଟର ସ୍ଥାପନ କରାଯିବ ବୋଲି ଡ଼ାକ୍ତରଖାନାର ଅଧିକ୍ଷକ ଡ଼ାକ୍ତର ସୁଚିତ୍ରା ଦାଶ କହିଛନ୍ତି ।

**||||||||||||||||| ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର |||||||||||||||||**

# ନିର୍ବାଚନ ପଦ୍ଧତିରେ ସଂସ୍କାର ଏକାନ୍ତ ଆବଶ୍ୟକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଭାରତବର୍ଷରେ ନିର୍ବାଚନ ଆଉ ଧର୍ମବଳ ଉପରେ ପ୍ରତିଷ୍ଠିତ ନାହିଁ ଏହା ପ୍ରତିପତ୍ତି ଓ ଧନବଳ ଉପରେ ନିର୍ଭରଶୀଳ ହେବାକୁ ଲାଗିଛି । ସ୍ୱାଧୀନତା ପରେ ପରେ ଯେଉଁ ନିର୍ବାଚନ ହେଉଥିଲା ସେଥିରେ ପ୍ରାର୍ଥୀଗଣଙ୍କ ବ୍ୟକ୍ତିତ୍ୱକୁ ପରଖି ଜନତା ଭୋଟ୍ ଦେଇ ଜୟଯୁକ୍ତ କରାଉଥିଲେ । ନିର୍ବାଚନରେ ଅର୍ଥ ଅପେକ୍ଷା ପ୍ରାର୍ଥୀ ଓ ଦଳର ସୁନାମ ଦ୍ୱାରା ଭୋଟରଗଣ ପ୍ରଭାବିତ ହେଉଥିଲେ । ବର୍ତ୍ତମାନର ପ୍ରେକ୍ଷାପଟରେ ବହୁ ପରିବର୍ତ୍ତନ ଆସିଯାଇଛି । ପ୍ରାର୍ଥୀମାନଙ୍କର ଦଳପ୍ରତି ଆନୁଗତ୍ୟ ରହୁନଥିବାରୁ ବାରମ୍ବାର ଦଳବଦଳ କରିବା ଦ୍ୱାରା ଭୋଟରମାନେ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି । ତା' ସହିତ ଅପର୍ଯ୍ୟାପ୍ତ ଧନବଳରେ ଭୋଟରଙ୍କୁ ସବୁଦଳ ପ୍ରଭାବିତ କରିବାକୁ ଚେଷ୍ଟା କରିବା ଦ୍ୱାରା ଏହା ଗଣତନ୍ତ୍ର ପ୍ରତି ଏକ ବିପଦ ରୂପେ ମୁଣ୍ଡ ଟେକିଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । 'ମୁକ୍ତଚିନ୍ତନ ମଞ୍ଚ' ଓ 'ଭାରତୀୟ ବିଦ୍ୟା ଭବନ'ର ମିଳିତ ଉଦ୍ୟମରେ ୧୯୬ତମ ଆଲୋଚନା ଚକ୍ରରେ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତ ନେତା ଓ ରାଜନୈତିକ ଦଳ ଆଗେଇ ଆସିବା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ଓ ଭୋଟରମାନେ ମିଛ ପ୍ରତିଶ୍ରୁତି ଦ୍ୱାରା ପ୍ରଭାବିତ ନ ହେବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍ ଗୋ ସ୍ୱାଧୀନତା ପରଠାରୁ ୨୦୨୪ର ନିର୍ବାଚନ ପର୍ଯ୍ୟନ୍ତ ସମୀକ୍ଷା କରି କହିଲେ ଯେ କ୍ରମାଗତ ଭାବେ ନିର୍ବାଚନ ଖର୍ଚ୍ଚ ବହୁଳ ହୋଇଚାଲିଛି । ୨୦୧୯ ନିର୍ବାଚନର ଖର୍ଚ୍ଚ ଠାରୁ ୨୦୨୪ ନିର୍ବାଚନ ଖର୍ଚ୍ଚ ପ୍ରାୟ ଦୁଇଗୁଣ ହେବାକୁ ଯାଉଛି । ନିର୍ବାଚନ କମିଶନରଙ୍କ ଦ୍ୱାରା ନିର୍ବାଚନ ଆୟୋଜନ ପାଇଁ ଖର୍ଚ୍ଚ ବ୍ୟତୀତ ସବୁଠାରୁ ବଡ଼ ଖର୍ଚ୍ଚ ହେଉଛି ଦଳମାନଙ୍କର ପ୍ରଚାର ଓ ପ୍ରସାର ବାବଦରେ ହେଉଥିବା ଖର୍ଚ୍ଚ । ଶ୍ରୀ କାନୁନ୍‌ଗୋ ନିର୍ବାଚନ ପଦ୍ଧତିରେ ସଂସ୍କାର ଆଣିବା ନିହାତି ଆବଶ୍ୟକ ଓ ନିର୍ବାଚନ କମିଶନଙ୍କୁ ପ୍ରାର୍ଥୀମାନଙ୍କ ଯୋଗ୍ୟତା ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବା ଦରକାର ବୋଲି କହିଥିଲେ । ଦଳବଦଳ ପାଇଁ ମଧ ସ୍ୱତନ୍ତ୍ର ନିୟମ ଜାରି କରିବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଇଥିଲେ । ଗାନ୍ଧୀବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ଭାରତବର୍ଷର ଓ ଓଡ଼ିଶାର ବିଶିଷ୍ଟ ନେତା ମହାତ୍ମା ଗାନ୍ଧୀ, ମଧୁସୂଦନ ଓ ଗୋପବନ୍ଧୁଙ୍କ ଉଦାହରଣ ଦେଇ ସେକାଳର ନିର୍ବାଚନ ଏକ ଆଧାତ୍ମିକ ଅନୁଭବ ସହ ତୁଳନା କରି ବର୍ତ୍ତମାନର ନିର୍ବାଚନ କଳୁଷିତ ହୋଇଚାଲିଛି ତା'ର ବର୍ଣ୍ଣନା କରି ଦୁଃଖ ପ୍ରକାଶ କରିଥିଲେ । ଆଜିପର୍ଯ୍ୟନ୍ତ ଭୋଟରମାନଙ୍କର ଭୋଟଦାନର ଅନୁପାତ ଶତକଡ଼ା ୬୭ରୁ ଅଧିକ ହୋଇନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ସଭାରେ ସାରଳା ଦାସ ସ୍ମୃତି ସଂସଦ ଦ୍ୱାରା ପ୍ରକାଶିତ 'ଶାରଳା ପଞ୍ଜିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଓ ଶ୍ରୀ ପ୍ରଦୀପ୍ତ କୁମାର ବିଶ୍ୱାଳ ପଞ୍ଜିକାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର । ସଭା ପ୍ରାରମ୍ଭରୁ ମିନତୀ ମିଶ୍ର ଭକ୍ତି ସଂଗୀତ ପରିବେଷଣ କରିଥିଲେ । ସଭାରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ଓ ନିର୍ବାଚନ ବଣ୍ଡ ବିଷୟରେ ମଧ ବହୁ ପ୍ରଶ୍ନର ଉତ୍ତର ବକ୍ତାମାନେ ଦେଇଥିଲେ । ସଭାରେ ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଲକ୍ଷ୍ମୀନାରାୟଣ କାନୁନ୍‌ଗୋ, 'ପୌରୁଷ'ର ସମ୍ପାଦକ ଅସିତ୍ ମହାନ୍ତି, ଗିରିଶ ଚନ୍ଦ୍ର ସ୍ୱାଇଁ, ମିହିର ପଟ୍ଟନାୟକ ଓ ରାଜୀବ ଷଡ଼ଙ୍ଗୀ ଭାଗ ନେଇଥିଲେ ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବସନ୍ତ ବେହେରା ପିତା ଶିଙ୍କୁଳି ବେହେରା ଗୋପିନାଥପୁର । ଜମିରେ ପାଣି ମଡ଼େଇବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଫଳରେ ଗୁରୁତର ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସେ ଜଣେ ମତ୍ସ୍ୟଜୀବୀ ହୋଇଥିବାରୁ ଏହି ଖବରପାଇ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ସଂଘର କାର୍ଯ୍ୟକର୍ତ୍ତା ଦୁଃଖ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ ଓ ସରକାର ପରିବାରକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି ।

# ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନଙ୍କୁ ବିପୁଳ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଲୋକସଭା ଓ ବିଧାନ ସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ସାରିଛି । କେବଳ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ ମହାକାଳପଡା, ରାଜନଗର, ଆଳି ଓ ପାଟକୁରା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ଯଥାକ୍ରମେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଧ୍ରୁବ ସାହୁ, ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅରବିନ୍ଦ ମହାପାତ୍ରଙ୍କ ନାମ ଘୋଷଣା ହୋଇଛି । ସେହିଭଳି ଲୋକସଭା ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ଦଳ ଘୋଷଣା କରିଥିବା ବେଳେ ରବିବାର ଅଂଶୁମାନ କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସନ୍ଧ୍ୟାରେ ଏହି ପ୍ରାର୍ଥୀ ମାନଙ୍କ ସହ କେନ୍ଦ୍ରାପଡା ଜିଲ୍ଲା ପାଇଁ ଦଳୀୟ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଶଶି ଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲା ସଭାପତି ଧିରେନ କୁମାର ସାହୁ ପ୍ରମୁଖ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିବା ପରେ ୫ଟି ନିର୍ବାଚନ ମଣ୍ଡଳୀରୁ ଆସିଥିବା ହଜାର ହଜାର କର୍ମୀ ଓ ଜିଲ୍ଲାର ଦଳୀୟ କର୍ମୀମାନେ ପ୍ରାର୍ଥୀ ମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେଠାରେ ଏକ ବିପୁଳ ଶୋଭାଯାତ୍ରାରେ କର୍ମୀମାନେ ପ୍ରାର୍ଥୀମାନଙ୍କୁ ପାଛୋଟି ଆଣିଥିଲେ । ଦିଅଁ ମାନଙ୍କୁ ଦର୍ଶନ ପରେ ନେତୃବୃନ୍ଦ କେନ୍ଦ୍ରାପଡା ସହରର ଫକିରାବାଦ ମସ୍‌ଜିଦ୍‌କୁ ଆସି ପବିତ୍ର ରମ୍‌ଜାନ୍ ମାସରେ ଓଷା ରଖିଥିବା ସଂଖ୍ୟାଲଘୁ ସଂପ୍ରଦାୟର ଭାଇ ମାନଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ଦାରୁଲଓଲୁମ ମଦ୍ରାସାକୁ ଯାଇ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୌରଅଧକ୍ଷା ସରିତା ସାହୁ, ସମାଜସେବୀ ରିତ ସାହୁ, ଓଡ଼ିଶା ମୋ ପରିବାରର ସଂଯୋଜକ ହିରଣ୍ୟ ପଣ୍ଡା, ସେକ୍ ଇନାୟତ, ସେକ୍ ଅମୀର, ସେକ୍ ନସରୁଫଙ୍କ ସମେତ ବହୁ ଦଳୀୟ କର୍ମୀ ଓ କାଉନ୍‌ସିଲର ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୭୮, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨।୪।୨୦୨୪, ଚୈତ୍ର ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୪୦।୨୦ ଚନ୍ଦ୍ରୋଦୟ- ରାଘ୧୨।୩।୦୮**

ଅଷ୍ଟମୀ- ରାଘ ୮।୦୯ ପର୍ଯ୍ୟନ୍ତ । ପୂର୍ବାଷାଢା ନକ୍ଷତ୍ର – ରାଘ ୧୦।୪୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର –** ନିଘ ୪।୩୬ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ନିଘ ୪।୩୬ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ନିଘ ୪।୩୬ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୮।୦୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୭ ଗତେ ଘ ୧୦।୩୬ ମଧ୍ୟେ ଦିଘ ୧।୦୩ ଗତେ ଘ ୧।୨୨ ମଧ୍ୟେ । **ପର୍ବୋତ୍ସବ –** ପର୍ବୋତ୍ସବ ଆରମ୍ଭ ।



**ମେଷ:** ମନରେ ପ୍ରସନ୍ନତା ଜାତ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନରେ ପ୍ରସନ୍ନ ଭାବ ଜାତ ହେବ । ରୋଜଗାରରେ ଉନ୍ନତି ଦେଖାଦେବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ ।



**ବୃଷ:** ଶରୀର ସୁସ୍ଥ ରହିବ । ଚାକିରୀ କ୍ଷେତ୍ରରେ ଅସଫଳତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ରୋଜଗାର ମଧ୍ୟମ ଧରଣର ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।



**ମିଥୁନ:** ପାରିବାରିକ ଶାନ୍ତି ଲାଭ ହେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମଧ ପ୍ରାପ୍ତ ହେବ । ଖର୍ଚ୍ଚର ପରିମାଣ ଅଧିକ ହେବ ।



**କର୍କଟ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ମାଲିମୋକଦ୍ଦମାରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ସହିତ ଭ୍ରମଣ ଯୋଗ । ଦେହ ଓ ମନ ଭଲ ରହିବ । ଗୃହେ ଆନନ୍ଦ ପ୍ରାପ୍ତି ହେବାର ସୂଚନା । ବନ୍ଧୁ ଦର୍ଶନ ।



**ସିଂହ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଶତ୍ରୁ ଭୟ ଲାଗି ରହିବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେଇପାରେ ।



**କନ୍ୟା:** ଆଜି ଆପଣଙ୍କର ଯଶ ହାନି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଶାନ୍ତି ରହିବ । ମହିଳାମାନେ ଖୁସୀ ହେବେ । ଅନ୍ୟମାନଙ୍କ ପାଖରେ ସମାଲୋଚିତ ହେବେ । ଦୂରଯାତ୍ରା କରିପାରନ୍ତି ।



**ତୁଳା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ରୋଜଗାର ସ୍ଥିର ରହିବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ମନ ଅସ୍ଥିର ରହିବ ।



**ବିଛା:** ପରିଶ୍ରମ ଅଧିକ ହେବ । ଏଣୁ ବିଶ୍ରାମ କରିବା ପାଇଁ ସମୟ ପାଇବେ ନାହିଁ । ସୁଖ ଖବର ମିଳିପାରେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁମାନେ ବିଦ୍ରୋହ କରିପାରନ୍ତି । ଗୃହେ ଜଞ୍ଜାଳ ଦେଖାଦେବ ।



**ଧନୁ:** ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ଦେବ ଦର୍ଶନ ସହିତ ଦେବ ପୂଜାର ସୁଯୋଗ । ନୂତନ ଦ୍ରବ୍ୟ ମଧ କ୍ରୟ କରିପାରନ୍ତି । ମହିଳାମାନେ କର୍ତ୍ତବ୍ୟ ନିଷ୍ଠ ହେବେ ।



**ମକର:** ସାମାଜିକ ସ୍ତରରେ ସମ୍ମାନିତ ହେବେ । ଘରେ ସୁଖ ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ମୂଲ୍ୟବାନ କଥାକୁ ଅଧିକ ଗୁରୁତ୍ୱ ଦେଇ ଚିନ୍ତିତ ହୋଇପାରନ୍ତି । ଘରେ ଅଶାନ୍ତି ଦେଖାଦେବ । ଆୟ ସ୍ଥିର ରହିବ । ଶରୀର ସୁସ୍ଥ ରହିବ । ମନ ଅସ୍ଥିର ରହବ ।



**ମୀନ:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ମନରେ ପ୍ରସନ୍ନ ଭାବ ରହିବ । ସୁଖ ଖବର ମିଳିପାରେ । ରୋଜଗାରରେ ଉନ୍ନତି । ପାରିବାରିକ ସୁଖ ଓ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନର ଯୋଗ ରହିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୭୮, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୩।୪।୨୦୨୪, ଚୈତ୍ର ଦି୨୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୫।୩୯।୨୯ ଚନ୍ଦ୍ରୋଦୟ- ରାଘ୨।୪।୧୩**

ନବମୀ- ସଂଘ ୬।୩୦ ପର୍ଯ୍ୟନ୍ତ । ଉତ୍ତରାଷାଢା ନକ୍ଷତ୍ର – ରାଘ ୯।୪୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର –** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସନ୍ଧ୍ୟା ଘ ୬।୩୦ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୨ ଗତେ ଘ ୭।୨୦ ମଧ୍ୟେ ଦିଘ ୧।୫୨ ଗତେ ଘ ୫।୦୮ ମଧ୍ୟେ । **ପର୍ବୋତ୍ସବ –** ଛତ୍ରପତି ଶିବାଜୀଙ୍କ ତିରୋଧାନ ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଖାଉଟିଙ୍କୁ ମିଳିପାରେ ଆଶ୍ୱସ୍ତି

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସିଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି ।  କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ । ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ।  ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି। ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)
ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)
ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର



ଶ୍ରୀ ଅଭିରାମ ସରସ୍ୱତୀ

ନତି ମ୍ବକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)
(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲି କେବେ ? (୯)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଥର ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ। ତା ପରେ ଆଜି ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରାଯାଇଥିଲା। ଚର୍ଚ୍ଚା କରିବା ସମୟରେ 'ଓର୍ଟ କ୍ଲାଉଡ୍' ବିଷୟରେ ସମ୍ୟକ ସୂଚନା ଦିଆଯାଇଥିଲା। ଏ ସମ୍ବନ୍ଧରେ ଅନେକ ବୈଜ୍ଞାନିକ ବିଭିନ୍ନ ମତ ଦେଇଥାନ୍ତି। ଇଷ୍ଟୋନିଆର ଜ୍ୟୋତିର୍ବିଜ୍ଞାନୀ ଏର୍ନଷ୍ଟ ଓପିକଙ୍କ ଦ୍ୱାରା ଓର୍ଟଙ୍କ କାର୍ଯ୍ୟର କିଛି ଅଂଶ ତାଙ୍କ ପୂର୍ବରୁ ହୋଇଥିଲା । ୧୯୩୨ ମସିହାରେ ଓପିକ୍ ସୂର୍ଯ୍ୟଙ୍କଠାରୁ ବିଚ୍ଛିନ୍ନ ହୋଇଥିବା ଓ ବହୁ ଦୂରରେ ଥିବା ଧୂମକେତୁ ଓ ଉଲକା ସହ କଣ ଘଟିଥିଲା, ସେ ସମ୍ବନ୍ଧରେ ଏକ ପ୍ରବନ୍ଧରେ ପ୍ରକାଶ କରିଥିଲେ। ତାଙ୍କର ମୁଖ୍ୟ ବକ୍ତବ୍ୟ ଥିଲା ଯେ ସେଗୁଡିକ ଅନିୟମିତ ତାରାଗୁଡ଼ିକ ଚଳନ ଯୋଗୁଁ ବିଚଳିତ ହୋଇଯାଆନ୍ତି । ସେ ଆହୁରି ଦର୍ଶାଇଛନ୍ତି ଯେ ତାରାଗୁଡ଼ିକରୁ ମାଧ୍ୟାକର୍ଷଣ ଶକ୍ତି ଅଧିକାଂଶ ବସ୍ତୁର ପେରିହେଲିଅନ୍ (ଗ୍ରହ ବା ଧୂମକେତୁର ପରିକ୍ରମାର ବିନ୍ଦୁ ଯାହା ସୂର୍ଯ୍ୟ କେନ୍ଦ୍ରରୁ ନିକଟତମ) ଦୂରତାକୁ ବହୁ ଦୂର ଗ୍ରହ ବାହାରେ ପହଞ୍ଚାଇ ଦେଇପାରେ । ତେଣୁ ସେ ପୂର୍ବାନୁମାନ କରିଛନ୍ତି ଯେ ସୌରପ୍ରଣାଳୀକୁ ଘେରି ରହିଥିବା ଅନେକ ଧୂମକେତୁ ଆଚ୍ଛନ୍ନ କରି ରହିଛି। ଅବଶ୍ୟ, ଓପିକ୍ ଗ୍ରହ ଅଞ୍ଚଳକୁ ଫେରୁଥିବା ଧୂମକେତୁ ବିଷୟରେ ଅଳ୍ପ କିଛି କହିଥିଲେ, ଏହା ବ୍ୟତୀତ କିଛି ଧୂମକେତୁ ମାନଙ୍କୁ ନକ୍ଷତ୍ର ମାନେ ସୂର୍ଯ୍ୟଙ୍କ ନିକଟକୁ ନିକ୍ଷେପ କରିଥାନ୍ତି । ପ୍ରକୃତରେ, ଓପିକ୍ ଉପସଂହାର କରି କହିଥିଲେ " ୧୦,୦୦୦a.u. ରୁ ଅଧିକ ଏକ ଆପେଲିଅନ୍ ଦୂରତାର ଧୂମକେତୁର, ପର୍ଯ୍ୟବେକ୍ଷଣ ଯୋଗ୍ୟ ବସ୍ତୁଗୁଡ଼ିକ ପାଖାପାଖି ହେବାର ସମ୍ଭାବନା କମ, କାରଣ ନକ୍ଷତ୍ର ବିଘ୍ନ ହେତୁ ହାରାହାରି ପେରିହେଲିଅନ୍ ଦୂରତା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ।''

ଓପିକ୍ ମଧ୍ୟ ତାଙ୍କର ଅଧ୍ୟୟନର ଫଳାଫଳ ସହ ଦୀର୍ଘ ସମୟର ଧୂମକେତୁର ଜଣାଶୁଣା ମୂଳ କକ୍ଷପଥ ମଧ୍ୟରେ କୌଣସି ତୁଳନା କରିପାରି ନଥିଲେ। ୧୯୫୦ରେ ପ୍ରକାଶିତ ଓର୍ଟଙ୍କ ପ୍ରବନ୍ଧ, ଧୂମକେତୁର ଗତିଶୀଳତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ଦୁଇମାସ ପରେ ଫ୍ରେଡ୍ ହ୍ୱିପଲ ଧୂମକେତୁର ନ୍ୟୁକ୍ଲିୟସ୍ ବା ନାଭିପିଣ୍ଡ ପ୍ରକୃତି ଉପରେ ଏକ ପ୍ରବନ୍ଧ ନକ୍ଷତ୍ର ଜନିତ ପଦାର୍ଥ ବିଜ୍ଞାନପତ୍ରିକାରେ ପ୍ରକାଶ କରିଥିଲେ ଯାହା ଏହାର ସମସ୍ତ ପ୍ରକ୍ରିୟା ଜାଣିବାରେ ମଧ୍ୟ ସାହାଯ୍ୟ କରିଥିଲା। ହ୍ୱିପଲ୍ ତତ୍କାଳୀନ ଦିନର ଅନେକ ଧାରଣାକୁ ଏକତ୍ର କରି ପରାମର୍ଶ ଦେଇଥିଲା ଯେ ଧୂମକେତୁର ନ୍ୟୁକ୍ଲିୟସ୍ ଏକ ଅସ୍ଥିର ଆଇସ୍ ଏବଂ ପାଣିପାଗ ପଦାର୍ଥରେ ଗଠିତ ଏକ ଦୃଢ ଶରୀର ଅଟେ । ଏହାକୁ "ଆଇସ୍କନଗ୍ଲୋମୋରେଟ୍" (ଓଡିଆରେ 'ବରଫ ପିଣ୍ଡୀଭୂକ୍ତ')ମଡେଲ୍ କୁହାଯାଉଥିଲା କିନ୍ତୁ ଏହା "ଡାର୍ଟି ସ୍ନୋ ବଲ''ବା "ମଇଳା ତୁଷାରପାତ" ଭାବରେ ଅଧିକ ଲୋକପ୍ରିୟ ହେଲା ।

ହ୍ୱିପଲ୍ ତାଙ୍କ ମଡେଲ୍ ପାଇଁ ଏନକେଙ୍କ ଧୂମକେତୁ ସଙ୍କୋଚନ କକ୍ଷପଥକୁ ଆଧାର କରି ପ୍ରମାଣ ପ୍ରଦାନ କରିଥିଲେ। ହ୍ୱିପଲ ବିଶ୍ୱାସ କରିଥିଲେ ଯେ ବେସେଲ୍ ଯେପରି ପରାମର୍ଶ ଦେଇଥଲେ ଯେ ନ୍ୟୁକ୍ଲିୟସ୍ର ସୂର୍ଯ୍ୟକିରଣ ପାର୍ଶ୍ୱରେ ଥିବା ଆଇସ୍ ସବ୍ଲିମେଟ୍ କରିବା ଠାରୁ ରକେଟ୍ ଫୋର୍ସ ଧୂମକେତୁ କକ୍ଷପଥରେ ପରିବର୍ତ୍ତନ କରିବ । ଏକ ଅଣ-ସଂରକ୍ଷଣ କଠିନ ନ୍ୟୁକ୍ଲିୟସ୍ ପାଇଁ ଆବଶ୍ୟକ ଶକ୍ତି ନ୍ୟୁକ୍ଲିୟସ୍କୁ ସୂର୍ଯ୍ୟଙ୍କଠାରୁ ଦୂରକୁ ଠେଲି ଦେବ, ଯାହା ମାଧ୍ୟାକର୍ଷଣର ପ୍ରଭାବକୁ କମ କରିଥାଏ । କିନ୍ତୁ ଯଦି ଧୂମକେତୁର ନ୍ୟୁକ୍ଲିୟସ୍ ଘୂର୍ଣ୍ଣନ କରୁଥିଲା (ଅଧିକାଂଶ ସୌର ପ୍ରଣାଳୀ ଶରୀର ପରି) ଏବଂ ଯଦି ଘୂର୍ଣ୍ଣନ ମେରୁଟି ଧୂମକେତୁର କକ୍ଷପଥର ଉର୍ଦ୍ଧ୍ୱରେ ନଥାଏ, ତେବେ ଉଭୟ ଟାଞ୍ଜେସିଆଲ୍ ଫୋର୍ସ (କୋଣକୁ କୋଣର ବଳ) (ଧୂମକେତୁ ଗତି ଦିଗରେ ଆଗକୁ କିମ୍ବା ପଛକୁ) ବିଭିନ୍ନ ପ୍ରକାର ଫଳାଫଳ ଦେଇପାରେ।

ଧୂମକେତୁର ନ୍ୟୁକ୍ଲିୟସ୍ ବା ନାଭିପିଣ୍ଡ– ପୃଥିବୀରୁ ଟେଲିସ୍କୋପିକ୍ ପର୍ଯ୍ୟବେକ୍ଷଣ ଏବଂ ମହାକାଶଯାନ ମିଶନରୁ ଧୂମକେତୁର ଅବଲୋକନ ସେମାନଙ୍କ ନ୍ୟୁକ୍ଲିୟସ୍ ବିଷୟରେ ଅନେକ କିଛି ତଥ୍ୟ ପ୍ରକାଶ କରିଛି । ଧୂମକେତୁ ହେଉ ବା ଲାଞ୍ଜତାରା ହେଉ ସେମାନଙ୍କର ନ୍ୟୁକ୍ଲିୟସ୍ ଗୁଡ଼ିକ ହେଉଛି ଛୋଟ କଠିନ ଶରୀର, ସାଧାରଣତଃ କିଛି କିଲୋମିଟର ବ୍ୟାସ ଏବଂ ଅସ୍ଥିର ବରଫ, ସୂକ୍ଷ୍ମ ସିଲିକେଟ୍ ଧୂଳି ଏବଂ ଜୈବିକ ପଦାର୍ଥର ପ୍ରାୟ ସମାନ ଅଂଶକୁ ନେଇ ଗଠିତ । ଏହା ତୁଷାର ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥାଏ (ସମୁଦାୟ ବରଫ ଖଣ୍ଡ ର ପ୍ରାୟ ୮୦ ପ୍ରତିଶତ)। ଏହା ଛଡା କେତେକ ରାସାୟନିକ ପଦାର୍ଥ ଯଥା କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ଫର୍ମାଲଡିହାଇଡ୍ ଏବଂ ମିଥାନୋଲ୍ ମଧ୍ୟ ଅନ୍ତର୍ଭୁକ୍ତ କରେ। ସିଲିକେଟ୍ ଏବଂ ଜୈବିକ ମିଶ୍ରଣ ଅତ୍ୟଧିକ ପ୍ରାଥମିକ ମେଟେରାଇଟ୍, କାର୍ବୋନାଏସ୍ କଣ୍ଡ୍ରାଇଟ୍ସରେ ମିଳୁଥିବା ସମାନ। ସାମଗ୍ରୀଗୁଡିକ ମାଇକ୍ରନ୍ ସ୍ତରରେ ଅନ୍ତରଙ୍ଗ ଭାବରେ ମିଶ୍ରିତ ହୋଇ ରହିଥାଏ (ଗୋଟିଏ ମାଇକ୍ରନ୍ ଏକ ମିଟରର ଦଶ ଲକ୍ଷ ଭାଗରୁ ଭାଗେ) ।

୪.୫୬ ଶହ କୋଟି ବର୍ଷ ପୂର୍ବେ ସୌର ନିହାରିକାରେ ସୃଷ୍ଟି ହୋଇଥିବା ଧୂଳି ଏବଂ ବରଫ କଣିକାର ନ୍ୟୁକ୍ଲିୟସ୍ ଗୁଡ଼ିକ ନିହାରିକାର କେନ୍ଦ୍ରସ୍ଥାନରେ ସ୍ଥିର ଭାବରେ ଅବସ୍ଥାନ କରୁଥିଲା । ଯେତେବେଳେ ସେହି କଣିକାଗୁଡ଼ିକର ପରସ୍ପର ମଧ୍ୟରେ ଧକ୍କା ହେଲା, ସେମାନେ ଅଠା ପରି ଲାଗି ରହିବାକୁ ଆରମ୍ଭ କଲେ। ମାଇକ୍ରନ୍ ଆକାରର କଣିକାଗୁଡ଼ିକ ଏକତ୍ରୀକରଣ ଦ୍ୱାରା କିଛି ମିଟରରୁ ଆରମ୍ଭ କରି ପରେ କିଲୋମିଟର ଆକାରର ଶରୀରରେ ବୃଦ୍ଧି ହେବାର ଏକ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବଢ଼ିଲା।

ଯେତେବେଳେ ଧୂମକେତୁର ନ୍ୟୁକ୍ଲିୟସ୍ ସୂର୍ଯ୍ୟଙ୍କ ନିକଟକୁ ଆସେ, ସେମାନଙ୍କ ପୃଷ୍ଠରେ ଥିବା ବା ପାଖରେ ଥିବା ବରଫ ଗୁଡ଼ିକ କଠିନରୁ ବାଷ୍ପାକାରରେ ସିଧାସଳଖ ରୂପାନ୍ତରିତ ହୁଏ । ଗ୍ୟାସ୍ ଅଣୁଗୁଡ଼ିକ ନ୍ୟୁକ୍ଲିୟସ୍ ପୃଷ୍ଠରୁ ପ୍ରବାହିତ ହୁଏ, ସେମାନଙ୍କ ସହିତ ସିଲିକେଟ୍ ଏବଂ ଜୈବିକ ଧୂଳି ଯାହା ବରଫଖଣ୍ଡରେ ଆବଦ୍ଧ ହୋଇ ରହିଥିବା ଦ୍ରବ୍ୟ ମଧ୍ୟ ପ୍ରବାହିତ ହୁଏ। ସାମଗ୍ରୀର ବହିର୍ଭୂତ ମିଶ୍ରଣ ତାପରେ କୋମେଟାରୀ କୋମା ସୃଷ୍ଟି କରେ, ଯାହାକୁ ଧୂମକେତୁ ବାତାବରଣ କୁହାଯାଏ। ଯେହେତୁ ଧୂମକେତୁର ନ୍ୟୁକ୍ଲିୟସ୍ ଗୁଡ଼ିକ ଛୋଟ ଏବଂ ସେମାନଙ୍କର ମାଧ୍ୟାକର୍ଷଣ ଶକ୍ତି ସେହି ବାୟୁମଣ୍ଡଳକୁ ବଜାୟ ରଖିବା ପାଇଁ ଅତ୍ୟନ୍ତ ଦୁର୍ବଳ, ଏହା ମୁକ୍ତ ଭାବରେ ମହାକାଶକୁ ପ୍ରବାହିତ ହୁଏ ।

ବିଭିନ୍ନ ତାପମାତ୍ରାରେ ବିଭିନ୍ନ ବରଫଖଣ୍ଡ କଠିନରୁ ବାଷ୍ପାକାରରେ ସିଧାସଳଖ ରୂପାନ୍ତରିତ ହେଉଥିବାରୁ ସୌର ଉତ୍ତାପ ତରଙ୍ଗ ଭୂପୃଷ୍ଠରେ ପ୍ରବେଶ କରୁଥିବାରୁ ଗ୍ୟାସ୍ ଭୂପୃଷ୍ଠର ବିଭିନ୍ନ ଗଭୀରତାରୁ ମୁକ୍ତ ହୋଇଥାଏ। ତେଣୁଭୂପୃଷ୍ଠର ନିକଟତମ ସ୍ତରଗୁଡ଼ିକ ଧୀରେ ଧୀରେ ହ୍ରାସ ହୋଇଯାଏ । ଅଣଭୋଲ୍ଟାଇଲ୍ ସ୍ତର ଏତେ ମୋଟା ହୋଇଥାଏ ଯେ ଏହାର ତଳେ ଥିବା ବରଫ ଉପାଦାନକୁ ପ୍ରଭାବଶାଳୀ ଭାବରେ ବିଦ୍ୟୁତ ରୋଧନ କରେ।

ଏ ସମ୍ବନ୍ଧରେ ଅଧିକ ତଥ୍ୟ ଆର ଥରକୁ।

**(କ୍ରମଶଃ)**

# ଅଙ୍ଗାର ପଦଚିହ୍ନ



ନିହାର ରଞ୍ଜନ ଆଚାର୍ଯ୍ୟ
ପ୍ରତିଷ୍ଠାତା ଓ ସହକାରୀ ନିର୍ଦ୍ଦେଶକ, ଟ୍ରଷ୍ଟ (ଏକ ବିଜ୍ଞାନ ପ୍ରଚାର ଅନୁଷ୍ଠାନ)
ବୈଜ୍ଞାନିକ ଅଫିସର, ଭାରତୀୟ ଜଳବାୟୁ କଂଗ୍ରେସ
ଦୁରଭାଷ- ୮୨୪୯୭୭୫୮୧୭

୧୯୯୦ ମସିହାରେ ୱିଲିଅମ୍ ଇ. ରିସ୍ ଏବଂ ଏମ୍ . ୱ ।କେରନାଗେଲ 'ପରିବେଶୀୟ ପଦଚିହ୍ନ ଧାରଣା' ( The Concept of Ecological Footprint)କୁ ଆଧାର କରି 'ଅଙ୍ଗାର ପଦଚିହ୍ନ' (Carbon Footprint) ନାମକରଣ କରିଥିଲେ । କୌଣସି ବ୍ୟକ୍ତିବିଶେଷ, ସ୍ଥାନ, ସଂସ୍ଥା, ଅନୁଷ୍ଠାନ, ଘଟଣା, ସେବା, ପ୍ରସ୍ତୁତିକରଣ ପ୍ରକ୍ରିୟା ଇତ୍ୟାଦି ଦ୍ୱାରା ନିର୍ଗତ ସମସ୍ତ ସବୁଜଗୃହ ବାଷ୍ପର ପରିମାଣକୁ ଅଙ୍ଗାର ପଦଚିହ୍ନ ଆଖ୍ୟା ଦିଆଯାଇଥାଏ । ଅଙ୍ଗାର ପଦଚିହ୍ନ ଅଙ୍ଗାରକାମ୍ଳ ବାଷ୍ପର ସମତୁଲ୍ୟ (Carbon dioxide equivalent I.e CO୨ର) ଅବସ୍ଥାକୁ ସୂଚିତ କରିଥାଏ। ସବୁଜଗୃହ ବାଷ୍ପ ଜୈବ ଇଂଧନର ଜାରଣ, କଳକାରଖାନାର ଉତ୍ପାଦାନ, ବିଭିନ୍ନ ଖଣିଖାଦାନର ଖଣିଜ ପଦାର୍ଥ ଉତ୍ତୋଳନ, ବିଭିନ୍ନ ନିର୍ମାଣ କାର୍ଯ୍ୟ, ଯାନବାହାନର ଗମନାଗମନ ତଥା ସମସ୍ତ ଜୀବମାନଙ୍କର ନିଶ୍ୱାସ ଦ୍ୱାରା ନିର୍ଗତ ଅଙ୍ଗାରକାମ୍ଳ, ମିଥେନ୍, ନାନାଦି ରାସାୟନିକ ବାଷ୍ପର ଏକକ ତଥା ସମଷ୍ଟିଗତ ଅବସ୍ଥାକୁ ନେଇ ପୃଥିବୀ- ଉତ୍ତପ୍ତି କରଣ ସାଧନ କରିଥାଏ । ଅଙ୍ଗାର ପଦଚିହ୍ନ ପ୍ରକାରନ୍ତରେ ଭୁ-ମଣ୍ଡଳର ଉତ୍ତପ୍ତିକରଣର ପ୍ରଧାନ କାରଣ ହୋଇଥାଏ, ଯାହାକି ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସଂପୃକ୍ତିକୁ ଦର୍ଶାଇଥାଏ । ହାରାହାରି ଭାବରେ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅଙ୍ଗାର ପଦଚିହ୍ନର ପରିମାଣ ୨୦୧୪ ମସିହାରେ ବାର୍ଷିକ ୫ ଟନ୍ ଅଙ୍ଗାରକାମ୍ଳ ବାଷ୍ପର ସମତୁଲ୍ୟ (CO୨ର) ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଦ୍ୱାରା ଦର୍ଶାଯାଇଛି । ପୁନଶ୍ଚ ପ୍ରତ୍ୟେକ ଆମେରିକୀୟଙ୍କ ପକ୍ଷରେ ଏହି ପରିମାଣ ବାର୍ଷିକ ୧.୬ ଟନ୍ ଥିବା ନେଚର କଞ୍ଜରଭେନ୍ସି (Nature Conservency I.e. NC of USA) ସଂସ୍ଥା ପ୍ରକାଶ କରି ୨୦୧୫ ମସିହାରେ ଗଭୀର ଉଦ୍‌ବେଗ ଦର୍ଶାଇଛନ୍ତି ।

ଅଙ୍ଗାର ପଦଚିହ୍ନ, ମୁଖ୍ୟତଃ ଆଧୁନିକ ମନୁଷ୍ୟର ଜୀବନଧାରଣ ଶୈଳୀ ଦ୍ୱାରା ସଂଘଟିତ ହୋଇ ପରିବେଶ ଜନିତ ବିପର୍ଯ୍ୟୟର କାରଣ ରୂପେ ପରିବେଶବିତ ଓ ବୈଜ୍ଞାନିକ ମାନେ ଦର୍ଶାଇ ବିଶ୍ୱ ସମୁଦାୟକୁ ଏହାର ଅବିଳମ୍ବେ ନିରାକରଣ ନିମନ୍ତେ ଚେତାବନୀ ଦେଇଅଛନ୍ତି । ଅଙ୍ଗାର ପଦଚିହ୍ନ ବିଶ୍ୱ ଉତ୍ତପ୍ତିକରଣ ଏବଂ ତଦ୍ୱାରା ଭୁ-ମଣ୍ଡଳୀୟ ଜଳବାୟୁ ପରିବର୍ତ୍ତନଜନିତ ସମଗ୍ର ଜୀବସମୁହଙ୍କ ଜୀବନଧାରଣ ତଥା କ୍ରମବର୍ଦ୍ଧନରେ ପ୍ରଧାନ ବାଧକ ରୂପେ ନିର୍ଯ୍ୟାସ କରାଯାଇଅଛି । ସୁତାରଂ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ପୂର୍ବକ ଅଙ୍ଗାର ପଦଚିହ୍ନଜନିତ ବିଶ୍ୱ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ବିଶ୍ୱ ସଂଗଠନର ସଦସ୍ୟଭୁକ୍ତ ଅଧିକାଂଶ ରାଷ୍ଟ୍ର ପ୍ରଚେଷ୍ଟାରତ ଅଛନ୍ତି । ବିଶେଷଭାବେ ସବୁଜଗୃହ ସୃଷ୍ଟିକାରି ସାଧାରଣ ବାଷ୍ପ (Most Common Greenhouse Gases I.e MCGs) ଯଥା- ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ ଅକ୍ସାଇଡ଼ (N2O) ଫ୍ଲୋରି ନେଟେଡ଼ ଗ୍ୟାସ ସମୂହ (Fluorinated Gases), ଜଳକଣା, କୁହୁଡି, ଧୁମ, ଧୂଳିକଣ। ଇତ୍ୟାଦି ସୌରମଣ୍ଡଳର ଅତି ଲୋହିତ ରଶ୍ମି (Infrared radiation) ବିକିରଣକୁ ଶୋଷଣ ପୂର୍ବକ ପୃଥିବୀର ଉତ୍ତାପ ବର୍ଦ୍ଧନ ସହ ଜଳବାୟୁ ପରିବର୍ତ୍ତନ ଘଟାଇ ପରିସଂସ୍ଥାଗୁଡିକର ବିପର୍ଯ୍ୟୟର କାରଣ ହୋଇଥାନ୍ତି । ପୁନଶ୍ଚ ସହରିକରଣ, ବନ୍ୟ ସମ୍ପଦର ବିନାଶ ଆଦି ସବୁଜଗୃହ ବାଷ୍ପ ସମୂହର ପରିମାଣ ଅଭିବୃଦ୍ଧି ଘଟାଇ ଅଙ୍ଗାର ପଦଚିହ୍ନଜନିତ ଜୈବ ବିପର୍ଯ୍ୟୟର ମୁଖ୍ୟ କାରଣ ହୋଇଥାଏ । ଅଙ୍ଗାର ପଦଚିହ୍ନ ଉକ୍ତ ସବୁଜଗୃହ ବାଷ୍ପ ନିର୍ଗତର ସାଂଖ୍ୟ ପରିମାଣ (numerical quantity) ଯାହାକି କୌଣସି ଏକକ ନିର୍ଦ୍ଦିଷ୍ଟ ଉତ୍ସରୁ ଉପଲବ୍ଧ ହୋଇଥାଏ । ଏହି ଅଟକଳ ଏକକ ମନୁଷ୍ୟ ଠାରୁ ଆରମ୍ଭ କରି ସମଗ୍ର ପୃଥିବୀ ପୃଷ୍ଠରୁ ନିର୍ଗତ ସବୁଜଗୃହ ବାଷ୍ପର ପରିମାଣକୁ ନିର୍ଧାର୍ଯ୍ୟ କରାଯାଇ ଏହାର ବିଷମୟ ପରିସ୍ଥିତି ସମ୍ବନ୍ଧରେ ଆକଳନ କରାଯାଇଥାଏ । ପରିବେଶୀୟ ଅଙ୍ଗାର ପଦଚିହ୍ନର ପ୍ରଭାବ ଏବଂ ତଦ୍ ଜନିତ ପୃଥିବୀର ଜଳବାୟୁ ପରିବର୍ତନ ଓ ଜୀବର ଜୀବନଧାରଣ କରିବା ଅବସ୍ଥାର ଅବନତି ପରିବେଶୀୟ ବିଚାରଧାରାକୁ ବିଶେଷ ରୂପେ ପ୍ରଭାବିତ କରିଥାଏ । ଅଙ୍ଗାର ପଦଚିହ୍ନ ସାଧାରଣତଃ ବାର୍ଷିକ କିସ୍ତିରେ ନିର୍ଗତ ସବୁଜଗୃହ ବାଷ୍ପର ପରିମାଣ ଏବଂ ସମଗ୍ର ପୃଥିବୀର ପରିବେଶୀୟ ଜଳବାୟୁ ଉପରେ ତାହାର ନକରାତ୍ମକ ପ୍ରଭାବକୁ ଦର୍ଶାଇଥାଏ । ପରନ୍ତୁ, କେତେକ ପରିବେଶବିଦ୍‌ଙ୍କ ମତାନୁଯାୟୀ ଅଙ୍ଗାର ପଦଚିହ୍ନ ଅନ୍ୟାନ୍ୟ କାରଣ ତୁଳନାରେ ପରିବେଶୀୟ ପଦଚିହ୍ନ (Ecological footprint)କୁ ବିଶେଷ ଭାବେ ପ୍ରଭାବିତ କରି ପରିବେଶ ବିଶେଷ କରି ସମ୍ପୃକ୍ତ ପରିସଂସ୍ଥାର ଘୋର ବିପର୍ଯ୍ୟୟ ସାଧନ କରିଥାଏ । ସେ ଯାହା ହେଉନା କାହିଁକି ଅଙ୍ଗାର ପଦଚିହ୍ନ ସ୍ପଷ୍ଟ ଭାବରେ ପୃଥିବୀର ଉତ୍ତାପ ବୃଦ୍ଧି ତଥା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ନିୟୋଜିତ ସମସ୍ତ ପଦଚିହ୍ନ ପରିବାର (Family of Footprints) ମଧ୍ୟରେ ଅନ୍ୟତମ, ଯାହାକି ସ୍ଥଳ ପଦଚିହ୍ନ ଓ ଜଳ ପଦଚିହ୍ନ (Land footprints and water footprints)ସହ ସମ୍ପୃକ୍ତ ରହି ପରିବେଶୀୟ ବିଚାରଧାରାକୁ ପରିପ୍ରକାଶ କରିଥାଏ ।

ଅଙ୍ଗାର ପଦଚିହ୍ନ ପ୍ରଭାବଜନିତ ପୃଥିବୀର ଜଳବାୟୁ ପରିବର୍ତ୍ତନ ଯୋଗୁଁ ୩୬୦ କୋଟି ଜନତା ବିପଦାପନ୍ନ ହୋଇଥିବା ତଥ୍ୟ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତରେ ଆନ୍ତଃ ସରକାରୀ ବିଶେଷଜ୍ଞ ମଣ୍ଡଳୀ (ଆଇପିସିସି IPCC) ତା ୨୮.୦୨.୨୦୨୨ ରିଖରେ ତାହାର ସ୍ୱତନ୍ତ୍ର ସମ୍ବାଦ ପ୍ରକାଶ କରିଥିଲେ । ଉକ୍ତ ସମ୍ବାଦ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ଅଧିକ ପରିମାଣରେ ଅତି ଭୟଙ୍କର ଦୁର୍ବିପାକର ସମ୍ମୁଖୀନ ହେବାର ଆଶଙ୍କା ରହିଅଛି । ବିଶ୍ୱତାପମାନ ଆଗାମୀ ଦିନରେ ଆହୁରି ଦେଢ଼ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଆକଳନ କରିଅଛି । ଏଥି ସହିତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିଶ୍ୱବାସୀଙ୍କୁ କ'ଣ କରିବାକୁ ହେବ, ସେ ନେଇ କେତେକ ପରାମର୍ଶ ଦିଆଯାଇଛି । ଖବର ଅନୁସାରେ ଆସନ୍ତା ବର୍ଷଗୁଡିକରେ ଗ୍ରୀଷ୍ମପ୍ରବାହ, ଦୁର୍ଭିକ୍ଷ, ବନ୍ୟା, ବାତ୍ୟା, ସୁନାମି ଆଦି ଅତିଶୟ ହେବ । ଏହା ପ୍ରାଣୀମାନଙ୍କ ପକ୍ଷରେ ଅସହ୍ୟ ହୋଇ ପଡିବ । ଖାଦ୍ୟ ଓ ଜଳାଭାବ କାରଣରୁ ବହୁ ଜୀବନହାନି ଘଟିବ ଓ ପ୍ରଭୂତ କ୍ଷତି ହେବ । ବୃକ୍ଷରାଜି ମଧ୍ୟ ଧ୍ୱଂସ ହୋଇଯିବ । ଆଫ୍ରିକା, ଏସିଆ ସହିତ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ଦୁର୍ବିପାକ ବୃଦ୍ଧି ପାଇବ । କ୍ଷୁଦ୍ର ଦ୍ୱୀପଗୁଡ଼ିକ ବିଲୁପ୍ତ ହୋଇଯିବ । ଅତଏବ, ଏହାର ପ୍ରତିକାର ନିମନ୍ତେ ଜରୁରୀ ପଦକ୍ଷେପର ଆବଶ୍ୟକତା ରହିଥିବା ଆଇପିସିସି ଦର୍ଶାଇଛି । ସହରୀକରଣ ବୃଦ୍ଧି ଜନିତ ସବୁଜଗୃହର ପ୍ରଭାବ ତଥା ଅଙ୍ଗାର ପଦଚିହ୍ନର ବୃଦ୍ଧି ଏପରି ଆସନ୍ନ ବିପଦର ମୁଖ୍ୟ କାରଣ ବୋଲି ଖବରରେ ପ୍ରକାଶ ପାଇଅଛି । ଏଥିସହିତ ବେକାରୀ, ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇ ନପାରିବା ଆଦି ସମସ୍ୟାକୁ ବହୁଗୁଣିତ କରିବ । ତେଣୁ ଉପଯୁକ୍ତ ଯୋଜନା ଦ୍ୱାରା ସହରାଞ୍ଚଳ ବୃଦ୍ଧିକୁ ରୋକାଯିବା ଏକାନ୍ତ ଜରୁରୀ ବୋଲି ଆଇପିସିସି ଦର୍ଶାଇଛନ୍ତି। ଏହା ବିଶ୍ୱବାସୀଙ୍କ ନିମନ୍ତେ ଏକ ଚେତାବନୀ ଅଟେ – ଏଣୁ ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ୍ ।

# ଶୁଭୁନି ଆଉ ଚିଁ ଚିଁ...



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ଼,
ମୋ- ୯୪୩୭୯୮୫୮୬୬



ଘରଚଟିଆର ସଂକ୍ଷିପ୍ତ ପରିଚୟ :- ଘରଚଟିଆ 'ପାସେରାଡେଇ' ପରିବାରର ସଦସ୍ୟ, କିନ୍ତୁ କିଛି ଲୋକ ଏହାକୁ 'ୱିଭର ଫିଞ୍ଚ୍' ପରିବାରର ସଦସ୍ୟ ବୋଲି ବିବେଚନା କରନ୍ତି। ଏହାର ଲମ୍ବ ୧୪ରୁ ୧୬ ସେଣ୍ଟିମିଟର ଏବଂ ଓଜନ ୨୫ରୁ ୩୨ ଗ୍ରାମ ପର୍ଯ୍ୟନ୍ତ । ଗୋଟିଏ ସମୟରେ ଅତି କମରେ ୩-୪ ଜଣ ସନ୍ତାନ ଜନ୍ମ ଦିଅନ୍ତି । ଘରଚଟିଆମାନେ ଅଧିକାଂଶ ସମୟ ଏକାଠି ବସବାସ କରନ୍ତି । ଖାଦ୍ୟ ଖୋଜିବା ପାଇଁ ପ୍ରାୟତଃ ଦୁଇ ମାଇଲ ଯାତ୍ରା କରିଥାନ୍ତି ଘରଚଟିଆ ପଲ। ଏହି ପକ୍ଷୀମାନେ ଆବର୍ଜନାରୁ ସେମାନଙ୍କର ଖାଦ୍ୟ ପାଇଥାନ୍ତି । ସଂଖ୍ୟା କମିବାର କାରଣ :- ଘରଚଟିଆଙ୍କ ସଂଖ୍ୟା କମିବାର କେତେକ ମୁଖ୍ୟ କାରଣ : – ଖାଦ୍ୟ ଓ ପାଣିର ଅଭାବ । ତାଙ୍କର ବସା ପାଇଁ ଉପଯୁକ୍ତ ସ୍ଥାନର ଅଭାବ । ଦ୍ରୁତ ଗତିରେ କଟାଯାଉଥିବା ଗଛ । ପ୍ରଥମ ଦଶ-ପନ୍ଦର ଦିନ ଘରଚଟିଆ ଶିଶୁଙ୍କ ଖାଦ୍ୟ କେବଳ କୀଟପତଙ୍ଗ। ଆଜିକାଲି ଲୋକମାନେ କ୍ଷେତରେ ରାସାୟନିକ ସାର କିଟନାଶକ ଔଷଧ ବ୍ୟବହାର କରୁଛନ୍ତି । ଯେଉଁକାରଣରୁ ଗଛରେ ଆଉ ପୋକ ଦେଖିବାକୁ ମିଳୁ ନାହିଁ କି ଏହି ପକ୍ଷୀ ଉପଯୁକ୍ତ ଖାଦ୍ୟ ଉତ୍ପାଦନ କରି ପାରୁ ନାହାଁନ୍ତି । ତେଣୁ ଘରଚଟିଆ ସମେତ ସମଗ୍ର ବିଶ୍ୱରେ ହଜାର ହଜାର ପକ୍ଷୀ ଆଜି ବିଲୁପ୍ତ ହୋଇଯାଉଛନ୍ତି କିମ୍ବା କୌଣସି କୋଣରେ ଶେଷ ନିଶ୍ୱାସ ଗଣନା କରୁଛନ୍ତି। ବାସସ୍ଥାନ କ୍ଷୟ,ଶସ୍ୟରେ କୀଟନାଶକ ବ୍ୟବହାର, ଖାଦ୍ୟପେୟର ଅଭାବ ଏବଂ ମୋବାଇଲ ଫୋନ୍ ଓ ମୋବାଇଲ୍ ଟାୱାରରୁ ନିର୍ଗତ ସୂକ୍ଷ୍ମ ତରଙ୍ଗ ଘରଚଟିଆର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି।

ଏକବିଂଶ ଶତାବ୍ଦୀର ଶେଷ ଭାଗରେ ମନୁଷ୍ୟ ପହଞ୍ଚିବାକୁ ଯାଉଛି । ଆଜି ସବୁ କିଛିର ପରିବର୍ତ୍ତନ । ବୈଷୟିକ ଜ୍ଞାନକୌଶଳ, ସଂସ୍କୃତି, ଲୋକ, ଜନସଂଖ୍ୟା ଇତ୍ୟାଦିରେ ଅଭିବୃଦ୍ଧି । ଏହି ସମୟରେ ପ୍ରକୃତିକୁ ନଷ୍ଟ କରି ମନୁଷ୍ୟ ବିକାଶ ଲାଭ କରୁଛି । ସହରମାନଙ୍କରେ ଅନେକ ଉଚ୍ଚ ଅଟ୍ଟାଳିକା, ପ୍ରାସାଦ ପରିପୂର୍ଣ୍ଣ କିନ୍ତୁ ଗଛ ନାହିଁ। କେବଳ ମନୁଷ୍ୟ ଗଛକୁ ନଷ୍ଟ କରି ତା ପାଇଁ ରାସ୍ତା ଘର ତିଆରି କରି ନାହିଁ, ବରଂ ସେ ପ୍ରାକୃତିକ ପରିବେଶକୁ ନଷ୍ଟ କରିଦେଉଛି । ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ବୃକ୍ଷଲତା ଜୀବଜନ୍ତୁ ଏବଂ ପକ୍ଷୀଙ୍କୁ ନଷ୍ଟ କରିଦେଉଛି । ବୃକ୍ଷ ହ୍ରାସ ହେଉଥିବାରୁ ପଶୁ ପକ୍ଷୀମାନେ ନିଜ ପାଇଁ ବସା ବା ଘର କରିପାରୁ ନାହାଁନ୍ତି। ସେମାନଙ୍କ ବଂଶ ବୃଦ୍ଧି ପରିବର୍ତ୍ତେ ହ୍ରାସ ଘଟୁଛି । ମଣିଷ ନିଜ ଆବଶ୍ୟକତା ପାଇଁ ପ୍ରକୃତିକୁ ସିଧାସଳଖ ନଷ୍ଟ କରୁଛି। ସେଥିରୁ ବାଦ୍ ପଡିନି ଘରଚଟିଆ । ବିଶ୍ୱ ଘରଚଟିଆ ଦିବସ ସମଗ୍ର ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଏହି ଦିନଟି ବିଲୁପ୍ତ ହୋଇଯାଇଥିବା ଘରଚଟିଆ ପକ୍ଷୀ ସହିତ ଜଡିତ । ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଜଣାଯାଏ, ଭାରତରେ ଘରଚଟିଆଙ୍କ ସଂଖ୍ୟା ୬୦ ପ୍ରତିଶତ ହ୍ରାସ ପାଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହା ହ୍ରାସ ଘଟିଛି। ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବେ ମନାଯାଏ। ସମଗ୍ର ବିଶ୍ୱରେ ଘରଚଟିଆଙ୍କ ସଂରକ୍ଷଣ ପାଇଁ ଜନସଚେତନା କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଘରଗୁଡ଼ିକରେ ଚିଁ ଚିଁ କରୁଥିବା ଘରଚଟିଆ ଆଉ ଦୃଶ୍ୟମାନ ନୁହେଁ । ଛୋଟିଆ ଏହି ସୁନ୍ଦର ପକ୍ଷୀଟି ମନୁଷ୍ୟମାନେ ବାସ କରୁଥିବା ଚାଳ ଘରେ ରୁହନ୍ତି ଏବଂ ପିଲାମାନେ ଏହାକୁ ଦେଖି ବଡ଼ ଖୁସି ହୁଅନ୍ତି । ସ୍ଥିତି ଏବେ ବଦଳିଯାଇଛି। ଘରଚଟିଆର ଅସ୍ତିତ୍ୱକୁ ନେଇ ସଙ୍କଟ । ୨୦୧୦ ମସିହା ଠାରୁ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଉଛି । ତା'ପର ଠାରୁ ସମଗ୍ର ବିଶ୍ୱରେ ଘରଚଟିଆଙ୍କ ସଂରକ୍ଷଣ ଲାଗି ଜନସଚେତନା ଏହାର ଉଦ୍ଦେଶ୍ୟ । ଦୁଇ ଦଶନ୍ଧି ଧରି ଆମ ପ୍ରାଙ୍ଗଣରେ ଝୁଲୁଥିବା ଘରଚଟିଆ ଆଜି ବିଲୁପ୍ତ । କିଛି ବର୍ଷ ହେଲା, ଏହି ପକ୍ଷୀ ଦ୍ରୁତ ଗତିରେ ବିଲୁପ୍ତ ହେବାରେ ଲାଗିଛି। ଭାରତର କିଛି ସହରରେ ଗ୍ରାମରେ ଏହା ବିରଳ ହୋଇଗଲାଣି । ଖୋଜାଖୋଜି କଲେ ମଧ୍ୟ ଏହି ପକ୍ଷୀ ଆଉ ସେତେ ଦେଖା ଯାଉ ନାହାଁନ୍ତି । ତେଣୁ ୨୦୧୨ ମସିହାରେ ଦିଲ୍ଲୀ ସରକାର ଏହାକୁ 'ରାଜ୍ୟ ପକ୍ଷୀ' ଭାବେ ଘୋଷଣା କରିଛନ୍ତି । ବିପଦସଙ୍କୁଳ 'ଘରଚଟିଆ' :- ପୂର୍ବରୁ ଏହି ପକ୍ଷୀକୁ ପିଲାମାନେ ଖାଇବାକୁ ଦେଉଥିଲେ । ସେତେବେଳେ ପିଲାମାନେ ଏହାକୁ ବହୁତ ଉତ୍ସୁକତାର ସହ ଦେଖୁଥିଲେ, ମଜା ନେଉଥିଲେ କିନ୍ତୁ ବର୍ତ୍ତମାନ ଦେଖିବା କଷ୍ଟକର ହୋଇପଡିଛି । ଏହା ବିଲୁପ୍ତ ପ୍ରଜାତି ତାଲିକାରେ ଆସିଛି । ପକ୍ଷୀ ବିଶେଷଜ୍ଞ ହେମନ୍ତ ସିଂହଙ୍କ କହିବା ଅନୁଯାୟୀ, ଘରଚଟିଆଙ୍କ ସଂଖ୍ୟା ୬୦ରୁ ୮୦ ପ୍ରତିଶତ ହ୍ରାସ ପାଇଛି। ଏହାର ସଂରକ୍ଷଣ ପାଇଁ ଉପଯୁକ୍ତ ପ୍ରୟାସ କରା ନଗଲେ ଘରଚଟିଆ ଇତିହାସର ପ୍ରାଣୀ ପାଲଟିଯିବେ ଏବଂ ଭବିଷ୍ୟତର ପିଢ଼ି ଏହାକୁ ଦେଖିବାକୁ ପାଇବେ ନାହିଁ। ଭାରତର ଗବେଷକଙ୍କ ଦ୍ୱାରା ବିଶ୍ୱର ବିଭିନ୍ନ ସ୍ଥାନରେ କରାଯାଇଥିବା ଅଧ୍ୟୟନ ଆଧାରରେ ବ୍ରିଟେନର 'ରୟାଲ ସୋସାଇଟି ଅଫ୍ ପ୍ରୋଟେକ୍ସନ ଅଫ୍ ବାର୍ଡସ' 'ରେଡ୍ ଲିଷ୍ଟ'ରେ ଘରଚଟିଆଙ୍କୁ ରଖିଛି । ଘରଚଟିଆ ବିପଜ୍ଜନକ ସ୍ତରକୁ ଖସି ଆସିଛି। ପ୍ରସିଦ୍ଧ ପରିବେଶବିତ୍ ମହମ୍ମଦ ଇ ଦିଲାୱାରଙ୍କ ପରି ଲୋକଙ୍କ ପ୍ରୟାସ ଯୋଗୁଁ ମାର୍ଚ୍ଚ ୨୦ ତାରିଖରେ ସମଗ୍ର ବିଶ୍ୱରେ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଉଛି । ଦିଲାୱାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ଆଜି ଅନେକ ପରିବେଶବିତ୍ ଜନସାଧାରଣ ଘରଚଟିଆଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ।

ଘରଚଟିଆ ଆଜି ଏକ ବିପନ୍ନ ପକ୍ଷୀ । ଯାହା ସମଗ୍ର ବିଶ୍ୱରେ କ୍ରମଶଃ ବିରଳ ହେବାରେ ଲାଗିଛି । ୧୦-୨୦ ବର୍ଷ ପୂର୍ବରୁ ସାର୍ବଜନୀନ ସ୍ଥାନରେ ଘରଚଟିଆ ପଲ ଦେଖିବାକୁ ମିଳୁଥିଲା, କିନ୍ତୁ ପରିସ୍ଥିତି ସହ ନିଜକୁ ଅନୁକୂଳ ନ ହେବାରୁ ଏହି ପକ୍ଷୀ ଏବେ କେବଳ ଭାରତରେ ନୁହେଁ ବରଂ ୟୁରୋପର ଅନେକ ସହରରେ ବହୁତ କମ୍ ଦେଖା ଯାଉଛି । ବ୍ରିଟେନ୍, ଇଟାଲୀ, ଫ୍ରାନ୍ସ, ଜର୍ମାନୀ ଓ ଚେକ୍ ରିପବ୍ଲିକ୍ ଭଳି ଦେଶରେ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବା ବେଳେ ନେଦରଲ୍ୟାଣ୍ଡରେ ଏମାନଙ୍କୁ 'ବିରଳ ପ୍ରଜାତି' ଶ୍ରେଣୀରେ ରଖାଯାଇଛି।

ଘରଚଟିଆର ସଂକ୍ଷିପ୍ତ ପରିଚୟ :- ଘରଚଟିଆ 'ପାସେରାଡେଇ' ପରିବାରର ସଦସ୍ୟ, କିନ୍ତୁ କିଛି ଲୋକ ଏହାକୁ 'ୱିଭର ଫିଞ୍ଚ୍' ପରିବାରର ସଦସ୍ୟ ବୋଲି ବିବେଚନା କରନ୍ତି। ଏହାର ଲମ୍ବ ୧୪ରୁ ୧୬ ସେଣ୍ଟିମିଟର ଏବଂ ଓଜନ ୨୫ରୁ ୩୨ ଗ୍ରାମ ପର୍ଯ୍ୟନ୍ତ । ଗୋଟିଏ ସମୟରେ ଅତି କମରେ ୩-୪ ଜଣ ସନ୍ତାନ ଜନ୍ମ ଦିଅନ୍ତି । ଘରଚଟିଆମାନେ ଅଧିକାଂଶ ସମୟ ଏକାଠି ବସବାସ କରନ୍ତି । ଖାଦ୍ୟ ଖୋଜିବା ପାଇଁ ପ୍ରାୟତଃ ଦୁଇ ମାଇଲ ଯାତ୍ରା କରିଥାନ୍ତି ଘରଚଟିଆ ପଲ। ଏହି ପକ୍ଷୀମାନେ ଆବର୍ଜନାରୁ ସେମାନଙ୍କର ଖାଦ୍ୟ ପାଇଥାନ୍ତି । ସଂଖ୍ୟା କମିବାର କାରଣ :- ଘରଚଟିଆଙ୍କ ସଂଖ୍ୟା କମିବାର କେତେକ ମୁଖ୍ୟ କାରଣ : – ଖାଦ୍ୟ ଓ ପାଣିର ଅଭାବ । ତାଙ୍କର ବସା ପାଇଁ ଉପଯୁକ୍ତ ସ୍ଥାନର ଅଭାବ । ଦ୍ରୁତ ଗତିରେ କଟାଯାଉଥିବା ଗଛ । ପ୍ରଥମ ଦଶ-ପନ୍ଦର ଦିନ ଘରଚଟିଆ ଶିଶୁଙ୍କ ଖାଦ୍ୟ କେବଳ କୀଟପତଙ୍ଗ। ଆଜିକାଲି ଲୋକମାନେ କ୍ଷେତରେ ରାସାୟନିକ ସାର କିଟନାଶକ ଔଷଧ ବ୍ୟବହାର କରୁଛନ୍ତି । ଯେଉଁକାରଣରୁ ଗଛରେ ଆଉ ପୋକ ଦେଖିବାକୁ ମିଳୁ ନାହିଁ କି ଏହି ପକ୍ଷୀ ଉପଯୁକ୍ତ ଖାଦ୍ୟ ଉତ୍ପାଦନ କରି ପାରୁ ନାହାଁନ୍ତି । ତେଣୁ ଘରଚଟିଆ ସମେତ ସମଗ୍ର ବିଶ୍ୱରେ ହଜାର ହଜାର ପକ୍ଷୀ ଆଜି ବିଲୁପ୍ତ ହୋଇଯାଉଛନ୍ତି କିମ୍ବା କୌଣସି କୋଣରେ ଶେଷ ନିଶ୍ୱାସ ଗଣନା କରୁଛନ୍ତି। ବାସସ୍ଥାନ କ୍ଷୟ,ଶସ୍ୟରେ କୀଟନାଶକ ବ୍ୟବହାର, ଖାଦ୍ୟପେୟର ଅଭାବ ଏବଂ ମୋବାଇଲ ଫୋନ୍ ଓ ମୋବାଇଲ୍ ଟାୱାରରୁ ନିର୍ଗତ ସୂକ୍ଷ୍ମ ତରଙ୍ଗ ଘରଚଟିଆର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଆଜି କାଲି ଲୋକମାନଙ୍କ ମଧ୍ୟରେ ଘରଚଟିଆ ବିଷୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । କାରଣ ଅନେକ ସମୟରେ ଲୋକମାନେ ଏହି ପକ୍ଷୀ ବସା କରିବା ପୂର୍ବରୁ ନିଜ ଘରେ ନଷ୍ଟ କରିଦିଅନ୍ତି । ଅନେକ ସମୟରେ ପିଲାମାନେ ସେମାନଙ୍କୁ ଧରି ସେମାନଙ୍କ ପାଦରେ ସୂତା ବାନ୍ଧି ପରିଚୟ ଦେବା ପାଇଁ ଛାଡି ଦିଅନ୍ତି । ଏହି କାରଣରୁ ଅନେକ ସମୟରେ ଏହି ପକ୍ଷୀ ଗଛ ଡାଳରେ ଛନ୍ଦି ହୋଇ ମୃତ୍ୟୁବରଣ କରନ୍ତି । ଖାଲି ସେତିକି ନୁହେଁ ଅନେକ ସମୟରେ ପିଲାମାନେ ଘରଚଟିଆକୁ ଧରି ତା'ର ପର ରଙ୍ଗ କରନ୍ତି । ଯାହା ଫଳରେ ସେମାନେ ଉଡିବା କଷ୍ଟକର ହୋଇପଡିବା ସହିତ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ପକ୍ଷୀ ବିଶେଷଜ୍ଞଙ୍କ ପରାମର୍ଶ ଏବଂ ପକ୍ଷୀ ବିଜ୍ଞାନୀଙ୍କ ମତରେ, ଘରଚଟିଆଙ୍କ ବଂଶ ବିସ୍ତାର ପାଇଁ ଲୋକମାନେ ନିଜ ଘରେ କିଛି ସ୍ଥାନ ଯୋଗାଇଦେବା ଉଚିତ୍ । ଯେଉଁଠାରେ ସେମାନେ ସହଜରେ ବସା ତିଆରି କରିପାରିବେ ଏବଂ ସେମାନଙ୍କ ଅଣ୍ଡା ଓ ଛୋଟ ପିଲାମାନଙ୍କୁ ଆକ୍ରମଣକାରୀ ପକ୍ଷୀଙ୍କ ଠାରୁ ରକ୍ଷା କରିପାରିବେ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଇବାର ଏକ ପ୍ରମୁଖ କାରଣ ହେଉଛି, ବେଳେବେଳେ କାଉଙ୍କ ଭଳି ଆକ୍ରମଣକାରୀ ପକ୍ଷୀମାନେ ସେମାନଙ୍କ ଅଣ୍ଡାକୁ ଖାଇଦିଅନ୍ତି ।

ଆଜିକାଲି ପରିବେଶ ସହ ବଞ୍ଚିବା ପାଇଁ ଘରଚଟିଆମାନେ ବହୁତ ସଂଘର୍ଷ କରୁଛନ୍ତି। ଏଭଳି ସମୟରେ ପରିବେଶକୁ ଏହି ପକ୍ଷୀଙ୍କ ଅନୁକୂଳ ପାଇଁ ଆମେ ସାହାଯ୍ୟ କରିବା ଉଚିତ୍। ମନୁଷ୍ୟକୁ ଘରଚଟିଆ ପାଇଁ କିଛି କରିବାକୁ ପଡ଼ିବ, ନଚେତ୍ ମାରିସସ୍ ର 'ଡୋଡୋ' ପକ୍ଷୀ ଓ ଶାଗୁଣା ଭଳି ଏହା ମଧ୍ୟ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବ। ତେଣୁ ଘରଚଟିଆ ସଂରକ୍ଷଣ ପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ। ଇକୋ-ଏସ୍ଆଇଏସ୍ ଆକ୍ସନ୍ ଫାଉଣ୍ଡେସନ୍ (ଫ୍ରାନ୍ସ), ନେଚର ଫରଏଭର ସୋସାଇଟି ଅଫ୍ ଇଣ୍ଡିଆ ଏବଂ ବିଶ୍ୱର ଅନ୍ୟାନ୍ୟ ଅନୁଷ୍ଠାନ ଏହି ପ୍ରକଳ୍ପରେ ସହଯୋଗ କରିଛନ୍ତି । ପକ୍ଷୀ ସଂରକ୍ଷଣର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା । ଆମର ପ୍ରାକୃତିକ ସମ୍ପଦର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏହି ଘରଚଟିଆଙ୍କୁ ସମ୍ମାନିତ କରିବା ପାଇଁ ଏକ ଦିବସ ସ୍ଥିର କରାଯାଇଛି, ଯାହାକୁ ପ୍ରାୟତଃ ଆମର ପ୍ରଚୁର ପ୍ରାକୃତିକ ସମ୍ପଦର ସୌନ୍ଦର୍ଯ୍ୟକୁ ପାଳନ କରିବାର ସର୍ବୋତ୍ତମ ଉପାୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com
City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଛାତ୍ରଛାତ୍ରୀଙ୍କୁ ଉତ୍ତମ ରୂପେ ଗଢ଼ିବା ଶିକ୍ଷକ ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଖଣ୍ଡସାହି ସ୍ଥିତ ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ପାଳନ ଅବସରରେ ରାଇଜିଂଷ୍ଟାର ସ୍ଥାନୀୟ ହରପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ସମାଜସେବୀ ଡ. ଦେବ୍ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିରୂପେ ପ୍ରଫେସର ଡ. ପ୍ରତାପ କୁମାର ପାଣି, ଆଇଟିଏସ ସୁବ୍ରତ କୁମାର ପୃଷ୍ଟି, ପ୍ରଫେସର ଡ. ନୀଳମାଧବ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସାନ୍ତନୁ କୁମାର ସର, ଡ. ଦେବ୍ ମହାନ୍ତି ପବ୍ଲିକ୍ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ସମାଜସେବିକା ହରପ୍ରିୟା ମହାନ୍ତି ପ୍ରମୁଖ ଅତିଥିରୂପେ ଯୋଗଦାନ କରି ଆଜିର ସମାଜରେ ଛାତ୍ର ଛାତ୍ରୀଙ୍କୁ ଉତ୍ତମ ରୂପେ ଗଢିତୋଳିବା ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ରହିଥିବାର ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରଫେସର ପ୍ରମୋଦ କୁମାର ମିଶ୍ର, ସନ୍ଦିପ୍ତ କୁମାର ସାମନ୍ତରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ ।



# ନିଖୋଜ ନାବାଳକ ରେଲ୍‌ୱେ ଟ୍ରାକ୍‌ରୁ ଉଦ୍ଧାର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ପଟଭାଡ଼ି ଅଞ୍ଚଳରୁ ନିଖୋଜ ହୋଇଥିବା ଏକ ୧୩ ବର୍ଷର ବାଳକ ଜିତୁ ପୁଟେଲକୁ ସୋନପୁର ପୋଲିସ ସନ୍ଧ୍ୟା ୬ଟାରେ ରେଲ୍‌ୱେ ଟ୍ରାକ୍ ନରସିଂହଗଡ ଠାରୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି । ଖବରରୁ ପ୍ରକାଶ ଯେ ପଟଭାଡ଼ିରେ ମାମୁଁ ଘରେ ରହି ପାଠ ପଢୁଥିବା ଉକ୍ତ ବାଳକ ଜିତୁ ତାରି ମାମୁଁ ଘର ସମ୍ପର୍କୀୟ ଛୁଆ ପିଲାଙ୍କ ସହ ସାମାନ୍ୟ କଳି ଝଗଡ଼ା ହେବାରୁ ଘରୁ ଦିନ ୧୧ଟାରେ ପଳାଇଯାଇ ସୋନପୁର ରେଲ୍‌ୱେ ଟ୍ରାକ୍‌ରେ ଚାଲି ଚାଲି ଖମ୍ବେଶ୍ୱରୀ ପାଲି ନରସିଂହ ଗଡ ଯାଏ ଯାଉଥିବା ସମୟରେ ସୋନପୁର ପୋଲିସ ଏଏସଆଇ ସୁଶୀଲ ବିଶିଙ୍କ ଟିମ୍ ସନ୍ଧ୍ୟା ସମୟରେ ପାଟ୍ରୋଲିଙ୍ଗ ବେଳେ ଉକ୍ତ ବାଳକକୁ ଉଦ୍ଧାର କରିଥିବା ସୂଚନା ମିଳିଛି ।

# ଅପ୍ରେଲ ୮ରୁ ସକାଳୁଆ ଅଦାଲତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସମସ୍ତ ଜିଲ୍ଲା ଓ ନିମ୍ନ ଅଦାଲତ ଗୁଡିକ ଏପ୍ରିଲ ୮ରୁ ସକାଳୁଆ ଚାଲିବ । ସକାଳ ୭ରୁ ଦିନ ୧ଟା ପର୍ଯ୍ୟନ୍ତ ଅଦାଲତ ଖୋଲା ରହିବ । ସକାଳ ୧୦ଟାରୁ ୧୦.୩୦ ପର୍ଯ୍ୟନ୍ତ ବିରତି ମିଳିବ । ଖରାଦିନ ଛୁଟି ପର୍ଯ୍ୟନ୍ତ ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟରେ ସକାଳ ୭.୩୦ରୁ ୧୨. ୩୦ ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ପରିଚାଳନା ହେବା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ବୌଦ୍ଧ ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧର ଶିଶୁ ବାଟିକା ବିଭାଗର ତୃତୀୟ ପର୍ଯ୍ୟାୟ ପରିବାର ପ୍ରଶିକ୍ଷଣ ହୋଇଯାଇଛି । ଏହି ପ୍ରଶିକ୍ଷଣ ସଭାରେ ବିଜୟ କୁମାର ସାହୁଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା । ବିଦ୍ୟାଳୟର ସଭାପତି ରାଜ କିଶୋର ମହାରଣାଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ସାର୍ ପ୍ରଧାନ, ସହସମ୍ପାଦକ ସନ୍ତୋଷ କୁମାର ପୁରୋହିତ ମଞ୍ଚରେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣରେ ୪୫ରୁ ଅଧିକ ନୂତନ ଅଭିଭାବିକା ଯୋଗଦାନ କରିଥିଲେ । ଆଜିର ପରିସ୍ଥିତି ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଶିଶୁମାନଙ୍କର ପାଠପଢ଼ାରେ ମାଆମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ମାଆମାନେ ହିଁ ଶିଶୁକୁ ଉପଯୁକ୍ତ ପ୍ରସ୍ତୁତ କରିପାରିବେ ବୋଲି କୁହାଯାଇଥିଲା । ଶେଷରେ ଶିଶୁବାଟିକା ପ୍ରମୁଖ ନବୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





# କେନ୍ଦ୍ରାପଡ଼ାରେ ଜାତୀୟ ସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମହିପାଳ ଟେଲିକମ୍ ପଡିଆରେ ଏକ ଜାତୀୟ ସ୍ତରୀୟ ବାଣିଜ୍ୟ ମେଳା-୨୦୨୪ ଉଦ୍‌ଘାଟିତ ହୋଇଯାଇଛି । ଅରୂପା (ଓଆରୟୁପିଏ) ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ବାଣିଜ୍ୟ ମେଳାକୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ସମାଜସେବୀ ଚିନ୍ମୟ ପ୍ରସାଦ ବେହୁରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୂପାର ସିଇଓ ଅଶୋକ କୁମାର ସାହୁଙ୍କ ସମେତ ମିର୍ ମୁରସିଦ, ଫୟାଜ ଅନୱାର, ଇଂ ବିଭୂପ୍ରସାଦ ସାହୁ, ସାଦାବ ଅନୱାର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ୫୧ଟି ଷ୍ଟଲ୍ ଏହି ମେଳାରେ ସ୍ଥାନ ପାଇଛି । ଏଥିରେ ମିରଟର ଖଦି, ମୁରସିଦାବାଦର ପିତଳ, ଗୁଜୁରାଟର ବେଡସିଟ୍, ରାଜସ୍ଥାନର ଖଦି, ଓଡ଼ିଶା ବରହ୍ମପୁରର ଆଚାର, ରାଜସ୍ଥାନର ଜୁଏଲାରୀ, କଲିକତାର ଚପଲ ପ୍ରଭୃତି ୫୧ଟି ଷ୍ଟଲ୍ ସ୍ଥାନ ପାଇଛି । ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଭିଡ ଜମୁଛି । ଏହି ମେଳା ୧୫ ଦିନ ଧରି ଚାଲୁ ରହିବ ବୋଲି ଉଦ୍ୟୋକ୍ତା ମାନେ ପ୍ରକାଶ କରିଛନ୍ତି ।



# ଆସିକା ଓକିଲ ସଂଘ ନିର୍ବାଚନ

**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ନିର୍ବାଚନ ହୋଇଯାଇଛି । ପୂର୍ବରୁ ଆସିକା ଓକିଲ ସଂଘ ସଭାପତି ଭାବେ ସୁଧାଂଶୁ କୁମାର ପଣ୍ଡା, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ମିଶ୍ର ଓ ଲାଇବ୍ରେରୀ ଭାବେ ସୀମାଞ୍ଚଳ ସେଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଶନିବାର ଦିନ ଅନ୍ୟ ତିନୋଟି ପଦ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଉପସଭାପତି ଭାବେ ପ୍ରଭାତ କୁମାର ପାଢ଼ୀ, ସମ୍ପାଦକ ଭାବେ ବିଦେଶୀ ନାହାକ ଓ ସହ ସମ୍ପାଦକ ଭାବେ ରାଘବ କୁମାର ନାହାକ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ କାଳୀ ଚରଣ ଦାସ ଓ ଜୟ ଚନ୍ଦ୍ର ନାୟକଙ୍କ ଠାରୁ ସୂଚନା ମିଳିଛି । ନିର୍ବାଚିତ ହୋଇଥିବା ସଦସ୍ୟ ମାନଙ୍କୁ ଆସିକା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପୁଷ୍ପ ଗୁଚ୍ଛ ଦେଇ ପାଛୋଟି ନେଇଥିଲେ ଉପସ୍ଥିତ ଥିବା ସମସ୍ତ ଆଇନଜୀବୀ ମାନେ ।

# ଇଫ୍‌ତାର ପାର୍ଟିରେ ଯୋଗଦାନ କଲେ ପିସିସି ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଠାରେ ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦୀପ୍ତ କୁମାର ଦାସ ଯୋଗଦାନ କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇମାନଙ୍କୁ ରମ୍‌ଜାନ ମାସ ଉପଲକ୍ଷେ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ଦିଲୀପ କୁମାର ରାଉତ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ପିସିସି ସମ୍ପାଦକ ମନୋଜ କୁମାର ଆଚାର୍ଯ୍ୟ କଂଗ୍ରେସ ଯୁବନେତା ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ମିଲନ ମଲିକ, ଅମରେଶ ସାମନ୍ତରାୟ, ଗୋପାଳ ସେଠୀ, ସୁଶିଳ ଲେଙ୍କା, ୟାକୁବ ଅହେମ୍ମଦ, ରୁସ୍ତମ ଅଲ୍ଲୀ, ମିର୍ଜା ଆଲ୍ଲାଉଦ୍ଦିନ, ମନିରୁଦ୍ଦିନ ଖାଁ, ସୌକତ ଅଲ୍ଲୀ ଖାଁ, ମିର୍ଜା ମୁନା, ମହମ୍ମଦ ଆସିକ, ସେକ୍ କରିମ୍, ମୁକ୍ତାର ଖାଁ, କୁଦୁସ ଖାଁ, ମିର୍ଜା କରିମ୍, କରାମତ ଖାଁ, ମିର୍ଜା ସର୍ଫ ଉଦ୍ଦିନ, ମିର୍ଜା ନିଜାମୁଦ୍ଦିନ, ଅନୱାର ଖାଁ, ଜାକୋ ଖାଁ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ୍ ସଦାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା





**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଶତପଥୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟବାନ ପଟେଲ – ଅଧିକ୍ଷଣ ଯନ୍ତ୍ରୀ ଗଞ୍ଜାମ ରାସ୍ତା ଓ କୋଠା ବାଡ଼ି ବିଭାଜନ ନଂ- ୨ ବ୍ରହ୍ମପୁର ମୁଖ୍ୟ ଅତିଥି, ଜି. ରାଜ ଗୋପଳ ନିର୍ବାହୀ ଯନ୍ତ୍ରୀ ସମ୍ମାନିତ ଅତିଥି, ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ନିର୍ମଳ ନାୟକ ସହିତ ବ୍ରହ୍ମପୁର ପୂର୍ତ୍ତ ବିଭାଗ ନଂ -୨ ଅଧିନସ୍ଥ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଭାରେ ଏ.ଇ.ଜି. ଛତ୍ରପୁର ମଳୟ ସାହୁଙ୍କୁ ରମ୍ଭା ପୂର୍ତ୍ତ ବିଭାଗର ଦାୟିତ୍ୱ ହସ୍ତାନ୍ତର ହୋଇଥିବା ସୂଚନା ମିଳିଛି । କାର୍ଯ୍ୟକ୍ରମକୁ ରମ୍ଭା ପୂର୍ତ୍ତ ବିଭାଗ କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ, ଅରୁଣ ବାରିକ, କିଶୋର ଚନ୍ଦ୍ର ଘୋଷ, ବିପିନ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ରାୟଗଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନ:ପଦ୍ମନାଭ ସଭାପତି, ବିଶ୍ୱନାଥ ସାଧାରଣ ସମ୍ପାଦକ ନିର୍ବାଚିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡା ଜିଲ୍ଲା ଓକିଲ ସଂଘର ପ୍ରତିବର୍ଷ ପରି ଚଳିତ ବର୍ଷ ଗତ ଶନିବାର ଦିନ ରାୟଗଡା ବାର୍ ଆସୋସିଏସନ୍‌ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ଓଡ଼ିଶାର ସମସ୍ତ ଜିଲ୍ଲାର ବାର୍ ଆସୋସିଏସନ୍‌ର ନିର୍ବାଚନ ମଧ୍ୟ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ରୂପେ ପରିଚାଳନ ପାଇଁ ରାୟଗଡା ଓକିଲ ସଂଘର ସଦସ୍ୟ ନବ କୁମାର କଣ୍ଡା ନିର୍ବାଚନ ପ୍ରକ୍ରିୟା ସୁଚାରୁ ରୂପେ ପରିଚାଳନା କରିଥିଲେ । ରାୟଗଡା ସଂଘର ସର୍ବମୋଟ ୧୭୩ ଓକିଲ ସଭ୍ୟ ଥିବା ବେଳେ ୧୬୭ ଓକିଲ ଭୋଟ ଦେଇଥିବା ଦେଖିବାକୁ ମିଳିଛି । ଏହି ନିର୍ବାଚନ ରେ ସଭାପତି ରୂପେ ପଦ୍ମନାଭ ଦାଶ ନିଜ ପ୍ରତିଦ୍ୱନ୍ଦ୍ୱୀ ଓକିଲ ପି. ଜଗନ ମୋହନଙ୍କ ଠାରୁ ୩ ଗୋଟି ଅଧିକ ଭୋଟ୍ ପାଇଁ ବିଜୟ ଲାଭ କରିଛନ୍ତି । ଏହି ସଭାପତି ପଦ ପାଇଁ ତିନି ଜଣପାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରିଥିବା ବେଳେ ପଦ୍ମନାଭ ଦାସ ୫୯ ଖଣ୍ଡ ଭୋଟ୍ ପାଇଥିବା ବେଳେ, ପି. ଜଗନ ମୋହନ ୫୬ ଖଣ୍ଡ ଭୋଟ୍ ପାଇଛନ୍ତି । ଅନ୍ୟ ଏକ ପ୍ରତିଦ୍ୱନ୍ଦ୍ୱୀ ବିଭୁ ପ୍ରଧାନ ୪୯ ଗୋଟି ଭୋଟ୍ ପାଇଥିବା ଦେଖିବାକୁ ମିଳିଛି । ସେହିପରି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦ ପାଇ କୌଣସି ପ୍ରତିଦ୍ୱନ୍ଦ୍ୱୀ ଇଚ୍ଛା ପ୍ରକଟ କରିନଥିବା ଯୋଗୁଁ ଉପସଭାପତି ପାଇଁ ଓ ସାଧାରଣ ସମ୍ପାଦକ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ଦୁଇ ପ୍ରାର୍ଥୀ ୱାଇ ଶ୍ରୀନିବାସ ରାଓ ଉପସଭାପତି ଓ ବିଶ୍ୱନାଥ ଗନ୍ତାୟତ ସାଧାରଣ ସମ୍ପାଦକ ରୂପେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଲାଭ କରିଛନ୍ତି । ସେହିପରି ସହ ସମ୍ପାଦକ ରୂପେ ଶ୍ରୀମତୀ ଶୁଭ୍ରକାନ୍ତି ବେହେରା ୯୦ ଗୋଟି ଭୋଟ୍ ପାଇ ବିଜୟ ଲାଭ କରିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜି କୃଷ୍ଣ ଦାସ ୭୦ ଗୋଟି ଭୋଟ୍ ପାଇଥିବା ଦେଖିବାକୁ ମିଳିଛି । ସେହିପରି କୋଷାଧ୍ୟକ୍ଷ ରୂପେ ନୀଳାଞ୍ଚଳ ବିଷୋୟୀ ସର୍ବାଧିକ ୧୧୯ ଗୋଟି ଭୋଟ୍ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜଳନ୍ଧର କୁଳଦୀପ ୪୫ ଗୋଟି ଭୋଟ୍ ପାଇଥିବା ଦେଖିବାକୁ ମିଳିଛି । ପୂର୍ବ ବର୍ଷ ପରି ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ ହୋଇଛି ।

# ପ୍ରଚାର ମଇଦାନରେ ସଂତୃପ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ ଯୁବ ଭୋଟରଙ୍କ ସମର୍ଥନ ଲୋଡ଼ିଲେ ବିଜେଡି ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର । ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀଙ୍କୁ ତୁଳସୀ ପୁରରେ ଆୟୋଜିତ କର୍ମୀ ସମ୍ମିଳନୀରେ ଆଗାମୀ ନିର୍ବାଚନ ପାଇଁ ପସ୍ତୁତି ଆରମ୍ଭ କରିଛନ୍ତି । ଆଗାମୀ ନିର୍ବାଚନ ପାଇଁ ଯୁବ ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ସଂତୃପ୍ତ ମିଶ୍ର । ଏହାସହ ଅଭିଜ୍ଞତା ଓ ନୂତନତ୍ୱ ଦ୍ୱନ୍ଦ୍ୱ ଭିତରେ ଅନେକ ସମୟରେ ନୂତନତ ଜିତିଥାଏ ବୋଲି ସନ୍ତୃପ୍ତ ମିଶ୍ର କହିଛନ୍ତି ।

# ଯୁବ ସାମ୍ବାଦିକ ଦେବୀ ପ୍ରସନ୍ନଙ୍କ ସ୍ମୃତିସଭା



**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଯାଜପୁର କେନ୍ଦୁଝର ଜିଲ୍ଲାର ସୀମାନ୍ତ ଦାନଗଦି ବ୍ଲକ ନଛିପୁରା ଗ୍ରାମ ପଞ୍ଚାୟତ ଖରଡ ବନ୍ଦି ଗାଁର ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଭୀମସେନ ସାମଲଙ୍କ ଏକମାତ୍ର ପୁତ୍ର ସୁକିନ୍ଦା ଗାନ୍ଧୀ ଭାବେ ପରିଚିତ ଧରଣୀଧର ଦତ୍ତଙ୍କ ନାତି ସ୍ୱର୍ଗତ ଦେବୀ ପ୍ରସନ୍ନ ସାମଲଙ୍କ ଏକାଦଶ କ୍ରିୟା ଅବସରରେ ତାଙ୍କ ବାସଭବନ ସ୍ଥିତ ଶୁଭ ସନ୍ଧ୍ୟାରେ ନାରୀ ପ୍ରତିଭା ମଧୁଲିତ ପରିଡ଼ାଙ୍କ ସଂଯୋଜନା ଆଉ ସ୍ୱର୍ଗତ ପ୍ରସନ୍ନଙ୍କ ମାମୁଁ ସାହିତ୍ୟିକ କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚରଣ ତଥା ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ୟଗଣ୍ୟ ଅତିଥି ମାନଙ୍କ ମଧ୍ୟରେ ଆଇନଜୀବୀ ବିଚିତ୍ର କୁମାର ଚକ୍ର ଅଧ୍ୟାପକ ଯୁଗଳ କିଶୋର ହୋତା ଶିକ୍ଷାବିତ ଅମରେଶ ବିଶ୍ୱାଳ ସମାଜସେବୀ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଗୁଣଗାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଅନ୍ୟମାନଙ୍କ ଭିତରେ ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡେଇ, ଶିକ୍ଷାବିତ ଡମ୍ବରୁଧର ସାମଲ, ଗାୟତ୍ରୀ ଦୀକ୍ଷିତ ବିଷ୍ଣୁ ଚରଣ ସାମଲ, ଆଇନଜୀବୀ ରୁଦ୍ର ନାରାୟଣ ପାତ୍ର, ସ୍ୱର୍ଗତଙ୍କ ବଡ଼ବାପା ବର୍ଷୀୟାନ ବୈକୁଣ୍ଠ ସାମଲ, ଏକ ମାତ୍ର ପୁତ୍ର ଶ୍ରୀମାନ ମାତୃ ପ୍ରସାଦ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିବା ବେଳେ ସ୍ୱର୍ଗତ ସାମ୍ବାଦିକ ଦେବୀ ପ୍ରସନ୍ନ ସାମଲଙ୍କ ଧର୍ମ ପତ୍ନୀ ସମାଜ ସେବିକା ରାଜନେତ୍ରୀ ପ୍ରାକ୍ତନ ଦାନଗଦି ପଞ୍ଚାୟତ ସମିତି ସଭ୍ୟା ଇତିଶ୍ରୀ ସାମଲ ବି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆତ୍ମୀୟ ସ୍ୱଜନ ବନ୍ଧୁ ଓ ପରିବାର ବର୍ଗ ସମୂହ ପରିଚାଳନା କରିଥିଲେ ।

# ମା’ କାଳିକାକାମନାଙ୍କ ମନ୍ଦିର ପ୍ରତିଷ୍ଠା

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ବେଣ୍ଟପଦା ପଞ୍ଚାୟତ ଅଧୀନ ଧନୁର୍ଜୟପୁର ଠାରେ ମା’ କାଳିକାକାମନାଙ୍କର ନୂତନ ମନ୍ଦିର ପ୍ରତଷ୍ଠିତ ହୋଇଛି । ଦୋଳପୂର୍ଣ୍ଣିମା ଅବସରରେ ଅଙ୍କୁରାରୋପଣ ଓ ଅଧିବାସ ହୋଇଥିବାରୁ ମଙ୍ଗଳବାର ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଜଳ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ନୂତନ ମନ୍ଦିରର ଯଜ୍ଞମଣ୍ଡପ ନିକଟରେ ପହଞ୍ଚିବା ପରେ ଘଟ ସ୍ଥାପନ କରାଯାଇଥିଲା । ବୁଧବାର ସୂର୍ଯ୍ୟପୂଜା, ଗୋପୂଜା ପରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ସହ ଯଜ୍ଞାହୁତି ଓ ସିଂହାସନ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ହୋଇଥିଲା । ନୂତନ ମନ୍ଦିରରେ ମା’ ଙ୍କ ବିଗ୍ରହ ଏପ୍ରିଲ ୧ରୁ ଦଣ୍ଡଯାତ୍ରା ଆରମ୍ଭ ପୂର୍ବରୁ ପ୍ରତିଷ୍ଠା ହେବ ବୋଲି ଆୟୋଜକ ଧନୁର୍ଜୟପୁର ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଧନୁର୍ଜୟପୁର ଏବଂ ବେଣ୍ଟପଦାର ଆଖପାଖ ଗ୍ରାମାଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



# ଜାରକାରେ ପ୍ରଣବଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ୩ୟ ଥର ପାଇଁ ରାଜ୍ୟ ବିଜେଡ଼ି ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଥିବାରୁ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଶନିବାର ଦିନ ବିଧାୟକ ପ୍ରଣବ ବନ୍ତରାୟଙ୍କୁ ଜାରକା ବିଜେଡ଼ି କାର୍ଯ୍ୟାଳୟ ଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ବିଜେଡ଼ି ବ୍ଲକ ସଭାପତି ଜଳଧର ମହାନ୍ତି, ଯୁବ ବିଜେଡ଼ି ସଭାପତି ଖିତିଶ ମହାନ୍ତି, ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲ୍ସ୍‌ୱିଂସ ସଭାପତି ଖୀରବ୍ଧିତନୟା ମଲିକ, ବରିଷ୍ଠସଭ୍ୟ ଜଳଧର ସାହୁ, ନିରଞ୍ଜନ ବଳ, ନିର୍ମଳ ପ୍ରଧାନ, ସୁବ୍ରତ ଧଳ, ପ୍ରତାପ ପ୍ରଧାନ, ସାଇନା ଖାତୁନ, ଚିନ୍ମୟୀ ବେହେରାଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତାମାନେ ବିଧାୟକ ପ୍ରାର୍ଥୀ ପ୍ରଣବଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ । କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରା କରିଥିଲେ ।

## ଶ୍ରୀ ବୁଢ଼ାବାନାମ୍ବର କଳା ପରିଷଦର ବାର୍ଷିକୋତ୍ସବ

# ସମାଜ ସଂସ୍କାରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମପଞ୍ଚାୟତ ମଙ୍ଗଳପୁର ଗ୍ରାମର ଶ୍ରୀ ଶ୍ରୀ ବୁଢ଼ାବାନାମ୍ବର କଳା ପରିଷଦର ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦର କଳାକାର ମାନଙ୍କୁ ନେଇ ତଥା ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଇଂ ନଗେନ୍ଦ୍ରନାଥ ଷଡଙ୍ଗୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସାମାଜିକ ନାଟକ ଆଖି ଅବୁଝାକୁ ଲୁହ ଅବୁଝା ମଞ୍ଚସ୍ଥ କରାଯାଇଥିଲା । ଏହି ଅବରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଯୁବନେତା ଶାରଳା ପୁତ୍ର ଶ୍ରୀରାମ ବିନୋଦ ଷଡଙ୍ଗୀ ଯୋଗଦାନ କରି ସମାଜ ସଂସ୍କାରରେ ନାଟକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥିଭାବେ ଯୁବ ଗବେଷକ ଡ. ସୁମନ୍ତ କୁମାର ଦାସ, ଇଂ ଶ୍ରୀକାନ୍ତ ପରିଡା, ବରିଷ୍ଠ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସପ୍ତଜ୍ୟୋତି ରାଉଳ, ପ୍ରାମୋଦ କୁମାର ସ୍ୱାଇଁ, ସାଲେପୁର ଜିଲ୍ଲା କୃଷି ଅଧିଦର୍ଶକ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ନାଟକର ବିଭିନ୍ନ ଭୂମିକାରେ ରାଜକିଶୋର ପଣ୍ଡା, ରତ୍ନାକର ମହାନ୍ତି, ବାଦଲ ମହାନ୍ତି, ଜିତେନ୍ଦ୍ର ସାମଲ, କ୍ଷୀରୋଦ ନନ୍ଦ, ଆନନ୍ଦ ଦାସ, ସୁଧାଂଶୁ ଶେଖର ପରିଡା, ଭ୍ରମରବର ଖୁଣ୍ଟିଆ, କୈଳାସ ଚନ୍ଦ୍ର ଦାସ, ଦୋଳଗୋବିନ୍ଦ ମହାନ୍ତି, ଗଗନ ବିହାରୀ ମହାନ୍ତି, ଟୁଲୁ ନନା, ନାରୀ ଭୂମିକାରେ ରୋଜି, ଟିକିନା, ଫନି, ମଞ୍ଜୁ ପ୍ରମୁଖ ଅଭିନୟ କରିଥିଲେ । ଅନୁଷ୍ଠାନର କୁନି କୁନି କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟ ମାଧ୍ୟମରେ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ନୃତ୍ୟ ଶିଳ୍ପୀ ଅରୁଷୀ ନନ୍ଦଙ୍କ ନୃତ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା । ଏଥିରେ ସ୍ଥାନୀୟ ମଙ୍ଗଳପୁର ମେଲଣ କମିଟିର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସାଲେପୁର ଓ ମାହାଙ୍ଗାରେ ଅଂଶୁମାନଙ୍କ ପ୍ରଚାର ଆରମ୍ଭ

**ସାଲେପୁର, ନ୍ୟୁଜ୍**



ରବିବାର କେନ୍ଦ୍ରାପଡା ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପ୍ରଥମେ ତାଙ୍କ ସଂସଦୀୟ କ୍ଷେତ୍ର ସାଲେପୁର ପାଗା ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭା ଯାତ୍ରା କରି କଟକ ଚାନ୍ଦବାଲି ରାସ୍ତାର ସାଲେପୁର ବଜାରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସାଲେପୁର ଆରାଧ୍ୟ ଦେବୀ ମା’ ସାହେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମା’ଙ୍କ ସାନିଧ୍ୟ ଲାଭ କରିଥିଲେ । ପରେ ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆ ମଠରେ ଥିବା ରଘୁନାଥ ଜୀୟୁ ମନ୍ଦିରରେ ପହଞ୍ଚି ଦର୍ଶନ କରିଥିଲେ । ଶେଷରେ ନିଶ୍ଚିନ୍ତକୋଇଲି ବଉଳ ବଜାରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କେନ୍ଦ୍ରାପଡ଼ା ଆଭିମୁଖେ ଯାଇଥିଲେ । ତାଙ୍କ ସାଙ୍ଗରେ ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନାଙ୍କ ସହ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ ଏକ ବିଶାଳ ରାଲିରେ ଯାଇଥିଲେ । ଅଂଶୁମାନ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରାପଡ଼ା ହେଉଛି ବିଜୁ ବାବୁଙ୍କ ମାଟି ଏଠି କେବଳ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଭୋଟ୍ ଦେଇଆସୁଛନ୍ତି । ଆଉ ଏଥର ମଧ୍ୟ ଲୋକମାନେ ନବୀନ ପଟ୍ଟନାୟକଙ୍କୁ ବିପୁଳ ସମର୍ଥନ ଦେବେ ।

## ||||||||||||||||||||| ସମ୍ ହସ୍ପିଟାଲ୍‌ରେ ଯକ୍ଷ୍ମା ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ |||||||||||||||||||||

# ମଧୁମେହ ରୋଗରେ ପୀଡ଼ିତ ବ୍ୟକ୍ତି ଯକ୍ଷ୍ମାରେ ଆକ୍ରାନ୍ତ ହୋଇପାରନ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଯକ୍ଷ୍ମା ଅର୍ଥାତ୍ ଟ୍ୟୁବରକ୍ୟୁଲୋସିସ୍ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ ସୁସ୍ଥ ହୋଇପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଏକ ସପ୍ତାହ ବ୍ୟାପୀ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସିଏମ୍‌ଇରେ ଯକ୍ଷ୍ମାରେ ପୀଡ଼ିତ ବ୍ୟକ୍ତିବିଶେଷଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଛନ୍ତି । ହସ୍ପିଟାଲ୍‌ର ପିଜି ଡିପାର୍ଟମେଣ୍ଟ ଅଫ୍ ରେସ୍‌ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ବନାନୀ ଜେନା । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ଅବସରରେ ପ୍ରଫେସର ଜେନା କହିଛନ୍ତି ଯେ ମଧୁମେହ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଯକ୍ଷ୍ମା ସମସ୍ୟା ଦେଖାଦେଇଥାଏ । ତେଣୁ ଏହି ଦୁଇଟି ସମସ୍ୟାର କିଭଳି ଚିକିତ୍ସା କରାଯାଇପାରିବ ସେ ନେଇ ସଚେତନତା ସୃଷ୍ଟି କରିବା ହିଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ପ୍ରଫେସର ଜେନା କହିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ହସ୍ପିଟାଲ୍‌ରେ ଖୁବ୍‌ଶୀଘ୍ର ଯକ୍ଷ୍ମା ରୋଗର ଚିହ୍ନଟ ନିମନ୍ତେ ଏକ ଜେନମ୍ ସିକ୍ୱେନ୍ସି ଲ୍ୟାବ୍ ପ୍ରସ୍ତୁତ କରାଯିବା ସହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର ଆରମ୍ଭ କରାଯିବ ବୋଲି କହିଥିଲେ । ଏଥି ସହିତ ଟିବିକୁ ରୋକିବାରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମ ଉପଯୁକ୍ତ ପନ୍ଥା ପ୍ରସ୍ତୁତ କରାଗଲେ ଟିବି ହାରିବ ଓ ଦେଶ ଜିତିବ ବୋଲି କହିଥିଲେ । ଏହି ଅବସରରେ ରାଜମହେନ୍ଦ୍ରୀ ସ୍ଥିତ ଜିଏସ୍‌ଏଲ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ଟିବି ଆଣ୍ଡ ଚେଷ୍ଟ ଡିଜିଜେସ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୋମନାଥ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଟିବି ଓ ଡାଇବିଟିସ୍ କିଭଳି ଜଣେ ରୋଗୀ ଉପରେ ଭାରି ପଡ଼େ ଓ ଏହାକୁ ନିରାକରଣ କରିବା ନେଇ ଉପଯୁକ୍ତ ଚିକିତ୍ସା ଓ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଆୟୋଜିତ ସିଏମ୍‌ଇରେ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ମେଟାବୋଲିଜିମ୍ ବିଭାଗର ପ୍ରଫେସର ଜୟଶ୍ରୀ ସ୍ୱାଇଁ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ହେଡ କ୍ୱାର୍ଟର୍‌ର ଏନ୍‌ଟିଇପି କନ୍‌ସଲ୍‌ଟାଣ୍ଟ ଡାକ୍ତର ସୁବ୍ରତ ପଣ୍ଡା ମଧ୍ୟ ଯକ୍ଷ୍ମା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଓଏସ୍‌ଡି ପ୍ରହଲ୍ଲାଦ ମହାନ୍ତି, ସୋଆର ଚିଫ୍ ଫାସିଲିଟେଟିଂ ଅଫିସର ପ୍ରତିମା ରାଉତରାୟ, ଫାୟାର ଅଫିସର ଏ.ଟି ବସ୍ତିଆ, ଏଓ, ସିକ୍ୟୁରିଟି ପି.ସି ପଣ୍ଡା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଏଏନ୍‌ଏସ୍ ରଶ୍ମିତା ସ୍ୱାଇଁ, ଏଏନ୍‌ଏମ୍ ସୁଶ୍ରୀ ଶୁଭସ୍ମିତା ସାହୁ, ଷ୍ଟାଫ୍ ନର୍ସ ସୁଶ୍ରୀ ନମିତା ନାୟକ ଓ ଶୁଭଲକ୍ଷ୍ମୀ ଖୁଣ୍ଟିଆ ପ୍ରମୁଖଙ୍କୁ ସମ୍ମାନତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଟ ପ୍ରଫେସର ଡା. ପ୍ରୀତମ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ । ହସ୍ପିଟାଲ୍‌ର ପଲ୍‌ମୋନାରୀ ବିଭାଗର ପ୍ରଫେସର ରାଖି ଲୁଦାମ୍, ପ୍ରଫେସର ପ୍ରିୟଦର୍ଶିନୀ ବେହେରା, ଆସୋସିଏଟ୍ ପ୍ରଫେସର, ଡା. ସଂଗୀତା ଜେନା, ଡା. ସୋନାଲୀ ପରିଡ଼ା, ଡା. ପ୍ରୀତମ୍ ଛୋଟରାୟ ଏବଂ ଆସିଷ୍ଟାଣ୍ଟ ପ୍ରଫେସର, ଡା. କେ.ସି. ସାହୁ, ଡା. ସୋନାଲୀ ମଲ୍ଲିକ୍, ଡା. ପ୍ରଜ୍ଞା ରାଉତ, ଡା. ଅମ୍ଲାନ୍ ମିଶ୍ର ଓ ଡା. ସୌରଭ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପକ୍ଷରୁ ସଚେତନତା ର୍‌ୟାଲି ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା ।

# ମିଆମି ସ୍ୱପ୍ନ ସାକାର ସହ ପୁଣି ଏକ ନମ୍ବର ହେଲେ ବୋପାନ୍ନା



**ନୂଆଦିଲ୍ଲୀ**

ଭାରତୀୟ ଟେନିସ୍ କିମ୍ବଦନ୍ତୀ ରୋହନ ବୋପାନ୍ନା ଏକ ଐତିହାସିକ ସଫଳତା ପାଇଛନ୍ତି । ମିଆମି ଓପନ ପୁରୁଷ ଯୁଗଳ ଟ୍ରଫି ଜିତିବା ସହ ବୋପାନ୍ନା ପୁଣି ଥରେ ଏଟିପି ମାନ୍ୟତା ଶୀର୍ଷକୁ ଉଠିଛନ୍ତି । ଫାଇନାଲ୍‌ରେ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନ୍ ପ୍ରଥମ ସେଟ୍ (୬-୭) ହାରିଯିବା ସତ୍ତ୍ୱେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬-୩, ୧୦-୬ରେ କ୍ରୋଏସିଆର ଇଭାନ ଡୋଡିଗ୍ ଓ ଆମେରିକାର ଅଷ୍ଟିନ କ୍ରାଇସେକ୍‌ଙ୍କୁ ପରାସ୍ତ କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି । ଏହି ବିଜୟ ସହ ବୋପାନ୍ନା ପ୍ରଥମ ଥର ମିଆମି ଓପନ ମାଷ୍ଟର୍ସ ୧୦୦୦ ଟ୍ରଫି ଜିତିଛନ୍ତି ।

ବିଶ୍ୱର ଏକ ନମ୍ବର ହେବା ସହ ୪୪ ବର୍ଷୀୟ ବୋପାନ୍ନା ବୟୋଜ୍ୟେଷ୍ଠ ଖେଳାଳି ଭାବେ ନିଜ ନାମରେ ଥିବା ମାଷ୍ଟର୍ସ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି । ଗତବର୍ଷ ୪୩ ବର୍ଷ ବୟସରେ ଇଣ୍ଡିଆନ୍ସ ୱେଲ୍ସ ଟ୍ରଫି ଜିତିବା ରେକର୍ଡ କରିଥିଲେ । ଏହା ବୋପାନ୍ନାଙ୍କର ୧୪ତମ ଏଟିପି ମାଷ୍ଟର୍ସ ୧୦୦୦ର ଫାଇନାଲ ଥିଲା । ମୋଟ୍ ଉପରେ କିନ୍ତୁ ସେ ୬୩ ଫାଇନାଲ ଖେଳି ୨୬ତମ ଟ୍ରଫି ଜିତି ସାରିଛନ୍ତି । ବୋପାନ୍ନା ଓ ଏବେଦେନଙ୍କ ପାଇଁ କିନ୍ତୁ ଏହା ପଞ୍ଚମ ଏଟିପି ମାଷ୍ଟର୍ସ ୧୦୦୦ର ଫାଇନାଲ ଥିଲା । ସମସ୍ତ ୯ଟି ଯାକ ଏଟିପି ମାଷ୍ଟର୍ସ ଫାଇନାଲ ପ୍ରବେଶ କରିବାରେ ବୋପାନ୍ନା ମଧ୍ୟ ଲିଆଣ୍ଡର ପେସ୍‌ଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ହୋଇଛନ୍ତି ।

# ଦିଲ୍ଲୀ ଜିତିବା ପରେ ବି ଲୋକ ଭାବୁଥିଲେ ସିଏସ୍‌କେ ହାରିନାହିଁ

**ବିଶାଖାପାଟଣା**







ଆଇପିଏଲ-୨୦୨୪ର ୧୩ତମ ମ୍ୟାଚ୍‌ରେ ଚେନ୍ନାଇକୁ ୨୦ ରନ୍‌ରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ । ହେଲେ ବିଜୟ ହେବା ସତ୍ତ୍ୱେ ବି ଷ୍ଟାଡ଼ିୟମରେ ଏକ ଗୁଜବ ଖେଳିଯାଇଥିଲା । କିଛି କ୍ଷଣ ପାଇଁ ଲୋକଙ୍କୁ ଲାଗିଥିଲା ଚେନ୍ନାଇ ସୁପର କିଙ୍ଗ୍ (ସିଏସ୍‌କେ) ଜିତିଛି । ଏପରିକି ମହେନ୍ଦ୍ର ସିଂହ ଧୋନୀଙ୍କ ପତ୍ନୀ ସାକ୍ଷୀଙ୍କୁ ବି ସେପରି ଲାଗିଥିଲା ।

ସାକ୍ଷୀ ତାଙ୍କ ଇନ୍‌ଷ୍ଟା ଷ୍ଟୋରିରେ ସ୍ୱୀକାର କରିଛନ୍ତି ଯେ ସେ ଜାଣିନଥିଲେ ଯେ ଦିଲ୍ଲୀ ଜିତିଛି ବୋଲି । ସାକ୍ଷୀଙ୍କ ଷ୍ଟୋରିରେ ଲେଖାଥିଲା ମୁଁ ଜାଣିନଥିଲି ଯେ ଆମେ ମ୍ୟାଚ୍ ହାରିଯାଇଛୁ । ଦ୍ୱିତୀୟ ପାଳିରେ ଚେନ୍ନାଇ ୧୯୨ ରନର ଲକ୍ଷ୍ୟକୁ ପିଛା କରି ସମସ୍ତ ଓଭରରେ ୬ ୱିକେଟ ହରାଇ ୧୭୧ ରନ୍ କରି ପରାସ୍ତ ହୋଇଛି । ଚେନ୍ନାଇ ପକ୍ଷରୁ ଅଜିଙ୍କ୍ୟ ରାହାଣେ ୪୫ ରନ୍ କରିଥିବା ବେଳେ ଡାରିଲ ମିଚେଲ ୩୪ ରନ୍ ଓ ଏମ୍‌ଏସ ଧୋନି ଦମ୍‌ଦାର ୧୬ ବଲରେ ୩୭ ରନ୍ କରିଥିଲେ । କିନ୍ତୁ ଚେନ୍ନାଇକୁ ବିଜୟ ଦେବାରେ ସକ୍ଷମ ହୋଇନଥିଲେ । ଫଳରେ ଚେନ୍ନାଇ ଏହି ପରାଜୟ ସହ ୪ ଅଙ୍କ ନେଇ ଟେବୁଲ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ।

ପ୍ରଥମ ପାଳିରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦୁଇ ଓପନର ପୃଥ୍ୱୀ ଶ ଓ ଡେଭିଡ ୱାର୍ଣ୍ଣର ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ଶ ୪୩ ରନ କରି ଆଉଟ ହୋଇଥିବାବେଳେ ୱାର୍ଣ୍ଣର ୫୨ ରନ କରିଥିଲେ । ସେହିପରି ଅଧିନାୟକ ଋଷଭ ପନ୍ତ ୫୧ ରନ କରିଥିଲେ ଓ ମିଚେଲ ମାର୍ସ ୧୮ ରନ କରି ଆଉଟ୍ ହୋଇଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୧ ରନ କରିଥିଲା । ଚେନ୍ନାଇ ପକ୍ଷରୁ ମଥିସା ପଥିରାନା ୩ଟି ୱିକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡ଼େଜା ଓ ମୁସ୍ତାଫିଜୁର ରେହେମାନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ଶିବଶକ୍ତି କ୍ରିକେଟ ପ୍ରତିଯୋଗିତା : ରାଇଜିଂ ଷ୍ଟାର ଗୋତରା ଚାମ୍ପିଅନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ୍ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଡ଼ିଜଙ୍ଗସ୍ଥିତ ଶିବଶକ୍ତି ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାରେ ଗୋତରା ରାଇଜିଂ ଷ୍ଟାର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଫାଇନାଲ ମ୍ୟାଚ୍‌ରେ ଗୋତରା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ଗଣେଷପୁର କ୍ରିକେଟ କ୍ଲବ୍ ୭୭ ରନରେ ତା'ର ସମସ୍ତ ୱିକେଟ ହରାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ନରେନ୍ଦ୍ରପୁର ସରପଞ୍ଚ ନମିତା ରାୟ, ମୁଖ୍ୟ ବକ୍ତାଭାବେ ନରେନ୍ଦ୍ରପୁର ପଞ୍ଚାୟତର ଆଇନ-ଜୀବୀ ଭିକାରୀ ଚରଣ ସେଠୀ, ପଞ୍ଚାୟତ ବିଜେଡି ସଭାପତି ବିନୋଦ ବିହାରୀ ଚୌଧୁରୀ, ସମାଜସେବୀ ବିମଳ ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ । ଏହି ଖେଳକୁ ଗିରିଜା ଶଙ୍କର ପଣ୍ଡା, ଶରତ ସୁତାର, ଉମେଶ ଚନ୍ଦ୍ର ମଳିକ, ରଞ୍ଜନ ସୁତାର, ରାକେଶ ସାହାଣୀ, ରାକେଶ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

# ଋଷଭ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା



**ବିଶାଖାପାଟଣା**

ଦିଲ୍ଲୀ କ୍ୟାପିଟାଲ୍‌ସ ଅଧିନାୟକ ଋଷଭ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ । ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଧିମା ଓଭର (ସ୍ଲୋ ଓଭର) ରେଟ୍ ଯୋଗୁ ତାଙ୍କ ଉପରେ ଏହି ଜରିମାନା ହୋଇଛି । ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍‌ଙ୍କ ପରେ ପନ୍ତ ହେଉଛନ୍ତି ଦ୍ୱିତୀୟ ଅଧିନାୟକ, ଯାହାଙ୍କ ଉପରେ ଧିମା ଓଭର ରେଟ୍ ଯୋଗୁ ଜରିମାନା ହୋଇଛି ।ରୋଚକ କଥା ହେଉଛି, ଶୁବମନ ଗିଲ୍‌ଙ୍କୁ ମଧ୍ୟ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍ ବେଳେ ଧିମା ଓଭର ଯୋଗୁ ଜରିମାନା କରାଯାଇଥିଲା । ପନ୍ତଙ୍କୁ ସତର୍କ ରହିବାକୁ ପଡ଼ିବ ଆଉ ଦୁଇଟି ଭୁଲ ହେଲେ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବିତ ହେବାକୁ ପଡ଼ିପାରେ । ଯେହେତୁ ଏହା ତାଙ୍କର ପ୍ରଥମ ଭୁଲ ଥିଲା, ତେଣୁ ଦିଲ୍ଲୀ କ୍ୟାପିଟାଲ୍‌ସ ଅନ୍ୟ ଖେଳାଳିଙ୍କ ଉପରେ ଜରିମାନା ହୋଇନାହିଁ ।

ଚେନ୍ନାଇକୁ ୨୦ ରନ୍‌ରେ ପରାସ୍ତ କରିଥିଲା । ଦିଲ୍ଲୀ କ୍ୟାପିଟାଲ୍‌ସ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ଟି ୱିକେଟ ହରାଇ ୧୯୧ ରନ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗସ ୬ ୱିକେଟ ହରାଇ ୧୭୧ ରନ କରିଥିଲା । ଋଷଭ ପନ୍ତ ୩୨ଟି ବଲ୍‌ରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୫୧ ରନ କରିଥିଲେ ।

# ବୋଲିଂ ଆକାଶର ନୂଆ ତାରକା ମୟଙ୍କ

**ନୂଆଦିଲ୍ଲୀ**





ଭାରତୀୟ ବୋଲିଂ ଆକାଶରେ ନୂଆ ତାରକାଙ୍କ ଆବିର୍ଭାବ ହୋଇଛି । ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ପକ୍ଷରୁ ଖେଳି ନିଜ ପ୍ରଭାବୀ ପ୍ରଦର୍ଶନରେ ସମସ୍ତଙ୍କ ମନ ଜିତି ନେଇଥିବା ଏହି ଉଦୀୟମାନ ଦ୍ରୁତ ବୋଲର୍ ଜଣକ ହେଉଛନ୍ତି ୨୧ ବର୍ଷୀୟ ମୟଙ୍କ ଯାଦବ । ମାତ୍ର ୨୪ ବଲ୍ ବୋଲିଂ କରିବା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଛି । ହଠାତ୍ ସେ ଶୂନ୍‌ରୁ ଶହେ ସଫଳତା ସାଉଣ୍ଟିଛନ୍ତି । ଆଇପିଏଲ ପଦାର୍ପଣରେ ମୟଙ୍କ କେବଳ ନିଜ ବିଜୁଳି ଭଳି ଗତି ଓ ବିବିଧତା ଭରା ବୋଲିଂର ନମୁନା ଦେଖାଇ ନାହାନ୍ତି । ବରଂ ପଦାର୍ପଣରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରି ହାତଗଣତିଙ୍କ ମଧ୍ୟରେ ବି ସାମିଲ ହୋଇଛନ୍ତି । ୪ ଓଭରରେ ମାତ୍ର ୨୭ ରନ ବ୍ୟୟ କରିବା ସହ ଚଳିତ ଋତୁର ଦ୍ରୁତତମ ବଲ (ଘଣ୍ଟାପ୍ରତି ୧୫୫.୮ କିଲୋମିଟର) ପକାଇବାର ଯୁଗଳ ସଫଳତା ମଧ୍ୟ ମୟଙ୍କ ନିଜ ନାଁରେ କରି ନେଇଛନ୍ତି ।

ତାଙ୍କ ଅଗ୍ନିବର୍ଷୀ ବୋଲିଂ ପାଇଁ ହିଁ ପ୍ରଥମ ୧୦ ଓଭର ପର୍ଯ୍ୟନ୍ତ ସଂଘର୍ଷ କରିଥିବା ଲକ୍ଷ୍ନୌ ହଠାତ୍ ଶେଷ ୧୦ ଓଭରରେ ମ୍ୟାଚ୍‌କୁ ଫେରି ପଞ୍ଜାବ କିଙ୍ଗ୍‌ସ୍‌କୁ ୨୧ ରନ୍‌ରେ ହରାଇବା ସହ ଚଳିତ ଆଇପିଏଲ୍‌ର ପଏଣ୍ଟ ଖାତା ଖୋଲିଥିଲା । ସେବେଠାରୁ ମୟଙ୍କଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା । ଆଗାମୀ ସମୟରେ ସେ ଆଇପିଏଲ ସହ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମଧ୍ୟ ନିଜ ଯାଦୁ ଦେଖାଇବେ ବୋଲି ବହୁ ପୂର୍ବତନ କ୍ରିକେଟର୍ ଭବିଷ୍ୟବାଣୀ କରିଛନ୍ତି । ଏପରିକି ମୟଙ୍କଙ୍କୁ ଇଂଲଣ୍ଡର କିମ୍ବଦନ୍ତୀ ଦ୍ରୁତ ବୋଲର୍ ଷ୍ଟୁଆର୍ଟ ବ୍ରଡ୍ ଭାରତୀୟ ଦ୍ରୁତ ବୋଲିଂର ଭବିଷ୍ୟତ ଭାବେ ବର୍ଣ୍ଣନା କରିଛନ୍ତି । ଦିଲ୍ଲୀ ପକ୍ଷରୁ ମାତ୍ର ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ମୟଙ୍କ ପୂର୍ବରୁ କେବେବି ଏଭଳି ସ୍ଥିର ଭାବେ ୧୪୦ କିଲୋମିଟରରୁ ଅଧିକ ଗତିରେ ବୋଲିଂ କରିନଥିବା ନିଜେ କହିଛନ୍ତି । ଅବଶ୍ୟ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ଏକ ମ୍ୟାଚ୍‌ରେ ୧୫୫ କିଲୋମିଟର ବେଗକୁ ଛୁଇଁଥିବା ସୂଚନା ଦେଇଛନ୍ତି ସେ ।

ପଶ୍ଚିମ ଦିଲ୍ଲୀର ଏହି ଶାନ୍ତ, ସରଳ ଯୁବକଙ୍କ କ୍ରିକେଟ କାହାଣୀ କିନ୍ତୁ ବେଶ୍ ସଂଘର୍ଷଭରା ରହିଛି । ମୟଙ୍କ ଗତ ୬ ବର୍ଷର କଠିନ ପରିଶ୍ରମକୁ ମନେ ପକାଇ ତାଙ୍କ ପିତା ପ୍ରଭୁ ଯାଦବ ଭାବବିହ୍ୱଳ ହୋଇଯାଇଛନ୍ତି । ଦିଲ୍ଲୀର ସୋନେଟ କ୍ଲବ୍‌ରୁ ଖେଳିଲା ବେଳେ ହିଁ ମୟଙ୍କ ଦ୍ରୁତ ବୋଲିଂର ମୌଳିକ କଳା କୌଶଳ ଶିଖିଥିଲେ । ତାଙ୍କୁ ଜଣେ ଦକ୍ଷ ଦ୍ରୁତ ବୋଲର ଭାବେ ଗଢ଼ି ତୋଳିବାରେ ଦିବଂଗତ ପ୍ରଶିକ୍ଷକ ତାରକ ସିହ୍ନା ଓ ଏବେକାର ପ୍ରଶିକ୍ଷକ ଦେବୀନ୍ଦର ଶର୍ମାଙ୍କର ବଳିଷ୍ଠ ଯୋଗଦାନ ରହିଛି । ୬ ଫୁଟ ୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୟଙ୍କ ନିଜ ସଂକ୍ଷିପ୍ତ କ୍ରିକେଟ୍ ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ଆଘାତ ଜନିତ ସମସ୍ୟା ତାଙ୍କୁ ନିୟମିତ ଭାବେ ହଇରାଣ କରିଆସିଛି । ଗତବର୍ଷ ଦେଓଧର ଟ୍ରଫିରେ ଚମତ୍କାର ବୋଲିଂ କରିଥିଲେ । ସେ ହେଲେ ଆହତ ହୋଇ ପୂରା ରଣଜୀ ଋତୁ ଖେଳି ପାରି ନଥିଲେ । ଗତବର୍ଷ ଆଇପିଏଲ ପଦାର୍ପଣ କରିବେ ବୋଲି ମୟଙ୍କ ଆଶା ରଖିଥିଲେ । ହେଲେ ଏହା ସମ୍ଭବ ହୋଇନଥିଲା ତଥାପି ମୟଙ୍କ ଦିନେ ନା ଦିନେ କ୍ରିକେଟ ପଡ଼ିଆରେ ତାଙ୍କ ମହକ ଦେଖାଇବେ ବୋଲି ଗତ ୪ ବର୍ଷ ହେଲା ମୁଁ କହି ଆସୁଛି ।

ମୟଙ୍କଙ୍କ ପୂର୍ବରୁ ଋଷଭ ପନ୍ତଙ୍କ ଭଳି ଖେଳାଳି ସୃଷ୍ଟି କରିଥିବା ଦେବୀନ୍ଦର ୭ ବର୍ଷ ତଳର କଥା ମନେ ପକାଇ କହିଛନ୍ତି, ମୟଙ୍କ ଯେତେବେଳେ ୧୪-୧୫ ବର୍ଷର ଥିଲା । ଓଖଲାରେ ଦୋକାନ କରିଥିବା ତାଙ୍କ ପିତା ପ୍ରଭୁ ଯାଦବ ମୋ ପାଖକୁ ତାକୁ ଆଣିଥିଲେ ସେତେବେଳେ ସେ ବେଶ୍ ଦୁର୍ବଳ ଥିଲା । ଏମିତିକି ବୋଲିଂ ଜୋତା ବି ତା ପାଖରେ ନଥିଲା ତଥାପି ସେ ଭଲ ବୋଲିଂ କରୁଥିଲା । ଈଶ୍ୱରଙ୍କ ଉପରେ ଗଭୀର ବିଶ୍ୱାସ ଓ ଆତ୍ମବଳ ହିଁ ତାକୁ ଆଜି ସାରା ଦୁନିଆରେ ପରିଚିତ କରାଇଛି । ମୟଙ୍କଙ୍କ ପ୍ରଦର୍ଶନ ଉପରେ ଜାତୀୟ ଚୟନ ସମିତିର ମୁଖ୍ୟ ଅଜିତ ଅଗରକର ସ୍ୱତନ୍ତ୍ର ଦୃଷ୍ଟି ରଖିଥିବା ସଙ୍କେତ ଦେଇଛନ୍ତି । ଆଗାମୀ ରଣଜୀ ଋତୁରେ ଭଲ କଲେ ତାଙ୍କୁ ଜାତୀୟ ଦଳକୁ ଡାକରା ମିଳିବାର ବି ଯଥେଷ୍ଟ ସମ୍ଭାବନା ରହିଛି । ସଂପ୍ରତି ଦୁନିଆର ସର୍ବଶ୍ରେଷ୍ଠ ଦ୍ରୁତ ବୋଲର ବୋଲାଉଥିବା ଯଶପ୍ରୀତ୍ ବୁମ୍‌ରା ନୁହଁ, ଦକ୍ଷିଣ ଆଫ୍ରିକାର ପୂର୍ବତନ ଦ୍ରୁତ ବୋଲର ଡେଲ୍ ଷ୍ଟେନ୍ ହେଉଛନ୍ତି । ତାଙ୍କ ଆଦର୍ଶ ବୋଲି ମୟଙ୍କ ମତ ଦେଇଛନ୍ତି ।

# ଧୋନୀଙ୍କ ବ୍ୟାଟିଂ ଦେଖି ଅଷ୍ଟ୍ରେଲିଆ କ୍ରିକେଟର୍ ଆଶ୍ଚର୍ଯ୍ୟ



**ବିଶାଖାପାଟନମ**

ଦୀର୍ଘ ଦିନ ପରେ ପ୍ରଶଂସକମାନେ ଏମ୍‌ଏସ୍ ଧୋନୀଙ୍କ ବ୍ୟାଟିଂକୁ ଉପଭୋଗ କରିଛନ୍ତି । ଧୋନୀ ପ୍ରାୟ ୩୦୮ ଦିନ ପରେ ବ୍ୟାଟିଂ କରିବାକୁ ଆସିଥିଲେ । ସେ ଶେଷ ଥର ପାଇଁ ଆଇପିଏଲ ୨୦୨୩ର ଫାଇନାଲରେ ବ୍ୟାଟିଂ କରିଥିଲେ, ଏଠାରେ ସେ ଶୂନରେ ଆଉଟ୍ ହୋଇଥିଲେ । ଏହା ପରେ ସିଏସ୍‌କେର ତୃତୀୟ ମ୍ୟାଚ୍‌ରେ କ୍ୟାପଟେନ କୁଲଙ୍କ ବ୍ୟାଟିଂ ଦେଖିବାକୁ ମିଳିଥିଲା, ଯାହା ବିସ୍ଫୋରକ ଥିଲା । ଦିଲ୍ଲୀ ବିପକ୍ଷରେ ସେ ମାତ୍ର ୧୬ ବଲ୍‌ରେ ୩୭ ରନ୍ କରିଥିଲେ । ମାହିଙ୍କ ବ୍ୟାଟିଂ ଉପରେ ଅନେକ ଲୋକ ନିଜର ପ୍ରତିକ୍ରିୟା ବାଣ୍ଟୁଛନ୍ତି । ଏଥିରେ ଅଷ୍ଟ୍ରେଲିଆର ପୂର୍ବତନ ବୋଲର ବ୍ରେଟ୍ ଲି ଏବଂ ସେନ୍ ୱାଟସନ ମଧ୍ୟ ସାମିଲ ଅଛନ୍ତି ।

ଧୋନୀଙ୍କ ବ୍ୟାଟିଂ ଦେଖି ବ୍ରେଟ୍ ଲି କହିଛନ୍ତି, ମୁଁ ତାଙ୍କଠାରୁ ଅଧିକ ବ୍ୟାଟିଂ କରିବାକୁ ଚାହୁଁଛି । ନିଜକୁ ବ୍ୟାଟିଂ ଅର୍ଡର ଉପରକୁ ଉଠାନ୍ତୁ । ସେ ଆଉଟ୍‌ଷ୍ଟାଣ୍ଡିଂ, ତାଙ୍କ ମନ ଭଲ ଏବଂ ତୀକ୍ଷ୍ଣ ଅଟେ । ସିଏସ୍‌କେ ଦୟାକରି ଉପର କ୍ରମରେ ଏମ୍‌ଏସ୍ ଧୋନୀଙ୍କୁ ଆଣନ୍ତୁ । ସେହିପରି ୱାଟସନ କହିଛନ୍ତି, ଏମ୍‌ଏସ୍ ଧୋନୀଙ୍କ ଏହି ପ୍ରକାର ଫର୍ମ ସମସ୍ତେ ତାଙ୍କଠାରୁ ଏହା ଚାହୁଁଛନ୍ତି । ଯେତେବେଳେ ବୋଲରମାନେ ପ୍ରକୃତରେ ପ୍ରଦର୍ଶନ କରିବାକୁ ସଂଘର୍ଷ କରୁଛନ୍ତି, ହଠାତ୍ ତାଙ୍କ ଉପରେ ତାଙ୍କ ଶକ୍ତି ଏବଂ ଦକ୍ଷତା ତାଙ୍କ ପାଖକୁ ଆସେ । ତାଙ୍କଠାରେ ଖେଳ ଜିତିବାର କ୍ଷମତା ଆମେ ଦେଖିଛୁ । ତାଙ୍କ କ୍ୟାରିୟର୍ ସମୟରେ ଅନେକ ଥର କିଛି ସଟ୍ ଖେଳିଛନ୍ତି, ଯାହା ଚମତ୍କାର ମୁଁ ତାଙ୍କୁ ଖେଳିଥିବାର ଦେଖିଛି । କଭର ଉପରେ ଖେଳିବା ଏହା ସବୁଠାରୁ କଠିନ ସଟ୍, କିନ୍ତୁ ସେ ଏବେ ବି ତାହା କରୁଛନ୍ତି ।

# ଏପ୍ରିଲ ୧୬ରେ ଆଇପିଏଲ୍ ମାଲିକଙ୍କ ବୈଠକ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧୦ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳକୁ ଆମନ୍ତ୍ରଣ କରିଛି । ସେମାନଙ୍କୁ ନେଇ ଏକ ଅଣାନୁଷ୍ଠାନିକ ବୈଠକ ଏପ୍ରିଲ ୧୬ରେ ବସିବ । ଫ୍ରାଞ୍ଚାଇଜଙ୍କ ଲାଗି ନିଲାମ ରାଶି ପରିମାଣ ବୃଦ୍ଧି ଏବଂ ଖେଳାଳି ରିଟେନଶନ ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହୋଇପାରେ ।

ନରେନ୍ଦ୍ର ମୋଦି ଷ୍ଟାଡ଼ିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଦିନ ଏହି ବୈଠକ ବସିବ । ବୈଠକ ପାଇଁ କୌଣସି ଏଜେଣ୍ଡା ପ୍ରସ୍ତୁତ କରାଯାଇ ନାହିଁ । ଆଇପିଏଲ ଦ୍ୱିତୀୟ ମାସରେ ପଦାର୍ପଣ କରିଥିବାରୁ ଏହାର ଅଂଶୀଦାରମାନେ ଏକତ୍ରିତ ହେବା ଲାଗି ଏହା ଏକ ପ୍ରକୃଷ୍ଟ ସମୟ ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି । ଚଳିତବର୍ଷର ପରବର୍ତ୍ତୀ ଭାଗରେ ହେବାକୁଥିବା ମେଗା ନିଲାମି, ଖେଳାଳି ରିଟେନଶନ ଏବଂ ବର୍ତ୍ତମାନ ରହିଥିବା ନିଲାମ ରାଶି ୧୦୦ କୋଟି ଟଙ୍କାରୁ ବୃଦ୍ଧି ଆଦି ପ୍ରସଙ୍ଗ ନେଇ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

ବିସିସିଆଇ ସମ୍ପାଦକ ଜୟ ଶାହା, ସଭାପତି ରୋଜର ବିନ୍ନି ଓ ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୂମାଲ ପ୍ରମୁଖ ଏହି ବୈଠକରେ ଯୋଗଦେବେ । ବର୍ତ୍ତମାନ ଦଳଗୁଡ଼ିକୁ ପ୍ରତି ମେଗା ନିଲାମି ପୂର୍ବରୁ ୪ଜଣ ଲେଖାଏଁ ଖେଳାଳି ରିଟେନଶନ ଲାଗି ଅନୁମତି ରହିଛି । ମେଗା ନିଲାମି ପ୍ରତି ୩ ବର୍ଷ ବ୍ୟବଧାନରେ ହୋଇଥାଏ । ଗତଥର ଏହା ୨୦୨୨ରେ ହୋଇଥିଲା ପରବର୍ତ୍ତୀ ମେଗା ନିଲାମି ୨୦୨୫ ସଂସ୍କରଣ ପୂର୍ବରୁ ଅନୁଷ୍ଠିତ ହେବ ।

ଆଇପିଏଲ୍ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଛି । ଚେନ୍ନାଇରେ ମେ' ୨୬ରେ ଫାଇନାଲ ଅନୁଷ୍ଠିତ ହେବ । କ୍ୱାଲିଫାୟର-୧ ଓ ଏଲିମିନେଟର ଅହମଦାବାଦରେ ମେ' ୨୧ ଓ ମେ' ୨୨ରେ ଅନୁଷ୍ଠିତ ହେବ । କ୍ୱାଲିଫାୟର ମେ' ୨୪ରେ ଚେନ୍ନାଇରେ ଖେଳାଯିବ । ବିସିସିଆଇ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଇପିଏଲ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଗତ ସପ୍ତାହରେ ଘୋଷଣା କରିଥିଲା । ବିସିସିଆଇ ପ୍ରଥମ ଦୁଇ ସପ୍ତାହ ପାଇଁ ଖେଳସୂଚୀ ପୂର୍ବରୁ ଘୋଷଣା କରିସାରିଥିଲା । ଚଳିତ ଲିଗ୍ ସହ ଏକ ସଙ୍ଗରେ ୭ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୯ରୁ ଆରମ୍ଭ ହେବ ।

## ଜାତୀୟ ପାରା ସନ୍ତରଣ

# କମଳାକାନ୍ତଙ୍କୁ ୩ ସ୍ୱର୍ଣ୍ଣ

**ଭୁବନେଶ୍ୱର**

ଗ୍ୱାଲିୟର୍‌ରେ ଶେଷ ହୋଇଥିବା ୨୩ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଚମକ୍ ଦେଖାଇଛନ୍ତି କମଳାକାନ୍ତ ନାୟକ । ଏକାକୀ ୩ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଓଡ଼ିଶା ଖେଳାଳି ମୋଟ୍ ୧୮ ପଦକ ଜିତିନେଇଛନ୍ତି । ଆକାଶ ବନ୍‌ଛୋର ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି କବିତା ଦଲାଇ ୩ଟି ରୌପ୍ୟ, ନରହରି ବେହେରା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଦିଗନ୍ତଭାନୁ ମଲ୍ଲିକ ଦୁଇଟି ରୌପ୍ୟ ଏବଂ ଦିନେଶ ମୋହନ ମାଝୀ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି । ରଶ୍ମିତା ଜେନା, ମୋନାଲି ସ୍ୱାଇଁ ଓ ଲୋକନାଥ ସାହୁ ଗୋଟିଏ ଲେଖାଏଁ କାଂସ୍ୟ ପଦକ ପାଇଛନ୍ତି ।

# ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲେ ମୀରାବାଈ

**ଫୁକେଟ୍ (ଥାଇଲାଣ୍ଡ)**





ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ମୀରାବାଈ ଚାନୁ ଏଠାରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍‌ରେ ସୋମବାର ମହିଳା ୪୯ କେଜି ଗ୍ରୁପ୍ ବି ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଛଅ ମାସ ଆଘାତଜନିତ ସମସ୍ୟାରେ ରହିବା ପରେ ପ୍ରତିଯୋଗିତାକୁ ଫେରିଥିବା ଚାନୁ ମୋଟ ୧୮୪କେଜି (୮୧କେଜି+୧୦୩ କେଜି) ଉତ୍ତୋଳନ କରିଥିଲେ । ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏହା ହେଉଛି ଫାଇନାଲ ଏବଂ ବାଧ୍ୟତାମୂଳକ ଟୁର୍ଣ୍ଣାମେଣ୍ଟ ଇଭେଣ୍ଟ ଶେଷ କରିବା ଦ୍ୱାରା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ସମସ୍ତ ମାନଦଣ୍ଡ ପୂରଣ କରିଛନ୍ତି । ଏହି ୨୦୧୭ ବିଶ୍ୱ ଚାମ୍ପିୟନ ବର୍ତ୍ତମାନ ୪୯ କେଜି ମହିଳା ଅଲିମ୍ପିକ କ୍ୱାଲିଫିକେଶନ ର୍‍ୟାଙ୍କିଙ୍ଗ (ଓକ୍ୟୁଆର୍)ରେ ଚାଇନାର ଜିଆ ହୁଇହୁଆଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ବିଶ୍ୱକପ୍ ଶେଷରେ କ୍ୱାଲିଫିକେଶନ ପାଇଁ ବିଧିବଦ୍ଧ ଘୋଷଣା ହେବ ସେତେବେଳେ ଓକ୍ୟୁଆର୍ ଅପ୍‌ଡେଟ୍ ହେବ । ପ୍ରତ୍ୟେକ ଓଜନ ଶ୍ରେଣୀରୁ ଶ୍ରେଷ୍ଠ ୧୦ ଲିଫ୍ଟର ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ । ଚାନୁ ଗତଥର ସେପ୍ଟେମ୍ବରରେ ଏସିଆନ ଗେମ୍ସରେ ଭାଗ ନେଇଥିଲେ । ସେତେବେଳେ ତାଙ୍କ ପିଠିରେ ସମସ୍ୟା ଦେଖାଦେବାରୁ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ । କିନ୍ତୁ ୫ କ୍ଲିନ ଲିଫ୍ଟ କରିବାରେ ସକ୍ଷମ ହୋଇଥିଲେ ।

# ବାବରଙ୍କୁ ପୁଣି ମିଳିଲା ଟ୍ୱେଣ୍ଟି-୨୦ ଓ ଦିନିକିଆର ନେତୃତ୍ୱ

**ଲାହୋର**



ପ୍ରାୟ ସାଢ଼େ ୪ ମାସ ପରେ ପାକିସ୍ତାନ ନେତୃତ୍ୱ ପଦକୁ ଫେରିଛନ୍ତି ବ୍ୟାଟର୍ ବାବର ଆଜମ୍ । ଗତବର୍ଷ ନଭେମ୍ବରରେ ଭାରତରେ ବିଶ୍ୱକପ୍ ବିପର୍ଯ୍ୟୟ ପରେ ବାବର ସମସ୍ତ ଫର୍ମାଟ୍ ନେତୃତ୍ୱରୁ ଓହରିଯାଇଥିଲେ । ସମସ୍ତ ଫର୍ମାଟ୍‌ରେ ନେତୃତ୍ୱ ନେବାକୁ ସେ ପୁଣି ଆଗ୍ରହୀ ଥିଲେ ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହା ଦେଇନାହିଁ । ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ନକ୍ ଆଉଟ୍ ଯୋଗ୍ୟତା ଅର୍ଜନ କରିପାରିନଥିଲା । ବାବର ଅଧିନାୟକତ୍ୱ ଛାଡ଼ିବା ପରେ ସାହିନ ସାହା ଆଫ୍ରିଦିଙ୍କୁ ଟ୍ୱେଣ୍ଟି-୨୦ ଦଳର ଏବଂ ସାନ ମାସୁଦ୍‌ଙ୍କୁ ଟେଷ୍ଟ ଦଳର ନେତୃତ୍ୱ ଭାର ଦିଆଯାଇଥିଲା । ଜାନୁଆରିରେ ନ୍ୟୁଜିଲାଣ୍ଡ ଗସ୍ତରେ ଆଫ୍ରିଦିଙ୍କ ଦଳ ୧-୪ରେ ପରାସ୍ତ ହୋଇଥିଲା । ଏବେ ବାବରଙ୍କୁ କେବଳ ଧଳାବଲ (ଟ୍ୱେଣ୍ଟି-୨୦ ଓ ଦିନିକିଆ) ଦଳର ଅଧିନାୟକ ନିଯୁକ୍ତ କରାଗଲା ବୋଲି ପିସିବି ଚୟନ ସମିତି ଅଧ୍ୟକ୍ଷ ମୋହସିନ ନକ୍‌ଭି ଏକ୍ସରେ ପୋଷ୍ଟ କରିଛନ୍ତି । ବାବରଙ୍କ ଦାୟିତ୍ୱ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ଆରମ୍ଭ ହେବ । ଏହା ଆସନ୍ତା ମାସରେ ଖେଳାଯିବ । ଏଥି ସହିତ ଜୁନ୍ ମାସରେ ବାବରଙ୍କ ଅସଲ ପରୀକ୍ଷା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ହେବ ।

ଅନ୍ୟପକ୍ଷରେ ଆଡାମ ଭୋଗ୍ସ, ଲ୍ୟୁକ ରୋଞ୍ଚି, ସେନ ୱାଟସନ ଓ ମାଇକ ହେସନଙ୍କ ଭଳି ପ୍ରଶିକ୍ଷକ ତଥା ପୂର୍ବତନ ଖେଳାଳି ପାକିସ୍ତାନର ପ୍ରଶିକ୍ଷକ ହେବାକୁ ମନା କରିବା ପିସିବିକୁ ଅଡୁଆରେ ପକାଇଛି । ବୋର୍ଡ ଏବେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ପ୍ରଶିକ୍ଷକ ଗ୍ୟାରି କର୍ଷ୍ଟନ ଏବଂ ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର୍ ଜାସନ ଜିଲେସ୍ପିଙ୍କ ସହ ଆଲୋଚନା ଆରମ୍ଭ କରିଛି ।

# ପରିବର୍ତ୍ତନ ହେବ କୋଲକାତା-ରାଜସ୍ଥାନ ମ୍ୟାଚ୍ ତାରିଖ!

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୭ତମ ସିଜନ ଆରମ୍ଭ ହୋଇ ଯାଇଛି । ଏପର୍ଯ୍ୟନ୍ତ ୧୪ଟି ମ୍ୟାଚ ଖେଳାଯାଇଛି । ଏହି ସମୟରେ କେକେଆର ଏବଂ ରାଜସ୍ଥାନ ମ୍ୟାଚ୍‌କୁ ନେଇ ଏକ ଖରାପ ଖବର ସାମ୍ନାକୁ ଆସିଛି । ବାସ୍ତବରେ କୋଲକାତା ଏବଂ ରାଜସ୍ଥାନ ମଧ୍ୟରେ ହେବାକୁ ଥିବା ମ୍ୟାଚକୁ ନେଇ ସଙ୍କଟ ଦେଖାଯାଇଛି । ଏପ୍ରିଲ ୧୭ରେ ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସର ଘରୋଇ ମ୍ୟାଚ ଉପରେ ସମସ୍ୟା ଦେଖାଦେଇଛି । ୧୭ ଏପ୍ରିଲରେ କେକେଆର୍ ନିଜ ଘର ଗ୍ରାଉଣ୍ଡରେ ରାଜସ୍ଥାନ ରୟାଲ୍ସକୁ ସାମ୍ନା କରିବାକୁ ପଡିବ । ତେବେ ଏହି ସମୟରେ ଖବର ରହିଛି କି ଏହି ମ୍ୟାଚ୍ ରିସିଡ୍ୟୁଲ ହୋଇପାରେ । ଏହି ମ୍ୟାଚକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବ କିମ୍ବା ଏହି ମ୍ୟାଚ୍ ଅନ୍ୟ ଦିନରେ ଖେଳାଯାଇପାରେ । ଏହାର ଅର୍ଥ ଏହି ମ୍ୟାଚ୍‌ର ତାରିଖ ପରିବର୍ତ୍ତନ କରାଯାଇପାରେ । ରିପୋର୍ଟ ଅନୁଯାୟୀ, ଫ୍ରାଞ୍ଚାଇଜ, ରାଜ୍ୟ ସଙ୍ଗଠନ ଏବଂ ପ୍ରସାରଣକାରୀଙ୍କ ସମେତ ସମସ୍ତ ଦଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ।

# ଦିନେଶଙ୍କ ଲଜ୍ଜାଜନକ ରେକର୍ଡର ସମକକ୍ଷ ହେଲେ ରୋହିତ

**ମୁମ୍ବାଇ**

ଆଇପିଏଲ୍ ୨୦୨୪ର ୧୪ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)ର ବ୍ୟାଟ୍ସମ୍ୟାନ ମାନେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)ର ବୋଲରଙ୍କ ସାମ୍ନା ନ କରି ପାରି ଧରାଶାୟୀ ହୋଇଛନ୍ତି । ସୋମବାର ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡ଼ିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ରୋହିତ ଶର୍ମା ଗୋଲ୍ଡେନ ଡକ୍‌ରେ ଆଉଟ ହୋଇ ଏକ ଲଜ୍ଜାଜନକ ରେକର୍ଡ କରିଛନ୍ତି । ଏନେଇ ପ୍ରଶଂସକ ରୋହିତଙ୍କୁ ସୋସିଆଲ ମିଡ଼ିଆରେ ଟ୍ରୋଲ କରିଛନ୍ତି । ଏହାକୁ ନେଇ ରୋହିତଙ୍କ ନାମରେ ଆଇପିଏଲ୍‌ରେ ଲଜ୍ଜାଜନକ ରେକର୍ଡ ହୋଇଛି । ଇତିମଧ୍ୟରେ ସେ ଆଇପିଏଲ୍‌ରେ ୧୭ ଥର ଗୋଲ୍ଡେନ ଡକ୍‌ରେ ଆଉଟ୍ ହୋଇଛନ୍ତି । ଏହା ପୂର୍ବରୁ ଏହି ରେକର୍ଡ ଦିନେଶ କାର୍ତ୍ତିକଙ୍କ ନାମରେ ଥିଲା । ସେ ମଧ୍ୟ ୧୭ ଥର ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ । ଏବେ ରୋହିତ ଦିନେଶଙ୍କ ଲଜ୍ଜାଜନକ ରେକର୍ଡ ସହ ସମକକ୍ଷ ହୋଇଛନ୍ତି । ରୋହିତଙ୍କଠାରୁ ଏକ ଉଲ୍ଲେଖନୀୟ ବ୍ୟାଟିଂ ଲାଇନ ଆଶା କରୁଥିବା ପ୍ରଶଂସକ ନିରାଶ ହୋଇ ରୋହିତଙ୍କ ପ୍ରତି ବିଭିନ୍ନ ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି । ରୋହିତ ଶର୍ମା ମ୍ୟାଚ୍‌ରେ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇ ପାଭିଲିୟନ ଫେରିଥିଲେ । ପୂର୍ବ ମ୍ୟାଚ ଗୁଡ଼ିକରେ ଦଳର ଖରାପ ପ୍ରଦର୍ଶନ ନେଇ ଅସନ୍ତୁଷ୍ଟ ଥିବା ପ୍ରଶଂସକ ରୋହିତଙ୍କୁ ଏଭଳି ବ୍ୟାଟିଂକୁ ନେଇ ସୋସିଆଲ ମିଡ଼ିଆରେ ତାଙ୍କୁ ଟ୍ରୋଲ କରିଛନ୍ତି ।





# ପରଲୋକରେ ବିଶିଷ୍ଟ ଗାୟିକା ଶାନ୍ତିଲତା ବାରିକ : ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପରଲୋକରେ ବିଶିଷ୍ଟ ଗାୟିକା ଶାନ୍ତିଲତା ବାରିକ। ଦୀର୍ଘ ଦିନ ଧରି କ୍ୟାନସରରେ ପୀଡ଼ିତ ଥିଲେ ଶାନ୍ତିଲତା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ ଶାନ୍ତିଲତା। ଅନେକ ଲୋକପ୍ରିୟ ଭଜନ ଗାଇଥିବା ଶାନ୍ତିଲତା ଓଡ଼ିଶାର ଘରେ ଘରେ ଖୁବ୍ ପରିଚିତ।
ଶାନ୍ତିଲତା ବାରିକ ଛୋଟରାୟ ଓଡ଼ିଆ ଭକ୍ତି ସଂଗୀତର ଜଣେ ଅତି ପରିଚିତ ନାଁ। ଶାନ୍ତିଲତା ବାରିକ ଛୋଟରାୟ ଓଡ଼ିଆ ଭକ୍ତି ସଙ୍ଗୀତର ଜଣେ ଅତି ପରିଚିତ ଓ ଆପଣାର ନାଁ। ନିଜ କଣ୍ଠର ଯାଦୁଗରୀରେ ଅପୂର୍ବ ଭକ୍ତି ଭାବନା ଯୋଡ଼ି ସେ ଯେଉଁ ସଙ୍ଗୀତ ପରିବେଷଣ କରନ୍ତି, ତାହା ଶ୍ରୋତାଙ୍କ ଭିତରେ ଭକ୍ତି, ସମର୍ପଣ ଏବଂ ଭଗବାନ ଚେତନା ସୃଷ୍ଟି କରିଥାଏ। କୋଟିକୋଟି ଓଡ଼ିଆଙ୍କ ହୃଦୟରେ ସେ ଗ୍ରହଣ କରିଥିଲେ ସ୍ୱତନ୍ତ୍ର ସ୍ଥାନ।
ଶାନ୍ତିଲତାଙ୍କ ଭଜନ ଓଡ଼ିଶାର କଳା, ସଂସ୍କୃତି ଏବଂ ଶ୍ରୀ ଜଗନ୍ନାଥଙ୍କ ସହ ଲୋକଙ୍କୁ ଯୋଡ଼ିବାରେ ସକ୍ଷମ ହୋଇଥିଲା। 'ହେ ଚକାନୟନ', 'ମୁଁ ଯେ ଦେଉଳ ବେଢ଼ା ଦୀପ,' 'ଏକା ମୋ ଜଗା ସବୁରି ମୂଳ,' ଆଦି ହେଉଛି ଶାନ୍ତିଲତାଙ୍କ ଜନପ୍ରିୟ ଭଜନ। ତାଙ୍କର ଅଧିକାଂଶ ଗୀତ କାଳିଆ ସାଆନ୍ତ ଏବଂ ଶ୍ରୀକୃଷ୍ଣଙ୍କ ଲାଗି ସମର୍ପିତ। ଭକ୍ତି ସଂଗୀତର ଯାଦୁକରୀରେ ସେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ୱର୍ଗତ ଶାନ୍ତିଲତା ବାରିକଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଶାନ୍ତିଲତାଙ୍କ ଭଜନ ତାଙ୍କୁ ଅମର କରି ରଖିବ ବୋଲି କହିଛନ୍ତି ନବୀନ। ଲୋକପ୍ରିୟ ଭଜନ ଗାୟିକା ଶାନ୍ତିଲତା ବାରିକ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଥିଲେ। ଭାବପୂର୍ଣ୍ଣ କଣ୍ଠରେ ଗାଇଥିବା ଜଗନ୍ନାଥ ଭଜନ ପାଇଁ ଓଡ଼ିଶାର ଘରେ ଘରେ ସେ ସୁପରିଚିତ ଥିଲେ। ତାଙ୍କ ଭଜନ ଥିଲା ଭକ୍ତି ଓ ସମର୍ପଣର ସଂଗୀତମୟ ନିବେଦନ। ତାଙ୍କ ସ୍ୱର ପରିବେଶକୁ ଭକ୍ତିମୟ କରିବା ସହ ଶ୍ରୋତାଙ୍କ ହୃଦୟରେ ଭାବାବେଗ ସୃଷ୍ଟି କରି ପାରୁଥିଲା। ତାଙ୍କର ବିୟୋଗ ଓଡ଼ିଶାର ସାଂସ୍କୃତିକ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶାନ୍ତିଲତା ବାରିକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ନବୀନ।

# ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭାରତୀୟ ରେଳ ଇଞ୍ଜିନିୟର୍ସ ସେବା (ଆଇଆରଏସଇ)ର ଅଧିକାରୀ ଶ୍ରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଭାବରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି।
ଶ୍ରୀ ବେହେରା ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ ବୁର୍ଲା, ସମ୍ବଲପୁର ଠାରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ସାମୁଦ୍ରିକ ଇଞ୍ଜିନିୟରିଂରେ ଆଇଆଇଟି ମାଡ୍ରାସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଭାରତୀୟ ରେଳବାଇରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ବିସ୍ତୃତ ଓ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି।
ଶ୍ରୀ ବେହେରା ରେଳବାଇରେ ତାଙ୍କର ସେବା ମଧ୍ୟରେ ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ୍ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ୍ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ। ଉଲ୍ଲେଖନୀୟ ଭୂମିକାରେ ସେ ରାଇଟ୍ସ, ଭୁବନେଶ୍ୱରରେ ଗ୍ରୁପ୍ ଜେନେରାଲ୍ ମ୍ୟାନେଜର ଏବଂ ପାଟନା ଏବଂ ମୁଙ୍ଗେରରେ ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ୍ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଅନ୍ତର୍ଭୁକ୍ତ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକ ମଧ୍ୟରେ ସେ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଇତ୍ୟାଦି କ୍ରୟବଯବଭସ ଗୁଡିକରେ କାର୍ଯ୍ୟରତ ଥିଲେ।

# ବିଜେପି ମୋ ପାଇଁ ନୂଆ ଘର ନୁହେଁ ବୋଲି କହିଲେ ଭର୍ତ୍ତୃହରି

**କଟକ, ନ୍ୟୁଜ ବ୍ୟୁରୋ**

ଚଳିତ ଲୋକସଭା ନିର୍ବାଚନ ବିଜେପି ଟିକେଟରେ କଟକ ଆସନରୁ ଲଢ଼ିବେ ଭର୍ତ୍ତୃହରି ମହତାବ। ଦିଲ୍ଲୀରେ ବିଜେପିରେ ସାମିଲ ହେବା ପରେ କଟକ ଫେରିଛନ୍ତି ଭର୍ତ୍ତୃହରି। ତାଙ୍କୁ ଦଳୀୟ କର୍ମୀମାନଙ୍କ ଦ୍ୱାରା ସ୍ୱାଗତ କରାଯିବା ପରେ ସେ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ସମସ୍ୟାକୁ ବିଜେପି ଦଳ ନିର୍ବାଚନରେ ପ୍ରସଙ୍ଗ କରିବ ବୋଲି କହିଛନ୍ତି ସେ। ଗଣମାଧ୍ୟମକୁ ପ୍ରତିକ୍ରିୟାରେ ସେ କହିଛନ୍ତି,''ଓଡ଼ିଶାରେ ସର୍ବତ୍ର ପରିବର୍ତ୍ତନ ସ୍ୱର ଉଠିଛି। ରାଜ୍ୟରେ ବହୁ ସମସ୍ୟା ରହିଛି। ଏହି ସମସ୍ୟାକୁ ବିଜେପି ନିର୍ବାଚନରେ ପ୍ରସଙ୍ଗ କରିବ। ଓଡ଼ିଶାର ଗର୍ବ ଓ ଗୌରବକୁ ଉଦଜୀବିତ କରିବା ପାଇଁ ଭାରତୀୟ ଜନତା ପାର୍ଟି ଉଦ୍ୟମ ଜାରି ରଖିଛି। ସହରର ଠାରୁ ଗ୍ରାମାଞ୍ଚଳରେ ବିଜେପି କର୍ମୀମାନେ ଏକ ପରିବର୍ତ୍ତନ ସ୍ୱର ଦେଖିବାକୁ ପାଇଲେଣି। ତେଣୁ ରାଜ୍ୟର ହୃତ ଗୌରବକୁ ଫେରାଇ ଆଣିବା ପାଇଁ ବିଜେପି ଦଳ ନିର୍ବାଚନରେ ପ୍ରସଙ୍ଗ କରିବ। ବିଜେଡି ଦଳ ସହିତ ଦୃଢ଼ ମୁକାବିଲା କରିବ। ବିଜୁ ଜନତା ଦଳ ଯେତେବେଳେ ପ୍ରତିଷ୍ଠା କରାଯାଇଥିଲା ସେତେବେଳେ ଦଳର ସ୍ଥିତି ଯାହା ଥିଲା ଏବେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଏପରିକି ଦଳର ନେତା ଓ କର୍ମୀ ମାନଙ୍କୁ ଅଣଦେଖା କରାଯାଉଛି। କର୍ତ୍ତୃପକ୍ଷକୁ ଦୁର୍ବଳ ମନେ ନକରି ଦୃଢ଼ତା ସହିତ ମୁକାବିଲା କରିବାକୁ ପଡ଼ିବ। ଚଳିତ ନିର୍ବାଚନରେ ବିଜେପି ଓଡ଼ିଶାର ନାନାବିଧ ସମସ୍ୟାକୁ ପ୍ରସଙ୍ଗ କରି ନିର୍ବାଚନରେ ଲଢିବ। ନିର୍ବାଚନରେ ବିଜେପି ନିଶ୍ଚିତ ଭାବରେ ସଫଳତା ହାସଲ କରିବ। ସାମ୍ପ୍ରତିକ ସ୍ଥିତିକୁ ନେଇ ନିର୍ବାଚନ ମଇଦାନରେ ଓହ୍ଲାଇବାକୁ ପଡ଼ିବ।'' ପୁରୁଣା ଘର



ଛାଡି ନୂଆ ଘରେ କେମିତି ନିଜକୁ ଖାପଖୁଆଇବେ କରିବେ ବୋଲି ପ୍ରଶ୍ନ କରାଯିବାରୁ, ଭର୍ତ୍ତୃହରି କହିଥିଲେ, ବିଜେପି ଦଳରେ ୧୯୯୮ ମସିହାରେ ବିଜେଡି ଓ ବିଜେପି ତରଫରୁ ମୁଁ ପ୍ରାର୍ଥୀ ଭାବେ ଲଢିଥିଲି। କାନ୍ଧରେ କାନ୍ଧ ମିଶାଇ ସେତେବେଳେ ଭାରତୀୟ ଜନତା ପାର୍ଟିର କର୍ମୀମାନେ ସାମିଲ ଥିଲେ। ୧୯୯୯ ଓ ୨୦୦୪ ରେ ମଧ୍ୟ ଆମେ ମିଶିକି ଲଢିଥିଲୁ। ତେଣୁ ମୋ ପାଇଁ ବିଜେପି ନୂଆ ଘର ନୁହେଁ। ୨୦୦୯, ୨୦୧୪-୧୯ରେ ଅଲଗା ଲଢିଛି। ଏହି ପ୍ରକ୍ରିୟା ଭିତରେ ବିଜେଡି ଦଳ ସେହି ଦଳ ହୋଇ ରହିଲାନାହିଁ।'' ଦିଲ୍ଲୀରୁ ଫେରିବା ପରେ ପ୍ରଥମେ ଭୁବନେଶ୍ୱରରେ ପହଞ୍ଚିଥିଲେ ଭର୍ତ୍ତୃହରି ମହତାବ। କଟକ ପହଞ୍ଚିବା ପରେ ତାଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ସେ ଦଳୀୟ କର୍ମୀମାନଙ୍କ ସହିତ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଜାତନ୍ତ୍ର ଠାରେ ଅନୁଷ୍ଠିତ କର୍ମୀ ଆଲୋଚନା ଚକ୍ରରେ ବିଜେପି ନଗର ସଭାପତି ଲଲାଟେନ୍ଦୁ ବସ୍ତୁ ଏବଂ ଅନ୍ୟାନ୍ୟ କର୍ମୀମାନଙ୍କ ଦ୍ୱାରା ତାଙ୍କୁ ସ୍ୱାଗତ କରାଯାଇଥିଲା। କଟକରୁ ବିଜେଡି ଟିକେଟରେ ୬ ଥର ସାଂସଦ ହୋଇଥିଲେ ଭର୍ତ୍ତୃହରି ମହତାବ। ୨୦୧୭ରେ ଶ୍ରେଷ୍ଠ ସାଂସଦ ଭାବେ ସମ୍ମାନିତ ମଧ୍ୟ ହୋଇଥିଲେ। ବିଜେଡି ଛାଡିବା ପରେ ମାର୍ଚ୍ଚ ୨୮ ତାରିଖରେ ସେ ଦିଲ୍ଲୀ ମୁଖ୍ୟାଳୟରେ ପଦ୍ମ କ୍ୟାମ୍ପରେ ସାମିଲ ହୋଇଥିଲେ।

# ଆଜିଠୁ ଆଧାର ଲିଙ୍କ୍ ନଥିବା ପାନ ବାତିଲ୍ ହେବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଅର୍ଥାତ ଏପ୍ରିଲ ୧ରୁ ଆରମ୍ଭ ହେଉଛି ନୂଆ ଆର୍ଥିକ ବର୍ଷ। ୨୦୨୪-୨୫ ଆର୍ଥିକ ବର୍ଷରେ ବଦଳିଯାଉଛି ଅନେକ ନିୟମ। ପାନକୁ ଆଧାର କାର୍ଡ ସହିତ ସଂଯୋଗ କରିବାର ସମୟସୀମା ଶେଷ ହୋଇଛି। ପାନ-ଆଧାର ଲିଙ୍କ କରିନଥିବା ପାନ୍ ନମ୍ବର ବାତିଲ୍ ହେବ। ସମ୍ପୃକ୍ତ ବ୍ୟକ୍ତି ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କିମ୍ବା କୌଣସି ପ୍ରମୁଖ କାରବାର କରିପାରିବେ ନାହିଁ। ପାନ୍ କାର୍ଡ ସକ୍ରିୟ କରିବା ପାଇଁ ହଜାରେ ଟଙ୍କା ଜୋରିମାନା ମଧ୍ୟ ଦେବାକୁ ପଡିବ। ଏନପିଏସ୍ ଅର୍ଥାତ୍ ଜାତୀୟ ପେନସନ ସିଷ୍ଟମରେ ଏକ ପରିବର୍ତ୍ତନ ହେବାକୁ ଯାଉଛି। ନୂତନ ନିୟମ ଅନୁଯାୟୀ, ଏନପିଏସ୍ ଆକାଉଣ୍ଟରେ ଲଗଇନ୍ କରିବାକୁ ଗ୍ରାହକଙ୍କୁ ଆଧାର ଯାଞ୍ଚ ଏବଂ ମୋବାଇଲରେ ଗ୍ରହଣ କରାଯାଇଥିବା ଓଟିପି ମାଧ୍ୟମରେ ଲଗଇନ୍ କରିବାକୁ ପଡିବ। ଏସବିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଗ୍ରାହକ ଯଦି ଏପ୍ରିଲ ୧ ପରେ ରେଣ୍ଟ୍ ପ୍ରଦାନ କଲେ ତାଙ୍କୁ ଆଉ ରିୱାର୍ଡ ପଏଣ୍ଟ ମିଳିବ ନାହିଁ।
ଏହି ପରିବର୍ତ୍ତନ ଆଜିଠୁ କିଛି କ୍ରେଡିଟ୍ କାର୍ଡରେ ଏବଂ ଅନ୍ୟମାନଙ୍କ ପାଇଁ ଏପ୍ରିଲ୍ ୧୫ରୁ ଲାଗୁ ହେବ। ଅନ୍ୟପଟେ ଏପର୍ଯ୍ୟନ୍ତ ଟିକସ ଦାଖଲ ପଦ୍ଧତି ଚୟନ କରି ନ ଥିବା ଗ୍ରାହକଙ୍କୁ ସ୍ୱୟଂଚାଳିତ ଭାବରେ ନୂତନ ଟିକସ ବ୍ୟବସ୍ଥାରେ ଟିକସ ଦାଖଲ କରିବାକୁ ପଡିବ। ନୂତନ ଟିକସ ବ୍ୟବସ୍ଥା ଅନୁଯାୟୀ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଯୋଗ୍ୟ ବେତନ ଥିବା ଲୋକଙ୍କୁ କୌଣସି ଆୟକର ଦେବାକୁ ପଡିବ ନାହିଁ। ଅନ୍ୟପଟେ ଯଦି ଜଣେ ନିଜର ଚାକିରି ବଦଳାଇବେ ତେବେ ତାଙ୍କର ପୁରୁଣା ଇପିଏଫଓ ଅଟୋ ମୋଡରେ ସ୍ଥାନାନ୍ତରିତ ହେବ। ଏହାର ଅର୍ଥ ହେଉଛି ବର୍ତ୍ତମାନ ଚାକିରି ପରିବର୍ତ୍ତନ ଉପରେ ଗ୍ରାହକଙ୍କୁ ଇପିଏଫଓ ରାଶି ସ୍ଥାନାନ୍ତର ପାଇଁ ଅନୁରୋଧ କରିବାକୁ ପଡିବ ନାହିଁ। ଏହାଛଡ଼ା ଯଦି ଗ୍ରାହକ ବ୍ୟାଙ୍କରୁ ତାଙ୍କର କାରର ଫାଷ୍ଟାଗର କେୱାଇସି ଅପଡେଟ୍ କରିନାହାନ୍ତି, ତେବେ ଆଜିଠୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କାରଣ ବିନା କେୱାଇସି ଫାଷ୍ଟାଗ୍ ବ୍ୟାଙ୍କ ଦ୍ୱାରା ନିଷ୍କ୍ରିୟ କିମ୍ବା କଳା ତାଲିକାଭୁକ୍ତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଆ ମାଟିର...

ଇତିହାସ, ଉତ୍କୃଷ୍ଟ କଳା-ଭାସ୍କର୍ଯ୍ୟ, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ନଦୀ-ପର୍ବତବେଷ୍ଟିତ ଭୂଗୋଳ, ସମୃଦ୍ଧ ଭାଷା-ସାହିତ୍ୟ-ସଂସ୍କୃତି-ପରମ୍ପରା, ବିପୁଳ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ଓଡ଼ିଶାକୁ ଭାରତବର୍ଷର ଏକ ଅନନ୍ୟ ଓ ଅନବଦ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିଛି। ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିପୁଷ୍ଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଲେ ଯେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଆଜି ୮୮ ବର୍ଷ ଅତିକ୍ରମ କରିସାରିଛି। ଅନେକ ମହାମନୀଷୀଙ୍କ ଅସୀମ ତ୍ୟାଗ ଓ ବଳିଦାନ ପରେ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲୁ। ଓଡ଼ିଆ ଜାତି କଳିଙ୍ଗ ଯୁଦ୍ଧ ପରେ ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲା। ଆଜି ଓଡ଼ିଆ ଭାଷା ଷଷ୍ଠତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଆମ ସମସ୍ତଙ୍କର ମିଳିତ ପ୍ରୟାସ ଓ ଲକ୍ଷ୍ୟ ରହିଲେ ଓଡ଼ିଶା ନିଶ୍ଚୟ ଏକ ସମୃଦ୍ଧ ଓ ଉନ୍ନତ ରାଜ୍ୟରେ ପରିଗଣିତ ହୋଇପାରିବ ବୋଲି ସେ ମତ ରଖିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ୍ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଓଡ଼ିଶା ଦିବସ ଆଧୁନିକ ଓଡ଼ିଶାର ଇତିହାସରେ ଏକ ମହତ୍ୱପୂର୍ଣ୍ଣ ଦିବସ ବୋଲି ଉଲ୍ଲେଖ କରିଥିଲେ। ସମସ୍ତ ଓଡ଼ିଆଙ୍କ ପାଇଁ ଏହା ଗର୍ବ ଓ ଗୌରବ ତଥା ସ୍ୱାଭିମାନର ଦିବସ। ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓ ନିଃସ୍ୱାର୍ଥପର ନେତୃତ୍ୱ, ତ୍ୟାଗ ଓ ସାଧନାର ଫଳସ୍ୱରୂପ ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଛି। ଏହି ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ଯେଉଁ ବରପୁତ୍ରମାନଙ୍କର ନିଷ୍ପାପର ଅବଦାନ ରହିଛି ସେମାନଙ୍କୁ ଆଜି ସ୍ମରଣ କରିବାର ଦିନ ବୋଲି ସେ କହିଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଶେଷରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଉତ୍କଳ ଜନନୀଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନପୂର୍ବକ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ହୋଇଥିଲା। ସଭା ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୪ ମହାସମାରୋହରେ ପାଳିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଏପ୍ରିଲ ୧୫...

କେନ୍ଦ୍ରୀୟ ସଂସ୍ଥାର ଯୁକ୍ତି ଶୁଣିବା ପରେ ସ୍ୱତନ୍ତ୍ର ଜଜ୍ କାବେରୀ ବଜୋ କେଜ୍ରିୱାଲଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ଅବକାରୀ ନୀତି ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ଇଡି ମାର୍ଚ୍ଚ ୨୧ରେ କେଜ୍ରିୱାଲଙ୍କୁ ଗିରଫ କରିଥିଲା। ପରଦିନ ଟ୍ରାଏଲ କୋର୍ଟ ତାଙ୍କୁ ୬ ଦିନ ପାଇଁ ଇଡି ହାଜତକୁ ପଠାଇଥିଲେ। ପୁଣି ମାର୍ଚ୍ଚ ୨୮ରେ କେଜ୍ରିୱାଲଙ୍କ ଇଡି ହାଜତ ମିଆଦ ଆଉ ୪ ଦିନ ବଢ଼ାଇଥିଲେ କୋର୍ଟ।

## ପଶ୍ଚିମବଙ୍ଗ ଓ ଛତିଶଗଡ଼ ...

ଦୃଷ୍ଟିରେ ରଖି ସୀମାନ୍ତ ଅଂଚଳରେ ମିଳିତ ଚଢଉ, ବେଆଇନ ଚାଲାଣର ମାର୍ଗ ଚିହ୍ନଟ, ଗୁଇନ୍ଦା ସୂଚନା ଆଦାନପ୍ରଦାନ, ସୀମାନ୍ତ ଜିଲ୍ଲାର ଅବକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଏବଂ ଆନ୍ତଃରାଜ୍ୟ ସୀମାର ଉଭୟ ପାର୍ଶ୍ୱରେ ଥିବା ଚେକ୍ ପୋଷ୍ଟଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧିକାରୀମାନଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରି ଅପରାଧୀଙ୍କୁ ଧରିବା ପାଇଁ ଗୁଇନ୍ଦା ସୂଚନା ପ୍ରଦାନ କରିବା, ଯାନବାହନ ଯାଞ୍ଚ ଏବଂ ସୀମାନ୍ତ ଅଞ୍ଚଳରେ ମିଳିତ ଚଢଉ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଛତିଶଗଡ ଅବକାରୀ କମିଶନର ଆର ସଙ୍ଗୀତା ଅବକାରୀ ଅଧିକାରୀମାନଙ୍କୁ ମିଳିତ ଚଢ଼ାଉ ଏବଂ ମଦ ଓ ନିଶା ଦ୍ରବ୍ୟ ଚୋରା ଚାଲାଣ ରୋକିବା ପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୀମାରେ ଥିବା ଆନ୍ତଃରାଜ୍ୟ ସୀମା ଅବକାରୀ ଚେକ୍ ପୋଷ୍ଟର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଆବଶ୍ୟକସ୍ଥଳେ ଅତିରିକ୍ତ ଚେକ୍ ପୋଷ୍ଟ ପ୍ରତିଷ୍ଠା କରାଯାଉ ବୋଲି ୩ଟି ରାଜ୍ୟର ଅବକାରୀ କମିଶନର ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୀମାରେ ଓଡ଼ିଶା ପାର୍ଶ୍ୱରେ ୫ଟି ଅବକାରୀ ଚେକ୍ ପୋଷ୍ଟ କାର୍ଯ୍ୟ କରୁଛି। ସେହିପରି ପଶ୍ଚିମବଙ୍ଗ ପାର୍ଶ୍ୱରେ ୫ଟି ଚେକ୍ ପୋଷ୍ଟ କାର୍ଯ୍ୟ କରୁଛି। ଛତିଶଗଡ଼ରେ ୧୧ଟି ଚେକ୍ ପୋଷ୍ଟ ଥିବା ବେଳେ ଛତିଶଗଡ଼ ସୀମାନ୍ତ ଓଡ଼ିଶାରେ ୧୭ଟି ଚେକ୍ ପୋଷ୍ଟ କାର୍ଯ୍ୟ କରୁଛି। ପଶ୍ଚିମବଙ୍ଗ ଅବକାରୀ କମିଶନର କୌଶିକ ଭଟ୍ଟାଚାର୍ଯ୍ୟଙ୍କୁ ବେଆଇନ ମଦ ଓ ବେଆଇନ ବ୍ରାଉନସୁଗାର କାରବାରର କିଙ୍ଗପିନମାନଙ୍କୁ ଧରିବା ପାଇଁ ଚଢ଼ାଉ କରିବାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା ଏବଂ ପଶ୍ଚିମବଙ୍ଗର ଅବକାରୀ ଅଧିକାରୀମାନେ ଓଡ଼ିଶାରେ ଚଢ଼ାଉ କରିବାକୁ ହେଲେ ସୀମାନ୍ତବର୍ତ୍ତୀ ଜିଲ୍ଲା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅବକାରୀ ଅଧିକାରୀମାନେ ସମାନ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ତଃରାଜ୍ୟ ସୀମା ଚେକ୍ ପୋଷ୍ଟରେ ଚେକିଂ ବେଳେ; ୨,୯୪,୫୦,୦୦୦/- ଟଙ୍କା ମୂଲ୍ୟର ୧୪,୬୦,୦୭୮ ଲିଟର ମଦ, ୮୫,୭୦,୦୦୦/- ଟଙ୍କା ମୂଲ୍ୟର ୮୫୭ କିଲୋ ଗଞ୍ଜେଇ ଏବଂ ୧୭୮ ଟି ଗାଡ଼ିକୁ ଓଡ଼ିଶାର ଅବକାରୀ ଅଧିକାରୀମାନେ ଜବତ କରିଛନ୍ତି।

## ଗୋପବନ୍ଧୁଙ୍କ ଜନ୍ମପୀଠରେ...

ସଂକଳ୍ପ ପୂଜ୍ୟପୂଜା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନବଜାଗରଣ ପାଇଁ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜନ୍ମ ଓ କର୍ମ ଭୂମି ସୁଆଣ୍ଡୋର ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏ ଜାତି ପ୍ରତି ସମର୍ପଣ ଓ ଅସୀମ ତ୍ୟାଗକୁ ଆମର ଉତ୍ତର ପିଢ଼ି ପାଖରେ ପହଞ୍ଚାଇବା ପାଇଁ ସୁଆଣ୍ଡୋ ଗ୍ରାମର ସାମଗ୍ରିକ ବିକାଶ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରର ସଂରକ୍ଷଣ, ଜୀବନ ବୃତାନ୍ତକୁ ଅତ୍ୟନ୍ତ ନିକ୍ଷୁଣ ଭାବରେ ପ୍ରତିପାଦିତ କରାଯାଇ ପାରିଛି। ଶ୍ରୀ ପାଣ୍ଡିଆନ୍ ତାଙ୍କ ଗସ୍ତ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣନାତି ଧିରେନ୍ଦ୍ର ନାଥ ଦାସ ଓ ରବିନ୍ଦ୍ରନାଥ ଦାସଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକାର କରି ସୁଆଣ୍ଡୋ ଗ୍ରାମର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ସୁଆଣ୍ଡୋ ଗ୍ରାମରେ ପ୍ରଭୁ ଲୋକେଶ୍ୱରଙ୍କ ମନ୍ଦିର ବେଢ଼ାରେ ରୋଷଘର, ବଳପୁର ଠାରେ ପ୍ରଭୁ ବାବା ବାଲୁଙ୍କେଶ୍ୱର ପୀଠର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହେବାର ଆଜି ଏହି ପୂଣ୍ୟ ତିଥିରେ ମହାନ ଯୁଗ ପୁରୁଷମାନଙ୍କ ପ୍ରତି ଶ୍ରୀ ଦାସବର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆଜିର ଯୁବ ପିଢି ସେହି ମହାନ ସମାଜ ସଂସ୍କାରକ ମାନଙ୍କ ପ୍ରଦର୍ଶିତ ମାର୍ଗରେ ପ୍ରେରିତ ହେବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଗସ୍ତ ସମୟରେ ସତ୍ୟବାଦୀ ପଞ୍ଚାୟତ ସମିତିର ଅଧକ୍ଷ ସୁନୀଲ କୁମାର ପଣ୍ଡା, ଉପାଧକ୍ଷା ନିବେଦିତା ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରେମାନନ୍ଦ ବେହେରା, ବରିଷ୍ଠ ନେତୃତ୍ୱ ପ୍ରମୋଦ ରାଉତରାୟ, ଦେବାଶିଷ ରାୟ, ସତ୍ୟବାଦୀ ଆମ୍ବା କମିଟିର ଅଧକ୍ଷ ମହମ୍ମଦ ଜିକିରିୟା, ସ୍ଥାନୀୟ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ଦୁଃଶାସନ ପ୍ରଧାନ, ସମିତି ସଭ୍ୟ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଅଞ୍ଚଳବାସୀଙ୍କ ତରଫରୁ ଶ୍ରୀ ପାଣ୍ଡିଆନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଆପଣଙ୍କ ଘର ନାଁ ...

ବ୍ୟବହାର କଲେ ଏହି ବାସ୍ତବତା ବଦଳିବ ନାହିଁ ବୋଲି ଏଥିରେ କୁହାଯାଇଛି। ଚୀନ ଅରୁଣାଚଳ ପ୍ରଦେଶକୁ ଜାଙ୍ଗନାନ ବୋଲି କହିବା ସହ ରାଜ୍ୟକୁ ଦକ୍ଷିଣ ତୀବ୍ବତର ଅଂଶ ବୋଲି ଦାବି କରୁଛି। ମନ୍ତ୍ରଣାଳୟର ଅଫିସିଆଲ ୱେବସାଇଟରେ ଅରୁଣାଚଳପ୍ରଦେଶର ୩୦ଟି ସ୍ଥାନର ଚୀନ ନାମ ମଧ୍ୟ ପୋଷ୍ଟ କରାଯାଇଥିଲା। ଏହି ତାଲିକା ମେ' ପହିଲାରୁ ଲାଗୁ ହେବ। ଏହାକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଗତମାସରେ ପ୍ରଧାନମନ୍ତ୍ରୀ ମୋଦି ଅରୁଣାଚଳ ଗସ୍ତରେ ଯିବା ପରେ ଚୀନ ପ୍ରବଳ ପ୍ରତିକ୍ରିୟା ପ୍ରକାଶ କରିଥିଲା।

## ଦେଶରେ ବଢ଼ିବନି ...

ଇନଫ୍ରାଷ୍ଟ୍ରକଚର, ଅଶୋକ ବିଲଡକନ ପରି ହାଇୱେ ଅପରେଟରମାନଙ୍କୁ ଫାଇଦା ପହଞ୍ଚାଇଥାନ୍ତା। କିନ୍ତୁ ଅନ୍ୟପଟେ ଏହା ସାଧାରଣ ଯାତ୍ରୀମାନଙ୍କୁ ମହଙ୍ଗା ପଡ଼ିଥାନ୍ତା। ଏହା ଜନଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଟୋଲ୍ ଦେୟ ବୃଦ୍ଧି ପ୍ରସ୍ତାବକୁ ସରକାର ସ୍ଥଗିତ ରଖିଛନ୍ତି।

## ଦୁର୍ଗମ ଅଞ୍ଚଳରେ...

ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ଓ କଲେଜ ଯିବା ପାଇଁ ଅଟୋର ସାହାଯ୍ୟ ନେବାକୁ ପଡୁଥିଲା। ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ଏବେ ବସରେ ୫ ଟଙ୍କାରେ ସହରକୁ ଯାତ୍ରା କରୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ଯାତ୍ରୀ। ଲକ୍ଷ୍ମୀବସ ଜରିଆରେ ଗ୍ରାମାଞ୍ଚଳର ଲୋକ ଉପକୃତ ହେଉଛନ୍ତି। ଏଥିସହିତ ଗାଁର ଶିକ୍ଷିତ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରିଛି ଲକ୍ଷ୍ମୀ ବସ୍। ବସରେ କଣ୍ଡକ୍ଟର ଓ ସୁପରଭାଇଜର ପଦବୀରେ ନିଯୁକ୍ତ ହେଉଛନ୍ତି ମହିଳା। ମାସିକ ରୋଜଗାର କରୁଛନ୍ତି ୧୩ ହଜାର ଟଙ୍କା। ସେହିପରି ଭାବେ ଡ୍ରାଇଭର ମାନେ ପୂର୍ବରୁ ଘରୋଇ ଗାଡିରେ କାର୍ଯ୍ୟ କରି ନିଜ ପରିବାର ଗୁଜରାଣ ମେଣ୍ଟାଇବା କଷ୍ଟ ଦାୟକ ହେଉଥିଲା। ବର୍ତ୍ତମାନ ଲକ୍ଷ୍ମୀ ବସରେ ଦାୟିତ୍ୱ ପାଇବା ପରେ ମାସିକ ସ୍ଥାୟୀ ଦରମା ନିଶ୍ଚିତ ରହୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ଡ୍ରାଇଭର।

## ଓଡ଼ିଶା ଦିବସ...

ଓ ସମୃଦ୍ଧି ପାଇଁ ରାଜ୍ୟ ଓ ରାଜ୍ୟବାସୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ, ଏହା ମୋର ଆନ୍ତରିକ କାମନା। ସେହିପରି ଉତ୍କଳ ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମସ୍ତଙ୍କୁ ଉତ୍କଳ ଦିବସର ହାର୍ଦ୍ଦିକ ଶୁଭେଚ୍ଛା। ଏହି ଦିନ ଆମକୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ଏବଂ କର୍ମତତ୍ପର ଜନସାଧାରଣଙ୍କ ବିଷୟରେ ସ୍ମରଣ କରାଇଥାଏ। ରାଷ୍ଟ୍ରର ପ୍ରଗତିରେ ରାଜ୍ୟର ଉଲ୍ଲେଖନୀୟ ଯୋଗଦାନ ରହିଛି। ମୁଁ ଓଡ଼ିଶାବାସୀଙ୍କ ସଫଳତା ଓ ସମୃଦ୍ଧି କାମନା କରୁଛି।

## ନିର୍ବାଚନ ଲଢ଼ିବାକୁ...

ପ୍ରାର୍ଥୀ ଚୟନ ପାଇଁ ଦୀର୍ଘ ଦିନ ଧରି ବୈଠକ ବସୁଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଉଭୟ ବିଜେପି ଏବଂ ବିଜେଡ଼ିରେ ମିଶ୍ରଣ ପର୍ବ ଏବଂ ଦଳଦିଆଁଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଜାରି ରହିଛି। ଇତି ମଧ୍ୟରେ କଂଗ୍ରେସରୁ ଦୁଇ ଜଣ ଟାଣୁଆ ନେତା ଚିରଞ୍ଜୀବି ବିଶ୍ୱାଳ ଓ ସୁରେନ୍ଦ୍ର ସିଂ ଭୋଇ ବିଜେଡ଼ିରେ ସାମିଲ ହୋଇଛନ୍ତି। ସେହିପରି ବିଜେପିରୁ ବିଧାୟକ ସୁକାନ୍ତ ନାୟକ ବିଜେଡ଼ିରେ ମିଶିଛନ୍ତି। ଦଳୀୟ ଟିକେଟ୍ ନପାଇବା ଆଶଙ୍କାରେ ନେତାମାନେ ଅନ୍ୟ ଦଳକୁ ଡିଆଁ ମାରୁଛନ୍ତି। କେବଳ ଶାସକ ଦଳକୁ ଛାଡିଦେଲେ ଉଭୟ ବିଜେପି ଏବଂ କଂଗ୍ରେସରେ ନେତାମାନେ ପ୍ରବଳ ବିରୋଧର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଜେପିରୁ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ହୋଇଥିବା ଅପରାଜିତା ଷଡଙ୍ଗୀ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଏବଂ କଟକ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ଭର୍ତ୍ତୃହରି ମହତାବ ଏବେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଦଳୀୟ ନେତା ଓ କର୍ମୀଙ୍କ ଅସନ୍ତୋଷର ସମ୍ମୁଖୀନ ହେଉଥିବା ସୂଚନା ମିଳିଛି। ଏବେ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜେପି ଓ କଂଗ୍ରେସରୁ ନେତାମାନେ ଦଳ ଛାଡି ବିଜେଡ଼ି ମୁହାଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ସମର୍ଥନ ଜଣାଇ ଏହି ନେତାମାନେ ବିଜେଡ଼ି ଶିବିରରେ ଯୋଗଦେବାକୁ ପସନ୍ଦ କରୁଥିବା ଜଣାପଡିଛି। ଏହା ବାଦ୍ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ମଧ୍ୟ ଆଗାମୀ ନିର୍ବାଚନରେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଦେବା ବିଷୟ ଘୋଷଣା କରାଯାଇଛି।

# ୩୨ତମ ଏକଲବ୍ୟ ପୁରସ୍କାର-୨୦୨୪ ନିମନ୍ତେ ଦରଖାସ୍ତ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇାଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' (IMPACT) ତରଫରୁ ସମ୍ମାନଜନକ ୩୨ତମ 'ଏକଲବ୍ୟ ପୁରସ୍କାର ୨୦୨୪' ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ କରାଯାଉଛି।' ଏକଲବ୍ୟ ପୁରସ୍କାର'ହେଉଛି ଓଡ଼ିଶାର ଶ୍ରେଷ୍ଠ ଯୁବକ୍ରୀଡ଼ାବିତ୍ଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡ଼ା ପୁରସ୍କାର, ଯାହାର ନଗଦ ରାଶି ପରିମାଣ ଟ.୫୦୦,୦୦୦/- (ପାଞ୍ଚଲକ୍ଷ ଟଙ୍କା) ରହିଛି। ମୁଖ୍ୟ ପୁରସ୍କାର ଛଡ଼ା ଦୁଇଗୋଟି ଉପ ବିଜେତାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଏ, ଯାହାର ପୁରସ୍କାର ରାଶି ପରିମାଣ ଟ.୧୦୦,୦୦୦/-(ଏକ ଲକ୍ଷଟଙ୍କା) ଲେଖାଏଁ ରହିଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ସ୍ଥିତ କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇ ପାରିବେ। ପ୍ରାର୍ଥୀମାନଙ୍କର ବୟସ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀମାନେ ପ୍ରାଳଭାବେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୪) ମଧ୍ୟରେ ରାଜ୍ୟ ସ୍ତରୀୟ, ଜାତୀୟଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ। ପ୍ରାର୍ଥୀପତ୍ର ଗୁଡ଼ିକ ନିଶ୍ଚିତ ଭାବେ ୩୧ ମେ' ୨୦୨୪ ତାରିଖସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଭୁବନେଶ୍ୱର - ୭୫୧୦୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ। ଏହା ବ୍ୟତୀତ ପ୍ରାର୍ଥୀ ପତ୍ର ଗୁଡ଼ିକର kalabya@imfa.inକୁ ଇ-ମେଲ୍ କରିହେବ ଏବଂ ସହାୟକ ପ୍ରମାଣ ପତ୍ର ଗୁଡ଼ିକୁ ଉପରୋକ୍ତ ଠିକଣାକୁ ଡାକ ମାଧ୍ୟମରେ ପଠାଇବାକୁ ହେବ।

# ଆଇସିଆଇସିଆଇ ବ୍ୟାଙ୍କ ଜାଲିଆତି ମାମଲାରେ ୩ଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**କଟକ, ନ୍ୟୁଜ ବ୍ୟୁରୋ**

ବ୍ୟାଙ୍କ ମ୍ୟାନେଜର ଓ ତାଙ୍କ ସ୍ୱାମୀଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ। ୨୦୨୧ ମସିହା ଢେଙ୍କାନାଳ ଆଇସିଆଇସିଆଇ ବ୍ୟାଙ୍କ ଟଙ୍କା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ସାଇବର ସେଲକୁ ମିଳିଲା ସଫଳତା। ଆକାଉଣ୍ଟରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଫରଜରି ଟଙ୍କା ପୈଠ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହାରି ମଧ୍ୟରେ ଏହି ଘଟଣାର ମୁଖ୍ୟ ଢେଙ୍କାନାଳ ଆଇସିଆଇସିଆଇ ଶାଖାର ଜେନେରାଲ ମ୍ୟାନେଜର ଦାୟିତ୍ୱରେ ଥିବା ସ୍ୱାଗତିକା ସ୍ୱାଇଁ ଓ ତାଙ୍କ ସ୍ୱାମୀ ମନୋଜ ସାହୁଙ୍କ ସମେତ ଡେପୁଟି ବ୍ୟାଙ୍କ ମ୍ୟାନେଜରଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ସୂଚନାନୁଯାୟୀ, ଢେଙ୍କାନାଳ ଆଇସିଆଇସିଆଇ ଶାଖାର ଜେନେରାଲ ମ୍ୟାନେଜର ଦାୟିତ୍ୱରେ ଥିବା ସ୍ୱାଗତିକା ସ୍ୱାଇଁଙ୍କ ସ୍ୱାମୀ ମନୋଜ ସାହୁଙ୍କ ସହ ଅଧିକାଂଶ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରୁଥିଲେ। ଗ୍ରାହକଙ୍କ ସହିତ ଭଲ ସମ୍ପର୍କ ବଜାୟ ରଖିବା, ସେମାନଙ୍କ ବିଶ୍ୱାସ ଜିତିବା ପରେ ବ୍ୟକ୍ତିଗତ ବିବରଣୀ ଆଣି ଅପବ୍ୟବହାର ଆରମ୍ଭ କରିଥିଲେ ଦମ୍ପତି। ଏହି ଘଟଣା ସାମ୍ନାକୁ ଆସିବା ପରେ ତଦନ୍ତର ଭାର ନେଇଥିଲା କ୍ରାଇମବ୍ରାଞ୍ଚ। ତେବେ ଏହି ତଦନ୍ତ ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କ୍ରାଇମବ୍ରାଞ୍ଚ ହାତରେ ଲାଗିଥିବା ସୂଚନା ମିଳିଛି।

# ଗ୍ରୀଷ୍ମ ପ୍ରବାହ ଯୋଗୁଁ ଆଜିଠୁ ଅଙ୍ଗନବାଡ଼ି ସକାଳୁଆ କ୍ଲାସ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ପରିବର୍ତ୍ତନ ହେଲା ଅଙ୍ଗନବାଡ଼ି କେନ୍ଦ୍ରର ସମୟ। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟ ସମୟକୁ ପରିବର୍ତ୍ତନ କରାଯାଇଛି। ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ନିମନ୍ତେ ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟ ସମୟ ସକାଳ ୭ରୁ ୧୧.୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଏନେଇ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଗାଇଡ ଲାଇନ ଜାରି କରାଯାଇଛି। ପ୍ରକାଶଥାଉକି, ଗତ ୩୦ ତାରିଖରେ ରାଜ୍ୟର ସ୍କୁଲ୍ ଗୁଡିକୁ ସକାଳୁଆ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ପାନୀୟ ସହ ଓଆରଏସକୁ ଗୁରୁତ୍ୱ: ଖରା ଓ ଗରମକୁ ଦୃଷ୍ଟିରେ ରଖି ଅଙ୍ଗନବାଡି କେନ୍ଦ୍ରରେ ଶୁଦ୍ଧ ପାନୀୟ ଜଳ ସହ ଯଥେଷ୍ଟ ପରିମାଣର ଓଆରଏସ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜ୍ୟରେ କ୍ରମାଗତ ଭାବେ ବଢୁଥିବା ତାପମାତ୍ରାକୁ ଆଖି ଆଗରେ ରଖି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ପ୍ରତିକାର ଓ ମୁକାବିଲା କରାଯିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।
ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଏହାର ପ୍ରତିକାର ଓ ମୁକାବିଲା କରାଯିବ। ଏ ସଂପର୍କରେ ସ୍ୱତନ୍ତ୍ର ଏସଆରସି ସମସ୍ତ ବିଭାଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଜଳସଂପଦ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।
ସୂଚନାଥାଉକି, ରାଜ୍ୟରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସକାଳୁଆ ସ୍କୁଲ ହେବ। ମଙ୍ଗଳବାର ଅର୍ଥାତ ଏପ୍ରିଲ ୨ ତାରିଖରୁ ସକାଳ ୭ଟାରୁ ଦିନ ୧୧ଟା ୩୦ ସମୟ ପର୍ଯ୍ୟନ୍ତ ପାଠପଢ଼ା ଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-CHG-IC-248-2024

**କାର୍ଯ୍ୟର ନାମ :** 02 (ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଚୟନିତ (Nominated) କୋଚିଙ୍ଗ ଟ୍ରେନ୍‌ଗୁଡ଼ିକରେ ପାଣି ଭରିବା ଏବଂ ଅନ୍ତିମ (Terminating) ଷ୍ଟେସନଗୁଡ଼ିକ ଠାରେ କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ (Interior) ସଫେଇ, କୋଚ୍‌ଗୁଡ଼ିକୁ ବନ୍ଦ କରିବା (Locking) ଏବଂ ଶୌଚାଳୟ ସଫେଇ।

**ବିଜ୍ଞାପିତ ମୂଲ୍ୟ (₹) : 5,28,81,895.40, EMD (₹) : 4,14,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 24 ମାସ।**

ବିଡ୍ ଆରମ୍ଭ ହେବା ତାରିଖ : ତା.02.04.2024ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.04.2024ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ଼

PR-1212/O/23-24

# ଶଙ୍ଖ ଭବନରେ ବିଜେଡିର ଉତ୍କଳ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶଙ୍ଖ ଭବନରେ ବିଜେଡିର ଉତ୍କଳ ଦିବସ ପାଳନ ହୋଇଛି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ଲତିକା ପ୍ରଧାନ ପ୍ରମୁଖ ହୋଇଥିଲେ ସାମିଲ। ଏହି ଅବସରରେ ଅଶୋକ ପଣ୍ଡା କହିଛନ୍ତି ୨୦୨୪ ପର୍ଯ୍ୟନ୍ତ ଆମେ ଓଡ଼ିଆ ଅସ୍ମିତା ଓ ସଂସ୍କୃତି କ୍ଷେତ୍ରରେ ଯେଉଁ ନୀତି ଗ୍ରହଣ





କରାଯାଇଛି ତାହା ଓଡିଶାକୁ ବହୁତ ଆଗକୁ ନେଇଛି। ୨୦୩୬ ବେଳକୁ ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ବହୁତ ଆଗରେ ଥିବ।

ଭୁବନେଶ୍ୱର
୦୨ ଅପ୍ରେଲ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଲାଗିଲା ବାରିକେଡ



**ପୁରୀ, ୧/୦୪ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ବେଆଇନ ଭାବେ ସେବାୟତମାନେ ଭକ୍ତଙ୍କୁ ପ୍ରବେଶ କରାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ପରେ ଭକ୍ତଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା । ସିଂହଦ୍ୱାର ଦେଇ ଯିବା ପାଇଁ ଭକ୍ତ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଥିବା ବେଳେ କିଛି ସେବାୟତ ଓ ପୋଲିସ ଟଙ୍କା ନେଇ ଭକ୍ତଙ୍କୁ ବେଆଇନ ଭାବେ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରାଇବା ଘଟଣାରେ ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଚୁପ୍ ରହିବା ଘଟଣାକୁ ସବୁଆଡେ ନିନ୍ଦା କରାଯାଇଥିଲା । ଏନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ପଶ୍ଚିମ ଦ୍ୱାର ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବାରିକେଡ ବ୍ୟବସ୍ଥା ହୋଇଛି । କେବଳ ସେବାୟତ ଓ ପୁରୀ ବାସିନ୍ଦାଙ୍କୁ ପଶ୍ଚିମଦ୍ୱାର ଦେଇ ପ୍ରବେଶ ନେଇ ଅନୁମତି ଦିଆଯାଇଛି । ନିଜେ ପୁରୀ ସିଟି ଡିଏସ୍‌ପି ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ଅନୁଧ୍ୟାନ କରିଛନ୍ତି । ତେବେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ନେଇ ଭକ୍ତମାନେ ଦାବି କରୁଥିବା ବେଳେ ପୁରୀ ଜିଲ୍ଲାପାଳ କହିଛନ୍ତି ଯେ, ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ହେବ । କମିଟି ଯାହା ନିଷ୍ପତ୍ତି ନେବ ତାହା କାର୍ଯ୍ୟକାରୀ କରାଯିବ । ସେପଟେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି ଯେ, ପଶ୍ଚିମ ଦ୍ୱାର ପଟେ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ପୁରୀ ବାସିନ୍ଦା, ସେବାୟତ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବେ । ଅନ୍ୟ ସମସ୍ତ ଭକ୍ତ ସିଂହଦ୍ୱାର ଦେଇ ପ୍ରବେଶ କରିବେ । ତେବେ ଶ୍ରୀମନ୍ଦିର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ପରେ ଯାହା ନିଷ୍ପତ୍ତି ହେବ । ତେବେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିଦେଲେ ଭକ୍ତଙ୍କ ଭିଡ ନିୟନ୍ତ୍ରଣ ନେଇ ପୋଲିସକୁ ବେଶ୍ ଅସୁବିଧା ହେବାର ଆଶଙ୍କା ରହିଛି । ଶ୍ରୀମନ୍ଦିର ପରିସର ସୀମିତ ଥିବାବେଳେ ଭକ୍ତଙ୍କ ସଂଖ୍ୟା ବେଶ୍ ବଢ଼ି ଯାଇଛି । ଏଣୁ ଶୃଙ୍ଖଳିତ ଦର୍ଶନ ନେଇ ସମସ୍ୟା ଉପୁଜିବା ଆଶଙ୍କା ରହିଛି । ତେବେ ପଶ୍ଚିମ ଦ୍ୱାର ଦେଇ ସବୁ ଭକ୍ତଙ୍କ ପ୍ରବେଶ ନେଇ ଅନୁମତି ଦିଆଗଲେ କିଛି ସମସ୍ୟା ଲାଘବ ହୋଇପାରନ୍ତା । ଏଣୁ ପଶ୍ଚିମ ଦ୍ୱାର ଖୋଲିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ପରେ, ଯାହା କିଛି ନିଷ୍ପତ୍ତି ହେବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କହିଛନ୍ତି ।

# ଉତ୍କଳ ଦିବସରେ ବାଲୁକାକଳାରେ ଶୁଭେଚ୍ଛା ଜଣାଇଲେ ସୁଦର୍ଶନ ପଟ୍ଟନାୟକ




**ପୁରୀ, ୧.୪ ନ୍ୟୁଜ ବ୍ୟୁରୋ**

ସାରା ଓଡ଼ିଶାରେ ସୋମବାର ୮୮ତମ ଉତ୍କଳ ଦିବସ ପାଳନ କରାଯାଇଛି । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ଗର୍ବ ଓ ଗୌରବର ଦିନ । ୧୯୩୬ ମସିହା ଆଜିର ଦିନ ଅର୍ଥାତ୍ ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା । ଭାଷା ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ମିଳିଥିଲା । ଏଭଳି ମାନ୍ୟତା ପାଇବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ଏହାରି ଭିତରେ ୮୮ ବର୍ଷ ପୂରଣ ହୋଇଛି । ଉତ୍କଳ ଦିବସ ପାଇଁ ରାଜଧାନୀର ପ୍ରମୁଖ ସରକାରୀ କାର୍ଯ୍ୟାଳୟକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ବିଧାନସଭା, ଲୋକସେବା ଭବନ, ଖାରବେଳ ଭବନ, ନିର୍ମାଣ ସୌଧ, କମିସନରେଟ୍ ପୁଲିସ ମୁଖ୍ୟାଳୟ ରଙ୍ଗ ବେରଙ୍ଗ ଆଲୋକରେ ଝଲସି ଉଠିଛି । ସେହିପରି କୃଷି ଭବନ, ରିଜର୍ଭ ବ୍ୟାଙ୍କ ଓ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟକୁ ମଧ୍ୟ ସଜା ଯାଇଛି । ସେପଟେ ଏହି ଅବସରରେ ବାଲୁକାକଳାରେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ପୁରୀ ନୀଳାଦ୍ରି ବିଚ୍‌ରେ ଏକ ସୁନ୍ଦର ବାଲୁକା ଚିତ୍ରକଳା ନିର୍ମାଣ କରିଛନ୍ତି । ଏଥିରେ ଓଡ଼ିଶାର ମାନଚିତ୍ର ସହ ଓଡ଼ିଶାର ପ୍ରସିଦ୍ଧ ମନ୍ଦିର, ଐତିହ୍ୟ ସ୍ଥଳୀକୁ ସ୍ଥାନ ଦେଇଛନ୍ତି । ଏହି ବାଲୁକା ଚିତ୍ରକଳା ମାଧ୍ୟମରେ ସୁଦର୍ଶନ ଓଡ଼ିଶାବାସୀଙ୍କ ସଫଳତା, ସମୃଦ୍ଧି କାମନା କରିଛନ୍ତି । ଏହି ଆକର୍ଷଣୀୟ ବାଲୁକାକଳାକୁ ଦେଖିବାକୁ ପ୍ରବଳ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି ।



ଭୁବନେଶ୍ୱର : ରାଜଧାନୀର ସୌନ୍ଦର୍ଯ୍ୟକରଣ ନିମନ୍ତେ ମାଷ୍ଟରକ୍ୟାଣ୍ଟିନ ଛକରେ ଲେଖାଯାଇଥିବା 'ଆଇ ଲଭ୍ ଭୁବନେଶ୍ୱର' ଲେଖା ଉପରେ କେହି ଖଳ ପ୍ରକୃତିର ଦୁର୍ବୃତ୍ତ କଳାରଙ୍ଗ ବୋଲି ଦେଇଛି । ଉକ୍ତ ଘଟଣାକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଉଛି । (ଫଟୋ : ସମ୍ବାଦ କଳିକା)





ଉତ୍କଳ ଦିବସ ପାଳନ ପରିପ୍ରେକ୍ଷୀରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ' ଭି.କେ.ପାଣ୍ଡିଆନ । (ଫଟୋ : ସମ୍ବାଦ କଳିକା)

# ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବା ପାଇଁ ନବୀନଙ୍କୁ ଆଶୀର୍ବାଦ ଦେଲେ ସାଧୁ ସନ୍ଥ



**ଭୁବନେଶ୍ୱର, ୧/୦୪ ନ୍ୟୁଜ ବ୍ୟୁରୋ**

ଷଷ୍ଠଥର ନବୀନଙ୍କୁ ମୁଖ୍ୟମନ୍ତ୍ରୀ ହେବ ପାଇଁ ନବୀନ ନିବାସରେ ସାଧୁ ସନ୍ଥଙ୍କ ଭିଡ ଦେଖିବାକୁ ମିଳିଛି । ସନ୍ଥ ଭୀମ ଭୋଇ ମହିମା ଅଲେଖ ଟ୍ରଷ୍ଟ ପକ୍ଷରୁ ନବୀନ ଓ ୫-ଟି ଅଧ୍ୟକ୍ଷଙ୍କୁ ଆଶୀର୍ବାଦ ଦିଆଯାଇଛି । ଓଡ଼ିଶାର ବିକାଶ କରୁଛନ୍ତି ମୁଖ୍ୟମନ୍ତ୍ରୀ । ତେଣୁ ଆମେ ତାଙ୍କୁ ଆଶୀର୍ବାଦ ଦେଲୁ । ଆଗାମୀ ନିର୍ବାଚନରେ ପୁଣିଥରେ ବିଜୟୀ ହୋଇ ଓଡ଼ିଶାର ବିକାଶକୁ ଆଗକୁ ନିଅନ୍ତୁ ବୋଲି କହିଲେ ସାଧୁ ସନ୍ଥ । ଏଥିସହ ସୋମବାର ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଭେଟିଛନ୍ତି ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା । ରାଜ୍ୟ ସରକାରଙ୍କ ବିକାଶ ଆଭିମୁଖ୍ୟକୁ ସେମାନେ ପ୍ରଶଂସା କରିଛନ୍ତି ।

# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ




**ଭୁବନେଶ୍ୱର ୧।୪ ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍ ପକ୍ଷରୁ ସୋମବାର ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ବକ୍ତବ୍ୟ ଦେଇ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଥିବା ବେଳେ କିଟ୍ ଓ କିସ୍ ପ୍ରତିଷ୍ଠା ହେବାଠାରୁ ଓଡ଼ିଶାର ବିକାଶ ଧାରାରେ ଏହି ଦୁଇ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଆସିଛି ବୋଲି କହିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଓ ସାହିତ୍ୟ ଆଦିର ବିକାଶ ଦିଗରେ କିଟ୍ ଓ କିସ୍‌ର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ଏହି ଧାରା ଭବିଷ୍ୟତରେ ମଧ୍ୟ ବଜାୟ ରହିବ ବୋଲି ଡ. ସାମନ୍ତ କହିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଓଡ଼ିଆମାନଙ୍କ ଭଲ ପାଇବା ଓ ଆତିଥ୍ୟର ବେଶ୍ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କିଟ୍ ଓ କିସ୍ କର୍ମଚାରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କିସ୍ ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମଣ୍ଡେଇ ନୃତ୍ୟ, ସାନ୍ତାଳୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ଅପରାହ୍ନରେ କିସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଫେସର ଏମେରିଟସ୍‌ମାନଙ୍କ ଉପସ୍ଥିତିରେ ଉତ୍କଳ ଦିବସ ପାଳନ କରାଯାଇଥିଲା ।

# ବିଜେପିରେ ମିଶିଲେ ଅନୁଭବ ମହାନ୍ତି



**ଭୁବନେଶ୍ୱର, ୧/୦୪ ନ୍ୟୁଜ ବ୍ୟୁରୋ**

ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ସୋମବାର ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି । ଦିଲ୍ଲୀ ମୁଖ୍ୟାଳୟରେ ସେ ବିଜେପି ଜାତୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି । ଦୁଇଦିନ ତଳେ ସେ ବିଜୁ ଜନତା ଦଳ (ବିଜେଡି)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଏହା ପରେ ସେ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା । ଓଡ଼ିଆ ସିନେ ଜଗତର ଏହି ଜଣାଶୁଣା ତାରକା ପୂର୍ବରୁ ବିଜେଡି ଟିକେଟରେ ଥରେ ରାଜ୍ୟସଭା ଯାଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ଚର୍ଚ୍ଚିତ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ । ୨୦୧୯ରେ ବିଜେପିର ହେଭିୱେଟ ବୈଜୟନ୍ତ ପଣ୍ଡାଙ୍କୁ ପରାଜିତ କରିଥିଲେ ଅନୁଭବ । ପରବର୍ତ୍ତୀ ସମୟରେ ଦାମ୍ପତ୍ୟ ବିବାଦରେ ଛନ୍ଦି ହୋଇଥିବା ଅନୁଭବଙ୍କୁ ଦଳରେ ସେତେଟା ଗୁରୁତ୍ୱ ମିଳିନଥିଲା । ଏଥର ତାଙ୍କ ସ୍ଥାନରେ ଦଳ ଅଂଶୁମାନ ମହାନ୍ତିଙ୍କୁ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଘୋଷଣା କରିଛି । ଦୁଇଦିନ ପୂର୍ବେ ବିଜେଡିରୁ ଇସ୍ତଫା ଦେଇଥିବା ଅନୁଭବ ବିଜେପିରେ ସାମିଲ ହୋଇଛନ୍ତି । ସେ ବିଧାୟକ ପ୍ରାର୍ଥୀ ଭାବେ ବିଜେପି ଟିକେଟରେ ନଜର ଆସିପାରନ୍ତି । କାରଣ ବିଜେପି ରାଜ୍ୟର ସମସ୍ତ ୨୧ ଲୋକସଭା ଆସନରେ ସାଂସଦ ପ୍ରାର୍ଥୀ ଘୋଷଣା କରିସାରିଛି ।

# ଶ୍ରୀମନ୍ଦିରକୁ ପ୍ରବେଶ ଉଦ୍ୟମ କରୁଥିବା ବିଦେଶୀ ପର୍ଯ୍ୟଟକ ଏମ୍ସ ସ୍ଥାନାନ୍ତର



**ପୁରୀ, ୧/୦୪ ନ୍ୟୁଜ ବ୍ୟୁରୋ**

ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଶ୍ରୀମନ୍ଦିର ଭିତରେ ପଶିବାକୁ ଉଦ୍ୟମ କରୁଥିବା ବିଦେଶୀ ପର୍ଯ୍ୟଟକ ଥୋମାସ୍ କ୍ରେଗ୍ ସେଲଡନଙ୍କ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଥିବା ଏସ୍‌ପି ପିନାକ ମିଶ୍ର କହିଛନ୍ତି । ନିଶାଗ୍ରସ୍ତ ଅବସ୍ଥାରେ ବିଦେଶୀ ପର୍ଯ୍ୟଟକ ଗତ ଶନିବାର ଦିନ ସ୍ୱର୍ଗଦ୍ୱାରରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଖବର ପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା । ଆଶ୍ରମ ପରିଚାଳକ ସମୁଦ୍ରକୂଳ ଥାନାକୁ ଆସି ଏକ ଅଣ୍ଡରଟେକିଂ ଲେଖି ବିଦେଶୀ ପର୍ଯ୍ୟଟକଙ୍କୁ ସାଙ୍ଗରେ ନେଇଥିଲେ । ପୁନର୍ବାର ବିଦେଶୀ ପର୍ଯ୍ୟଟକ ଜଣକ ଆଶ୍ରମରୁ ଚାଲି ଆସି ଶ୍ରୀମନ୍ଦିର ଭିତରକୁ ପଶିବାକୁ ଉଦ୍ୟମ ବେଳେ ସେବାୟତଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା । ପରେ ପୋଲିସ ତାଙ୍କୁ ଅଧିକ ପଚରାଉଚରା ପାଇଁ ଟାଉନ ଥାନାକୁ ଆଣିଥିବା ବେଳେ ଥାନା ଭିତରେ ମଧ୍ୟ ବିଦେଶୀ ପର୍ଯ୍ୟଟକ ଜଣକ ହଙ୍ଗାମା କରିଥିଲେ । ପୁରୀ ପୋଲିସ ବିଦେଶୀ ନାଗରିକ ଥୋମାସଙ୍କ ଦେଶର ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଛି । ଏନେଇ ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଏସ୍‌ପି ।

# ରାଜ୍ୟ ପୋଲିସ ପାଳିଛି ୮୯ତମ ପ୍ରତିଷ୍ଠା ଦିବସ : ଯୋଗଦେଲେ ପୋଲିସ ଡିଜି



**କଟକ, ନ୍ୟୁଜ ବ୍ୟୁରୋ**

କଟକରେ ରାଜ୍ୟ ପୋଲିସ ପାଳିଛି ୮୯ତମ ପୋଲିସ ପ୍ରତିଷ୍ଠା ଦିବସ । ଓଏମ୍‌ପି ସ୍ଥିତ ଷଷ୍ଠ ବାଟାଲିୟନ ପଡିଆରେ ପୋଲିସ ଡିଜି ଅରୁଣ ଷଡଙ୍ଗୀ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟର ସଫଳ ପୋଲିସ ଅଧିକାରୀ ମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା । ରାଜ୍ୟରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସକୁ ବେଶ୍ ସଫଳତା ମିଳିଛି । ରାଜ୍ୟର ଅଧିକାଂଶ ଜିଲ୍ଲା ମାଓ ମୁକ୍ତ ହୋଇଯାଇଥିବା ବେଳେ କିଛି ଜିଲ୍ଲାରେ ମାଓବାଦୀଙ୍କୁ ଦମନ କରିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଛି । ପୋଲିସ ଅଧିକରୁ ଅଧିକ ଜନ ସାଧାରଣଙ୍କ ନିକଟତର ହୋଇ ସେବା ପ୍ରଦାନ କରିବାକୁ ଡିଜି ପରାମର୍ଶ ଦେଇଛନ୍ତି । ଏଥି ସହ ଜନ ସାଧାରଣ ମଧ୍ୟ ପୋଲିସକୁ ସହଯୋଗ କରିବା ଆବଶ୍ୟକ ବୋଲି ଡିଜି କହିଛନ୍ତି । ରାଜ୍ୟ ପୋଲିସ ଅପରାଧ ନିୟନ୍ତ୍ରଣ ଓ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଜାତୀୟ ସ୍ତରରେ ବେଶ୍ ପ୍ରଶଂସା ହାସଲ କରିପାରିଛି । ଓଡ଼ିଶା ପୋଲିସର ଟେକ୍ନୋଲୋଜିକୁ ଅଧିକ ଆଗକୁ ନେବା ସହ ଶାଣିତ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଥିବା କହିଛନ୍ତି ପୋଲିସ ଡିଜି ଅରୁଣ ଷଡଙ୍ଗୀ । ତେବେ ଏହି ଅବସରରେ ପଦକ ପାଇଥିବା ପୋଲିସ ଅଧିକାରୀମାନେ କହିଛନ୍ତି ପୋଲିସ ପଦକ ପାଇବା ଏକ ମହତ୍ତ୍ୱପୂର୍ଣ୍ଣ । ଯାହା ପୋଲିସକୁ ଆହୁରି ଅଧିକରୁ ଅଧିକ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥାଏ ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି ।

# ନିର୍ବାଚନରେ ବିଜୟୀ ହୋଇ ପୁଣି କନ୍ଧମାଳର ସେବା କରିବେ ଡ. ଅଚ୍ୟୁତ ସାମନ୍ତ



**ଭୁବନେଶ୍ୱର, ୧/୦୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସ୍ଥିତ କିଟ୍/କିସ୍‌ର ସଂସ୍ଥାପକ ତଥା ୨୦୧୯ରୁ ଆଦିବାସୀ ବହୁଳ କନ୍ଧମାଳର ସାଂସଦ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କୁ ଓଡ଼ିଶାର ବିଜୁ ଜନତା ଦଳ ତାଙ୍କର ନିସ୍ୱାର୍ଥପର ଲୋକସେବାକୁ ଆକଳନ କରି ତଥା ତାଙ୍କ ଉପରେ ବିଶେଷ କରି ତାଙ୍କୁ ୨୦୨୪ ଲୋକସଭା ନିର୍ବାଚନ ନିମନ୍ତେ ନିଜ ଦଳରୁ ପୁର୍ନବାର ପ୍ରାର୍ଥୀ କରିଛି । ଏହି ସୂଚନା ମିଳିବା ପରେ ଅଚ୍ୟୁତ ସାମନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ୫ବର୍ଷ ମଧ୍ୟରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ, କୃଷି, ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସେଲ୍‌ଫ ହେଲ୍‌ପ ଆଦି କ୍ଷେତ୍ରରେ ଅନେକ ବୃଦ୍ଧି ହୋଇଛି । ସାଂସଦ ଅଚ୍ୟୁତ ସାମନ୍ତ ସେଠାର ପ୍ରାୟ ଏକଲକ୍ଷ ଯୁବାବର୍ଗଙ୍କୁ ରୋଜଗାର ଦେଇଛନ୍ତି । ସବୁଠାରୁ ଉତ୍ତମ ମାନର ହଳଦି ଉତ୍ପାଦନ ହେଉଥିବା କନ୍ଧମାଳରେ ଏମ୍‌ଡିଏଚ୍ କମ୍ପାନୀର ସୌଜନ୍ୟରୁ ହଳଦୀ ପ୍ଲାଣ୍ଟ ତିଆରି କରିବା ଭୁବନେଶ୍ୱର ସ୍ଥିତ ନିଜର ବିଶ୍ୱ ବିଖ୍ୟାତ କିସ୍‌ର ନୂତନ ଶାଖା ଖୋଲିବା, ମହିଳା ସଶକ୍ତି କରଣ, କନ୍ଧମାଳକୁ ବିଭିନ୍ନ କ୍ଷେତ୍ରରୁ ବିକାଶ ସହିତ ଯୋଡିବା ପ୍ରଭୃତି କାର୍ଯ୍ୟ କରିଛନ୍ତି । ପର୍ଯ୍ୟଟନକୁ ବିକଶିତ କରିଛନ୍ତି । କନ୍ଧମାଳର ଜନତାଙ୍କ ପାଇଁ ପାଣି, ବିଜୁଳି, ଆବସ ଆଦି ଯେଭଳି ସମସ୍ତ ସୁବିଧା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅଭୁତପୂର୍ବ ସହଯୋଗରେ ପୂରଣ କରାଯାଇଛି । ଅଚ୍ୟୁତ ସାମନ୍ତ କହିଛନ୍ତି ଯେ, ତାଙ୍କୁ ତାଙ୍କର ସଂସଦୀୟ କ୍ଷେତ୍ର କନ୍ଧମାଳ ପାଇଁ ଆହୁରି ମଧ୍ୟ ବହୁ କିଛି କରିବାର ଅଛି । ଯେଉଁଥି ପାଇଁ ଦଳ ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ତାଙ୍କ ଉପରେ ସେଥିପାଇଁ ପୁନଃ ଆସ୍ଥା ପ୍ରକଟ କରିଛନ୍ତି ଏବଂ ତାଙ୍କୁ ଦ୍ୱିତୀୟ ଥର ସାଂସଦ ପ୍ରାର୍ଥୀ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱରରେ ପ୍ରଫେସର ଅଚ୍ୟୁତ ସାମନ୍ତ ୧୯୯୨-୯୩ ମସିହାରେ ମାତ୍ର ୫ହଜାର ଜମା ପୁଞ୍ଜିକୁ ନେଇ କିଟ୍ ଓ କିସ୍ ସ୍ଥାପନା କରିଥିଲେ । ଆଜି ଏହି କିଟ୍ ଓ କିସ୍ ବିଶ୍ୱ ବିଖ୍ୟାତ ୨ଟି ଡିଏମ୍‌ଡି ବିଶ୍ୱ ବିଦ୍ୟାଳୟ ହୋଇଛି । ଉଭୟ ବିଶ୍ୱ ବିଦ୍ୟାଳୟରେ ପ୍ରାୟ ଏକ ଲକ୍ଷ ଯୁବା ଉତ୍କୃଷ୍ଟ ଶିକ୍ଷା ପାଉଛନ୍ତି । ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ କିଟ୍ ଯଦି ଏକ କର୍ପୋରେଟ୍ ତେବେ କିସ୍ ଏହାର ସାମଜିକ ଦାୟିତ୍ୱ । କାହିଁକି ନାଁ କିସ୍ ବିଶ୍ୱବିଦ୍ୟାଳୟ ବିଶ୍ୱର ପ୍ରଥମ ଆଦିବାସୀ ଆବାସିକ ସଂସ୍ଥାନ ଯେଉଁଠାରେ ପ୍ରତିବର୍ଷ ପ୍ରାୟ ୪୦ ହଜାର ଆଦିବାସୀ ଶିଶୁ ସମସ୍ତ ଆବାସିକ ସୁବିଧା ମାଗଣାରେ ପାଇ କେଜିରୁ ପିଜି ପର୍ଯ୍ୟନ୍ତ ପାଠ ପଢୁଛନ୍ତି । ତଥା ନିଜ ବ୍ୟକ୍ତିତ୍ୱର ବିକାଶ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଚାରି ଚାରିଜଣ ଅଲମ୍ପିୟାନ ତିଆରି କରିଥିବା ଏହା ହେଉଛି ଭାରତର ଏକ ମାତ୍ର ଶିକ୍ଷା ସଂସ୍ଥା । ଯାହାର ସଂସ୍ଥାପକ ହେଉଛନ୍ତି ଅଚ୍ୟୁତ ସାମନ୍ତ । ସେ ଆଦିବାସୀମାନଙ୍କ ପାଇଁ ମେସିହା ସଦୃଶ୍ୟ । ସେ ସନ୍ଥଙ୍କ ଠାରୁ ଆହୁରି ବଡ ସନ୍ଥ । କାରଣ ତାଙ୍କର ସମଗ୍ର ଜୀବନଶୈଳୀ ସଂପୂର୍ଣ୍ଣ ରୂପେ ଏକ ଆଧ୍ୟାତ୍ମିକ ଜୀବନ ।

## ୨୦୨୪-୨୫ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ଜାରି

# ଫେବୃୟାରୀ ଶେଷ ସପ୍ତାହରେ ମାଟ୍ରିକ୍ ପରୀକ୍ଷା

**କଟକ, ୦୧/୦୪, ନ୍ୟୁଜ ବ୍ୟୁରୋ**

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ଜାରି କରାଯାଇଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଜାରି ଏହି କ୍ୟାଲେଣ୍ଡର ଅନୁଯାୟୀ ସମୁଦାୟ ୨୩୧ ଦିନ ପଠପଢ଼ା ହେବ । ଏପ୍ରିଲ୍ ୨ତାରିଖରୁ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେଉଛି । ସମୁଦାୟ ୩୧ଟି ପର୍ବପର୍ବାଣି ଓ ୨ଟି ସ୍ଥାନୀୟ ପର୍ବପର୍ବାଣିରେ ଛୁଟି ପ୍ରଦାନ କରାଯିବ । ହେଲେ ଏହି ପର୍ବପର୍ବାଣିରେ ନୂଆଖାଇ ପର୍ବକୁ ସାମିଲ କରାଯାଇନାହିଁ । ସେହିପରି ଫେବୃୟାରୀ ଶେଷ ସପ୍ତାହରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଦର୍ଶାଯାଇଛି । ନୂତନ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ୫ ତାରିଖ ଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ । ସେହିପରି ମେ ୬ ତାରିଖରୁ ଜୁନ୍ ୧୭ ତାରିଖ ଯାଏଁ ଖରାଛୁଟି ହେବ । ଅକ୍ଟୋବର ୯ତାରିଖରୁ ୧୭ ତାରିଖ ଯାଏଁ ପୂଜା ଛୁଟି ଓ ଡିସେମ୍ବର ୨୩ ତାରିଖରୁ ୩୧ ତାରିଖ ଯାଏଁ ଏକ୍ସମାସ୍ ଛୁଟି ହେବ । ସବୁ ମାସରେ ଷ୍ଟାଫ୍ ମିଟିଂ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି । ଓସେପା ପକ୍ଷରୁ ଜାରି ଏହି ଶିକ୍ଷା କ୍ୟାଲେଣ୍ଡରକୁ ସମସ୍ତ ପ୍ରଧାନଶିକ୍ଷକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡ଼ିଶା ଦିବସ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ



**ଭୁବନେଶ୍ୱର, ୦୧/୦୪ ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ସମ୍ପର୍କିତ ଫଟୋ ଚିତ୍ର ପ୍ରଦର୍ଶନୀ ସ୍ଥାନୀୟ ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତିଙ୍କ ଠାରୁ ଆରମ୍ଭ କରି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଉତ୍କଳ ସମ୍ମିଳନୀ ସହିତ ଜଡ଼ିତ ବ୍ରଜ ସୁନ୍ଦର ଦାସ ଏବଂ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ଫଟୋଚିତ୍ର ସହ ୧୯୩୬ ଏବଂ ବର୍ତ୍ତମାନ ଓଡ଼ିଶାର ମାନଚିତ୍ର ଏଥିରେ ସ୍ଥାନ ପାଇଥିଲା । ଏଥି ସହିତ ଉତ୍କଳ ସମ୍ମିଳନୀ ବିଭିନ୍ନ ଅଧିବେଶନ ଓ ଏ ସମ୍ପର୍କିତ ବିଭିନ୍ନ ଫଟୋଚିତ୍ର ଏଥିରେ ସ୍ଥାନ ପାଇଥିଲା । ଏହି ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର କୁମାର ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ଓ ଏହି ଫଟୋଚିତ୍ର ପ୍ରଦର୍ଶନୀ ଦୁଇଦିନ ଖୋଲା ରହିବ ।